Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 191 ଭାଗ ୩୪ | ସଂଖ୍ୟା ୧୯୧
Friday 2 October 2026 | Page 8 Rs. 5.00
ଭୁବନେଶ୍ୱର ଶୁକ୍ରବାର, ୨ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ସଂଚାର
THE SANCHAR

ପବିତ୍ର ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉପଲକ୍ଷେ ସମସ୍ତ ପାଠକ ପାଠିକା ଓ ବିତରକ, ବିଜ୍ଞାପନଦାତାଙ୍କୁ 'ସଂଚାର' ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ



# ନିୟମିତ ହେଲେ କନିଷ୍ଠ ଶିକ୍ଷକ

## ଜାନୁଆରୀ ୧ରୁ ପିଛିଲା ଭାବେ ଲାଗୁ

ଭୁବନେଶ୍ୱର,୧।୧୦(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ବଡ ଘୋଷଣା। ୨୦୨୩-୨୪ ଶିକ୍ଷାବର୍ଷରେ ନିୟୋଜିତ କନିଷ୍ଠ ଶିକ୍ଷକମାନଙ୍କୁ (ସ୍କିମାଟିକ୍) ନିୟମିତ ଘୋଷଣା କରିଛନ୍ତି ସରକାର। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭାଗୀୟ ବିଜ୍ଞପ୍ତି ଅନୁସାରେ, ନିର୍ଦ୍ଧାରିତ ଯୋଗ୍ୟତା ଓ ସର୍ତ୍ତ ପୂରଣ କରୁଥିବା କନିଷ୍ଠ ଶିକ୍ଷକମାନଙ୍କୁ ଏଲିମେଣ୍ଟାରୀ କ୍ୟାଡରର ଲେଭୁଲ-ଭି-ଏରେ ସହକାରୀ ଶିକ୍ଷକ ଭାବେ ନିୟମିତ କରାଯାଇଛି। ଏହା ଫଳରେ ଦୀର୍ଘଦିନ ଧରି ରେଗୁଲାର ନିଯୁକ୍ତିକୁ ଅପେକ୍ଷା କରିଥିବା କନିଷ୍ଠ ଶିକ୍ଷକମାନଙ୍କୁ ଆଶ୍ୱସ୍ତି ମିଳିଛି।



ଏହି ନିୟମିତକରଣ ପରେ ଶିକ୍ଷକମାନେ ୨୦୨୬ ଜାନୁଆରୀ ୧ ତାରିଖରୁ ପିଛିଲା ଭାବେ ନିୟମିତ ଦରମା ଏବଂ ଅନ୍ୟାନ୍ୟ ସେବାଜନିତ ସୁବିଧା ପାଇବାକୁ ଯୋଗ୍ୟ ହେବେ। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ରାଜ୍ୟର ହଜାର ହଜାର କନିଷ୍ଠ ଶିକ୍ଷକ ଦୀର୍ଘ ଦିନରୁ କରିଆସୁଥିବା ଦାବି ପୂରଣ ହୋଇଥିବାବେଳେ ଶିକ୍ଷକ ମହଲରେ ଖୁସିର ବାତାବରଣ ଖେଳିଯାଇଛି। ଏହା ସହ ନିୟମିତ କ୍ୟାଡରରେ ମିଳିବାକୁ ଥିବା ସୁବିଧା ଓ ସେବା ସମ୍ପର୍କିତ ବ୍ୟବସ୍ଥା ବିଭାଗୀୟ ନିୟମ ଅନୁସାରେ କାର୍ଯ୍ୟକାରୀ ହେବ। କନିଷ୍ଠ ଶିକ୍ଷକମାନଙ୍କ ରେଗୁଲାର ନେଇ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ତେବେ ପ୍ରାରମ୍ଭିକ ଯୋଗଦାନ ତାରିଖଠାରୁ ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଜୁନିୟର ଶିକ୍ଷକମାନେ ଦେଇଥିବା ସେବାକୁ ସ୍କିମାଟିକ୍/କଣ୍ଟ୍ରାକ୍ଟୁଆଲ୍ ସେବା ଭାବେ ଗଣନା କରାଯିବ। ଏହି ଅବଧିକୁ ନିୟମିତ କ୍ୟାଡରର ସିନିୟରିଟି ପାଇଁ ଗଣନା କରାଯିବ ନାହିଁ।









SANCHAR ସଂଚାର

### ଶହେ ବର୍ଷ ପୂର୍ଣ୍ଣକଲା ୟୁପିଏସସି

# ସ୍ମରଣୀୟ ମୁଦ୍ରା ଓ ଡାକ ଟିକେଟର ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧।୧୦:** ଦେଶର ସର୍ବୋଚ୍ଚ ସେବା ନିଯୁକ୍ତି ସଂସ୍ଥା ୟୁନିଅନ୍ ପବ୍ଲିକ ସର୍ଭିସ୍ କମିସନ (ୟୁପିଏସସି) ଏହାର ପ୍ରତିଷ୍ଠାର ଶହେ ବର୍ଷ ପୂର୍ଣ୍ଣ କରିଛି। ଏହି ଅବସରରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଆୟୋଜିତ ଶତାବ୍ଦୀ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଏକ ସ୍ମରଣୀୟ ମୁଦ୍ରା, ଏକ ଡାକଟିକେଟ ଓ ଆୟୋଗର ନୀତି ନିର୍ଦ୍ଧାରଣରେ ଅଦାଲତୀ ରାୟର ପ୍ରଭାବ ସମ୍ବନ୍ଧିତ ଏକ ପୁସ୍ତକ ଲୋକାର୍ପଣ କରିଛନ୍ତି। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଜନସେବା ଓ ନିଯୁକ୍ତି ପ୍ରକ୍ରିୟା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଇଂରେଜ ଶାସନ କାଳରେ ଲର୍ଡ ଲି'ଙ୍କ ଅଧ୍ୟକ୍ଷତାରେ ଗଠିତ ଆୟୋଗର ସୁପାରିଶକ୍ରମେ ପ୍ରଥମ ଥର ପାଇଁ ୧୯୨୬ ମସିହା ଅକ୍ଟୋବର ପହିଲାରେ ଲୋକସେବା ଆୟୋଗ ଗଠନ କରାଯାଇଥିଲା। ସେତେବେଳେ ସାର ରସ୍ ବାର୍କର ଏହାର ପ୍ରଥମ ଅଧ୍ୟକ୍ଷ ଥିଲେ ଓ ଏହାର କାର୍ଯ୍ୟ କେବଳ ପରାମର୍ଶଦାତା ଭାବେ ସୀମିତ ଥିଲା। ପରବର୍ତ୍ତୀ ସମୟରେ ଭାରତ ସରକାର ଅଧିନିୟମ, ୧୯୩୫ ଅନୁଯାୟୀ ଏହାକୁ ସଂଘୀୟ ଲୋକସେବା ଆୟୋଗ (ୟୁପିଏସସି) ଭାବେ ରୂପାନ୍ତରିତ କରାଯାଇଥିଲା।




ଦେଶ ସ୍ୱାଧୀନ ହେବା ପରେ ଏବଂ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ସମ୍ବିଧାନ ପ୍ରଣୟନ ହେବା ପରେ ଏହି ସଂସ୍ଥାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରାଯାଇଥିଲା। ଭାରତୀୟ ସମ୍ବିଧାନର ଚତୁର୍ଦ୍ଦଶ ଅଧ୍ୟାୟର ଦ୍ୱିତୀୟ ଭାଗ ଅନ୍ତର୍ଗତ ୩୧୫ ରୁ ୩୨୩ ଧାରା ମଧ୍ୟରେ ଏହି ସଂସ୍ଥା ସମ୍ବନ୍ଧୀୟ ସମସ୍ତ ବ୍ୟବସ୍ଥା ରହିଛି।

ମୁଖ୍ୟତଃ ୩୨୦ ଧାରା ଅନୁଯାୟୀ ଆୟୋଗ ଦେଶର ବିଭିନ୍ନ କେନ୍ଦ୍ରୀୟ ସେବା ପାଇଁ ପରୀକ୍ଷା ପରିଚାଳନା କରିବା ସହ ସିଧାସଳଖ ନିଯୁକ୍ତି ଏବଂ ସାକ୍ଷାତକାର ଗ୍ରହଣ କରିଥାଏ। ଏହାବ୍ୟତୀତ ପଦୋନ୍ନତି, ପ୍ରତିନିଯୁକ୍ତି ଓ ଶୃଙ୍ଖଳାଗତ ମାମଲାରେ ସରକାରଙ୍କୁ ଆବଶ୍ୟକୀୟ ପରାମର୍ଶ ମଧ୍ୟ ଯୋଗାଇ ଦେଇଥାଏ।

ଦେଶର ସବୁଠାରୁ ପ୍ରତିଷ୍ଠିତ ସିଭିଲ୍ ସର୍ଭିସେସ୍ ପରୀକ୍ଷା ବ୍ୟତୀତ ଏହି ସଂସ୍ଥା ଯନ୍ତ୍ରୀ ସେବା, ମିଳିତ ପ୍ରତିରକ୍ଷା ସେବା, ଜାତୀୟ ପ୍ରତିରକ୍ଷା ଏକାଡେମୀ, ଚିକିତ୍ସା ସେବା ଓ ଭାରତୀୟ ବାଣିଜ୍ୟ ଓ ପରିସଂଖ୍ୟାନ ସେବା ଭଳି ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାମୂଳକ ପରୀକ୍ଷା ସଫଳତାର ସହ ପରିଚାଳନା କରିଆସୁଛି। ଗତ ଏକ ଶତାବ୍ଦୀର ଯାତ୍ରା ମଧ୍ୟରେ ଏହି ସଂସ୍ଥା ଭାରତୀୟ ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏକ ଅତୁଳନୀୟ ଭୂମିକା ଗ୍ରହଣ କରିଛି।

# ସ୍ମିତ ମଛାରଙ୍କୁ 'ଗୁଜରାଟ ଗରିମା ସମ୍ମାନ' ଘୋଷଣା

**ଗାନ୍ଧିନଗର,୧।୧୦:** ଆକାଶ ମାର୍ଗରେ ଏକ ବଡ଼ ବିମାନ ଦୁର୍ଘଟଣାକୁ ଏଡ଼ାଇ ଦେଇଥିବା ସାହସୀ ଭାରତୀୟ ପାଇଲଟ୍ କ୍ୟାପ୍ଟେନ୍ ସ୍ମିତ ମଛାରଙ୍କୁ ଗୁଜରାଟ ସରକାର 'ଗୁଜରାଟ ଗରିମା ସମ୍ମାନ'ରେ ସମ୍ମାନିତ କରିବା ପାଇଁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ଦ୍ୱାରା ଘୋଷିତ ଏହି ମର୍ଯ୍ୟାଦାଜନକ ପୁରସ୍କାରରେ ୨୫ ଲକ୍ଷ ଟଙ୍କା ଏବଂ ପ୍ରଶଂସାପତ୍ର ଅନ୍ତର୍ଭୁକ୍ତ। ତାଙ୍କର ଏହି ଅସାଧାରଣ ସାହସିକତା ଓ ମାନବିକ କାର୍ଯ୍ୟ ପାଇଁ ସାରା ଦେଶରେ ତାଙ୍କୁ ପ୍ରଶଂସା କରାଯାଉଛି। ସେହିଭଳି ଏହି ସାହସିକତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଜଣେ 'ପ୍ରକୃତ ହିରୋ' ବୋଲି ଅଭିହିତ କରିଛନ୍ତି। ଏହାସହ ଆମେରିକା ରାଷ୍ଟ୍ରପତି ଓ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ମଧ୍ୟ ତାଙ୍କ ସାହସକୁ ସଲାମ୍ କରିଛନ୍ତି। ବର୍ତ୍ତମାନ ଚିକିତ୍ସାଧୀନ ଥିବା କ୍ୟାପ୍ଟେନ୍ ସ୍ମିତଙ୍କ ଶୀଘ୍ର ଆରୋଗ୍ୟ କାମନା କରି ବାରାଣସୀର ବାବା ବିଶ୍ୱନାଥ ଧାମ ଓ ସୋମନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ମହାମୃତ୍ୟୁଞ୍ଜୟ ଜପ କରାଯାଉଛି।

**ମୋଦି କହିଲେ ସେ ଜଣେ ହିରୋ**

ବୁଧବାର ଦିନ ଦୁବାଇରୁ ତେଲ୍ ଆଭିଭ୍ ଅଭିମୁଖେ ଯାଉଥିବା ଫ୍ଲାଏଦୁବାଇ ବିମାନର କକପିଟ୍‌ରେ ସହ-ପାଇଲଟ୍‌ଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇ ସ୍ମିତ ଗୁରୁତର ଆହତ ହୋଇଥିଲେ। ମୁଣ୍ଡ ଓ ଶରୀରରେ ଆଘାତ ଲାଗିବା ସତ୍ତ୍ୱେ ସେ ସଂଯମ ହରାଇନଥିଲେ ଓ ଅତ୍ୟନ୍ତ ସଙ୍କଟପୂର୍ଣ୍ଣ ପରିସ୍ଥିତିରେ ବିମାନର କାବୁ ହାତକୁ ନେଇ ୧୭୪ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଅବତରଣ କରାଇଥିଲେ।

## ଆଫଗାନିସ୍ତାନରେ ପାକ୍ ବାୟୁସେନାର ଆକ୍ରମଣ, ୨୨ ମୃତ

● ଦୁଇ ଦିନରେ ପେଶାୱରରେ ପତାକା ଉଡ଼ାଇବୁ: ତାଲିବାନ

**କାବୁଲ,୧।୧୦:** ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ବଢୁଥିବା ସୀମା ବିବାଦ ଏବଂ ଉତ୍ତେଜନା ଏବେ ଚରମ ସୀମାରେ ପହଞ୍ଚିଛି। ଆଫଗାନିସ୍ତାନର ହେଲମଣ୍ଡ ପ୍ରଦେଶର ଗାର୍ମସିର ଜିଲ୍ଲାରେ ପାକିସ୍ତାନୀ ସେନା ପକ୍ଷରୁ କରାଯାଇଥିବା ଏୟାର ଷ୍ଟ୍ରାଇକ୍‌ରେ ୨୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧ ଜଣ ଗୁରୁତର ଆହତ ହୋଇଛନ୍ତି। ପାକିସ୍ତାନ ସେନା ଏହି ଆକ୍ରମଣକୁ ସ୍ୱୀକାର କରିବା ସହ ନିହତ ସମସ୍ତ ବ୍ୟକ୍ତି ଆତଙ୍କବାଦୀ ବୋଲି ଦାବି କରିଛି। ମାତ୍ର କାବୁଲ ଏହାକୁ ଦୃଢ଼ ଭାବେ ଅସ୍ୱୀକାର କରି ଏହା ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ ବୋଲି କହିଛି। ପାକିସ୍ତାନ ଆଫଗାନିସ୍ତାନ ମାଟିରେ ଟିଟିପି ଭଳି ଆତଙ୍କବାଦୀ ଗୋଷ୍ଠୀକୁ ଆଶ୍ରୟ ଦିଆଯାଉଥିବା ଅଭିଯୋଗ କରୁଥିବା ବେଳେ ତାଲିବାନ ଏହାକୁ ଖଣ୍ଡନ କରିଆସୁଛି। ଏହି ସାମରିକ ଆକ୍ରମଣ ପରେ ତାଲିବାନ ସରକାର ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି। ଆଫଗାନିସ୍ତାନର କାର୍ଯ୍ୟକାରୀ ସୀମା ବ୍ୟାପାର ମନ୍ତ୍ରୀ ନୁରୁଲ୍ଲାହ ନୁରି ପାକିସ୍ତାନୀ ସେନା ଓ ଗୁଇନ୍ଦା ସଂସ୍ଥାକୁ ତାଗିଦ୍ କରି କହିଛନ୍ତି ଯେ, ଆଫଗାନିସ୍ତାନର ଇତିହାସରୁ ଶିକ୍ଷା ଗ୍ରହଣ କରି ଆଫଗାନ ଜନସାଧାରଣଙ୍କ ଧୈର୍ଯ୍ୟ ପରୀକ୍ଷା କରାଯାଉ ନାହିଁ। ଯଦି ତାଲିବାନ ଚାହିଁବ, ତେବେ ମାତ୍ର ଦୁଇ ଦିନ ମଧ୍ୟରେ ପାକିସ୍ତାନର ପେଶାୱରରେ ଆଫଗାନ ପତାକା ଉତ୍ତୋଳନ କରାଯାଇପାରିବ। ଆଫଗାନିସ୍ତାନ ପଡ଼ୋଶୀ ସହ ସଂଘର୍ଷ ଚାହୁଁନଥିଲେ ମଧ୍ୟ ଯେକୌଣସି ବିପଦର ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସେ ଚେତାବନୀ ଦେଇଛନ୍ତି।



## ବେଆଇନ୍ ଅସ୍ତ୍ରଶସ୍ତ୍ର ସହ ୬ ଗିରଫ

**ଚଣ୍ଡୀଗଡ଼, ୧।୧୦:** ହରିୟାଣା ପୁଲିସ ନୁହରୁ ଅବୈଧ ଅସ୍ତ୍ରଶସ୍ତ୍ର ସହିତ ୬ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟରେ ସଂଘର୍ଷ ସମୟରେ ହୋଇଥିବା ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଦିଲ୍ଲୀ ଯିବାକୁ ଯୋଜନା କରୁଥିଲେ। ନୁହ ସଦର ପୁଲିସ ସେମାନଙ୍କ ନାଁରେ ଏତଲା ରୁଜୁ କରିଛି। ଅଭିଯୁକ୍ତମାନେ ସୁବେଦିନ, ଫିରୋଜ, ବିଲାଲ, ସାହିଲ, ନସିମ ଓ ପରଭେଜ ଭାବେ ଚିହ୍ନଟ ହୋଇଛନ୍ତି। ପୁଲିସ ଅନୁସାରେ, ଅଭିଯୁକ୍ତମାନେ ସଲାମ୍ବା ଗାଁରେ ଏକାଠି ହୋଇଥିଲେ ଯେଉଁଠାରେ ସେମାନେ ଆକ୍ରମଣ ଯୋଜନା କରୁଥିବା ଅଭିଯୋଗ କରିଥିଲେ।



## ସିରିୟାରେ ଯାତ୍ରୀବାହୀ ବସ୍ ଉପରେ ଗୁଳିମାଡ଼: ୭ ମୃତ



**ଦାମାସକସ୍, ୧।୧୦:** ଉତ୍ତରପଶ୍ଚିମ ସିରିୟାରେ ବୁଧବାର ଏକ ଛୋଟ ଯାତ୍ରୀବାହୀ ବସ୍ ଉପରେ ଅନ୍ଧାଧୁନ୍ ଗୁଳି ମାଡ଼ ଯୋଗୁ ୭ ଜଣ ଲୋକଙ୍କର ମୃତ୍ୟୁ ହୋଇଛି। ବୁଧବାର ବିଳମ୍ବିତ ରାତିରେ ପଶ୍ଚିମ ସିରିଆର ହୋମସ୍ ପ୍ରଦେଶର ମାସିଆଫ୍ ସେତୁ ନିକଟରେ ହୋଇଥିବା ବନ୍ଧୁକ ଆକ୍ରମଣରେ ଚାରି ଜଣ ଆହତ ହୋଇଥିବା ସରକାରୀ ନ୍ୟୁଜ୍ ଏଜେନ୍ସି ସାନା ରିପୋର୍ଟ କରିଛି। ଗୁଳିକାଣ୍ଡର କାରଣ ଜଣାପଡ଼ି ନଥିବାବେଳେ କୌଣସି ଗୋଷ୍ଠୀ ମଧ୍ୟ ହତ୍ୟାକାଣ୍ଡ ପାଇଁ ନିଜକୁ ଦାୟୀ କରିନାହାନ୍ତି। ସିରିୟା ପକ୍ଷରୁ କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀକୁ ମଧ୍ୟ ଦାୟୀ କରାଯାଇନାହିଁ। ମୃତକମାନେ ଏକ କମ୍ପାନିର କର୍ମଚାରୀ, ସେମାନେ କାମରୁ ଘରକୁ ଫେରୁଥିବା ସମୟରେ ଏହି ଆକ୍ରମଣ ହୋଇଥିଲା। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଆଫଗାନିସ୍ତାନରେ ୫.୩ ତୀବ୍ରତାର ଭୂମିକମ୍ପ

**କାବୁଲ,୧।୧୦:** ଗୁରୁବାର ସକାଳେ ଆଫଗାନିସ୍ତାନର ହିନ୍ଦୁକୁଶ ଅଞ୍ଚଳରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର୍ ଜିଓସାଇନ୍ସ ଅନୁଯାୟୀ, ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୫.୩ ଥିଲା। ଭାରତୀୟ ସମୟ ପ୍ରାୟ ସକାଳ ୬: ୫୯ ରେ ଏହି ଭୂମିକମ୍ପ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ୩୬.୦୫ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୬୮.୮୭ ଡିଗ୍ରୀ ପୂର୍ବ ଦ୍ରାଘିମାରେ ଅବସ୍ଥିତ ଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ଭୂପୃଷ୍ଠରୁ ୧୦ କିଲୋମିଟର ଗଭୀରତାରେ ଥିଲା। ସକାଳୁ ଭୂମିକମ୍ପ ହେବାରୁ ଲୋକେ ଭୟରେ ଘରୁ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, କୌଣସି ମୃତାହତ କିମ୍ବା ସମ୍ପତ୍ତି କ୍ଷତିର କୌଣସି ରିପୋର୍ଟ ମିଳିନାହିଁ।

## ପିୟୁସି ନ ଥିଲେ ଦିଲ୍ଲୀରେ ଇନ୍ଧନ ମନା



**ନୂଆଦିଲ୍ଲୀ, ୧।୧୦:** ଗୁରୁବାରଠାରୁ ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସି) ନଥିବା ଗାଡ଼ିକୁ ପେଟ୍ରୋଲ କିମ୍ବା ସିଏନ୍‌ଜି ମିଳିବ ନାହିଁ। ଜାତୀୟ ରାଜଧାନୀ ଅଞ୍ଚଳରେ ପ୍ରଦୂଷଣର ବିଭିନ୍ନ ଉତ୍ସ ବିରୋଧରେ କଠୋର ଓ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବାକୁ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ରାଜ୍ୟ ସରକାର ଓ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ରାଜେଶ ବର୍ମାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସିଏକ୍ୟୁଏମ୍‌ର ସଫେଇ ଓ ପ୍ରବର୍ତ୍ତନ ଉପ-କମିଟିର ୨୬ତମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବରୁ ଜାରି ନିର୍ଦ୍ଦେଶାବଳୀର ସମୀକ୍ଷା କରାଯିବା ସହ ପେଟ୍ରୋଲ ଓ ସିଏନ୍‌ଜି ଷ୍ଟେସନଗୁଡ଼ିକରେ ସ୍ୱୟଂଚାଳିତ ନମ୍ବର ପ୍ଲେଟ୍ ଚିହ୍ନଟ (ଏଏନ୍‌ପିଆର୍) ବ୍ୟବସ୍ଥା ସ୍ଥାପନ ପାଇଁ ପ୍ରସ୍ତୁତିର ମଧ୍ୟ ସମୀକ୍ଷା ହୋଇଥିଲା।

### ପାନମସଲା ସେଲିବ୍ରିଟିଙ୍କୁ ଚ୍ୟାଲେଞ୍ଜ୍

## ଆଗ ନିଜ ପିଲାଙ୍କୁ ଖୁଆଅ



**ମୁମ୍ବାଇ,୧।୧୦:** ପାନ ମସଲା ଓ ଗୁଟଖା ସାମଗ୍ରୀର ବିଜ୍ଞାପନରେ ଅଭିନୟ କରୁଥିବା ବଲିଉଡ୍ ତାରକା ଓ ସେଲିବ୍ରିଟିମାନଙ୍କୁ ମହାରାଷ୍ଟ୍ର ଖାଦ୍ୟ ଓ ଔଷଧ ଗୁଣବତ୍ତା ପ୍ରଶାସନ (ଏଫଡିଏ) କମିଶନର ତୁକାରାମ ମୁଣ୍ଡେ କଡ଼ା ଭାଷାରେ ସମାଲୋଚନା କରିବା ସହ ସେମାନଙ୍କ ଦୋହରା ନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି। ଏକ ସାମ୍ବାଦିକୀୟ କାର୍ଯ୍ୟକ୍ରମରେ ମୁଣ୍ଡେ ସେଲିବ୍ରିଟିମାନଙ୍କୁ ଚ୍ୟାଲେଞ୍ଜ କରି କହିଛନ୍ତି ଯେ, ଯଦି ଆପଣମାନେ ପାନ କିମ୍ବା ଗୁଟଖାର ବିଜ୍ଞାପନ କରୁଛନ୍ତି, ତେବେ ପ୍ରଥମେ ନିଜେ ଏହାକୁ ସେବନ କରନ୍ତୁ, ନିଜ ପିଲାମାନଙ୍କୁ ସେବନ କରାନ୍ତୁ ଏବଂ ସେମାନଙ୍କର ଅଭ୍ୟାସ କରାନ୍ତୁ। ତା'ପରେ ଯାଇ ଅନ୍ୟମାନଙ୍କୁ ଏହା ବ୍ୟବହାର କରିବାକୁ କୁହନ୍ତୁ। ଏହି ପ୍ରସଙ୍ଗରେ ମହାରାଷ୍ଟ୍ର ଏଫଡିଏ ପକ୍ଷରୁ ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍, ଅଜୟ ଦେବଗନ୍ ଓ ଟାଇଗର ଶ୍ରୋଫଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

### ଫର୍ମ ୬ ପରେ ଫର୍ମ ୭କୁ ନେଇ ତେଜିଲା ରାଜନୀତି

# ଟିସିଏସ୍ ଉପରେ ଚାପ ଓ ପଛୁଆ ବର୍ଗଙ୍କୁ କାଟିବା ଅଭିଯୋଗ

**ନୂଆଦିଲ୍ଲୀ/ବେଙ୍ଗାଲୁରୁ,୧।୧୦:** ଦେଶର ନିର୍ବାଚନୀ ପ୍ରକ୍ରିୟା ଓ ଭୋଟର ତାଲିକା ସଂଶୋଧନକୁ ନେଇ ବର୍ତ୍ତମାନ ରାଜନୈତିକ ପାଣିପାଗ ସରଗରମ ରହିଛି। ପ୍ରଥମେ 'ଫର୍ମ ୬' ଓ ବର୍ତ୍ତମାନ 'ଫର୍ମ ୭'କୁ ନେଇ କଂଗ୍ରେସ ଦଳ ପକ୍ଷରୁ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଅଣାଯାଇଛି। ନିର୍ବାଚନୀ ଆଇନ ଓ ପ୍ରକ୍ରିୟାରେ ହେଉଥିବା କଥିତ ଅନିୟମିତତାକୁ ନେଇ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ କେନ୍ଦ୍ର ସରକାରଙ୍କୁ ଘେରିବା ଆରମ୍ଭ କରିଛନ୍ତି।



ନୂତନ ଭୋଟର ପଞ୍ଜୀକରଣ ପାଇଁ ବ୍ୟବହୃତ ହେଉଥିବା 'ଫର୍ମ ୬'କୁ ନେଇ ସୃଷ୍ଟି ହୋଇଥିବା ବିବାଦ ଭିତରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ 'ଏକ୍ସ'ରେ ଅନଲାଇନ୍ ଫର୍ମ ୬ରେ ବେଆଇନ ଭାବେ ପରିବର୍ତ୍ତନ କରିବାକୁ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍)କୁ ନିର୍ବାଚନ କମିଶନଙ୍କଠାରୁ କିଏ ନିର୍ଦ୍ଦେଶ ଦେଇଥିଲା ବୋଲି ପ୍ରଶ୍ନ କରିଛନ୍ତି।

ଏହି ପ୍ରସଙ୍ଗରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ମଧ୍ୟ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ଜେନ୍ ଜି ଭୋଟରମାନଙ୍କୁ ଭୋଟର ତାଲିକାରୁ ବାଦ ଦେବା ଉଦ୍ଦେଶ୍ୟରେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ୨୦୨୬ ଜୁଲାଇ ମଧ୍ୟଭାଗରେ ଅସାମ୍ବିଧାନିକ ଭାବେ ଫର୍ମ ୬ରେ ପରିବର୍ତ୍ତନ କରାଯାଇଥିଲା। ଏହି ସମଗ୍ର ପଦକ୍ଷେପ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ (ନରେନ୍ଦ୍ର ମୋଦୀ ଓ ଅମିତ ଶାହ) ଯୋଡ଼ିଙ୍କ ଦ୍ୱାରା ସଂଗଠିତ ହୋଇଥିଲା ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସେହିପରି 'ଫର୍ମ ୭'କୁ ନେଇ ମଧ୍ୟ ନୂତନ ବିବାଦ ମୁଣ୍ଡଟେକିଛି। ଦେଶରେ ଏସଆଇଆର ପ୍ରକ୍ରିୟା ଜାରି ରହିଥିବା ଅବସରରେ କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର କହିଛନ୍ତି ଯେ, ଏସଆଇଆର ମାଧ୍ୟମରେ ସଂଖ୍ୟାଲଘୁ, ପଛୁଆ ବର୍ଗ, ଅନୁସୂଚିତ ଜାତି (ଏସସି) ଓ ଅନୁସୂଚିତ ଜନଜାତି (ଏସଟି) ସମ୍ପ୍ରଦାୟର ଭୋଟରମାନଙ୍କୁ ଟାର୍ଗେଟ କରାଯାଉଛି। ଏଥିପାଇଁ ବହୁ ସଂଖ୍ୟକ ଫର୍ମ ୭ ଆବେଦନ ଦାଖଲ କରାଯାଉଛି ବୋଲି ସେ ଦାବି କରିଛନ୍ତି।

ବାସ୍ତବରେ ମୃତ୍ୟୁ, ସ୍ଥାୟୀ ବାସସ୍ଥାନ ପରିବର୍ତ୍ତନ, ଡୁପ୍ଲିକେଟ୍ ପଞ୍ଜିକରଣ କିମ୍ବା ଅଯୋଗ୍ୟତା ଭଳି ପ୍ରକୃତ ପରିସ୍ଥିତିରେ କାହାର ନାମ ଭୋଟର ତାଲିକାରୁ ବାଦ୍ ଦେବା ପାଇଁ ଫର୍ମ ୭ ବ୍ୟବହାର କରାଯିବାର ନିୟମ ରହିଛି। ମାତ୍ର ଏହି ଫର୍ମର ଅପବ୍ୟବହାର କରାଯାଇ ବ୍ୟାପକ ହେରଫେର୍ କରାଯାଉଥିବା ଅଭିଯୋଗ ହେଉଛି।

# ନିର୍ବାଚନ ଆୟୋଗଙ୍କୁ ସୁପ୍ରିମ ଶକ୍ତି ଦେଇନି ସଫ୍ଟୱେୟାର

**ପାଣାଜୀ,୧।୧୦:** ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର୍) ଅଧୀନରେ ପ୍ରସ୍ତୁତ ଚିଠା ଭୋଟର ତାଲିକାକୁ ଆଧାର କରି ଆଇନଗତ ପ୍ରକ୍ରିୟା ପାଳନ ନକରି କୌଣସି ଭୋଟରଙ୍କ ନାମ ବାଦ୍ ଦିଆଯାଇପାରିବ ନାହିଁ ବୋଲି ବମ୍ବେ ହାଇକୋର୍ଟଙ୍କ ଗୋଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ନିର୍ବାଚନ ଆବେଦନ ଖାରଜ କରିବା ପାଇଁ ନିର୍ବାଚନ ଆୟୋଗ (ଇସିଆଇ) କେବଳ ନିଜସ୍ୱ ସଫ୍ଟୱେୟାର ସିଷ୍ଟମ ଉପରେ ନିର୍ଭରଶୀଳ ହେବା ପ୍ରସଙ୍ଗରେ କୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଆୟୋଗଙ୍କ କାର୍ଯ୍ୟଶୈଳୀ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ଜଷ୍ଟିସ୍ ଅମିତ ଏସ୍. ଜାମସାଣ୍ଡେକର ଓ ଜଷ୍ଟିସ୍ ବାଲ୍ମୀକି ମେନେଜେସଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ସଫ୍ଟୱେୟାର ଯୋଗୁଁ ଅଧିକାରୀମାନେ ଆବେଦନ ନାକଚ କରିବାକୁ ବାଧ୍ୟ ହେଉଛନ୍ତି ବୋଲି ଆୟୋଗ ଯେଉଁ ଯୁକ୍ତି ଦର୍ଶାଉଛନ୍ତି, ତାହା ଅତ୍ୟନ୍ତ ଚିନ୍ତାଜନକ। ସାନ୍ତା କ୍ରୁଜ୍ ଆସେମ୍ବଲି ନିର୍ବାଚନ ମଣ୍ଡଳୀରେ ନିଜ ନୂତନ ବାସଭବନକୁ ସ୍ଥାନାନ୍ତରିତ ହୋଇଥିବା ପରେଶ ସାଲଗାଓଁକରଙ୍କ ପରିବାରର ୬ ଜଣ ସଦସ୍ୟଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିବା ନେଇ କୋର୍ଟରେ ଆବେଦନ ହୋଇଥିଲା। ବୁଥ୍ ଲେଭଲ୍ ଅଫିସରଙ୍କ ନିର୍ଦ୍ଦେଶକ୍ରମେ ସେମାନେ ଠିକଣା ସଂଶୋଧନ ପାଇଁ 'ଫର୍ମ-୮' ଦାଖଲ କରିଥିଲେ। ମାତ୍ର ଆୟୋଗଙ୍କ ସଫ୍ଟୱେୟାର ସିଷ୍ଟମରେ ଫଟୋ ପରିଚୟ ପତ୍ର ସମ୍ବନ୍ଧୀୟ ତଥ୍ୟ ନଥିବା ଦର୍ଶାଇ ଅଧିକାରୀମାନେ କେବଳ 'ଖାରଜ' ବିକଳ୍ପ ବାଛିଥିଲେ। ପରେ ସେମାନଙ୍କୁ ପୁନର୍ବାର ନୂତନ ଭୋଟର ଭାବେ ନାମ ସାମିଲ ପାଇଁ 'ଫର୍ମ-୬' ଦାଖଲ କରିବାକୁ କୁହାଯାଇଥିଲା। ଏହାକୁ ଅନୁଚିତ ଦର୍ଶାଇ କୋର୍ଟ କହିଛନ୍ତି ଯେ, ଯଦି ଚିଠା ତାଲିକାରୁ ଭୋଟରଙ୍କୁ ବାଦ୍ ଦେଇ ପୁନର୍ବାର ନୂଆ ଆବେଦନ କରିବାକୁ ବାଧ୍ୟ କରାଯିବ, ତେବେ ବୈଧ ଫର୍ମଗୁଡ଼ିକର କୌଣସି ମୂଲ୍ୟ ରହିବ ନାହିଁ।



**ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀକୁ ନେଇ କୋର୍ଟଙ୍କ ତୀବ୍ର ଅସନ୍ତୋଷ**

### ପାକିସ୍ତାନ କହିଲା, କାଶ୍ମୀର ଭାରତର ଅଙ୍ଗ ନୁହେଁ

## କାଶ୍ମୀର ଭାରତର ଥିଲା, ଅଛି ଓ ରହିବ: ଭାରତ




**ଇସଲାମାବାଦ/ଜେନେଭା,୧।୧୦:** ଜାତିସଂଘ ମାନବାଧିକାର ପରିଷଦର ୬୩ତମ ଅଧିବେଶନରେ ପାକିସ୍ତାନ ପୁନର୍ବାର କାଶ୍ମୀର ପ୍ରସଙ୍ଗ ଉତ୍ଥାପନ କରିଛି। ଜେନେଭାରେ ପାକିସ୍ତାନର ପ୍ରଥମ ସଚିବ ଆଦିଲ ମୁମତାଜ ଖୋଖର ଅଭିଯୋଗ କରିଛନ୍ତି ଯେ କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ନୁହେଁ, ବରଂ ଏହା ଏକ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ବିବାଦୀୟ ଅଞ୍ଚଳ। ସେ କାଶ୍ମୀରରେ ସୁରକ୍ଷା ବାହିନୀ ଦ୍ୱାରା ଅତ୍ୟାଚାର ଏବଂ ମାନବାଧିକାର ଉଲ୍ଲଂଘନ ହେଉଥିବା ଦାବି କରି ଜାତିସଂଘର ପ୍ରସ୍ତାବ ଅନୁଯାୟୀ ଏହାର ସମାଧାନ ପାଇଁ ବିଶ୍ୱ ସମୁଦାୟକୁ ଆହ୍ୱାନ ଦେଇଛନ୍ତି। ଏହାର ଜବାବରେ ଭାରତୀୟ କୂଟନୀତିଜ୍ଞ କ୍ଷିତିଜ ତ୍ୟାଗୀ ପାକିସ୍ତାନର ଅଭିଯୋଗକୁ ଦୃଢ଼ କଣ୍ଠରେ ଖଣ୍ଡନ କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ କାଶ୍ମୀର ସର୍ବଦା ଭାରତର ଥିଲା, ଅଛି ଏବଂ ଆଗକୁ ମଧ୍ୟ ରହିବ। ଭାରତ ପକ୍ଷରୁ ପାକିସ୍ତାନର ଏପରି ମିଥ୍ୟା ଓ ଭ୍ରାମକ ପ୍ରଚାରର କଡ଼ା ପ୍ରତିବାଦ କରାଯାଇଛି।

## କୁମାଉଁରେ ଭୟଙ୍କର ଭୂସ୍ଖଳନ

● ପାହାଡ଼ ଧସି ପଡୁଥିବା ଭିଡିଓ ଭାଇରାଲ

**ଡେରାଡୁନ,୧।୧୦:** ଉତ୍ତରାଖଣ୍ଡର କୁମାଉଁ ଅଞ୍ଚଳରେ ଏକ ବଡ଼ଧରଣର ଭୂସ୍ଖଳନ ଘଟିଛି। ଏହି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି ଯେ, କିପରି ଏକ ବିଶାଳ ପାହାଡ଼ କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିଛି ଏବଂ ପଥର ସହ ମାଟିର ବିରାଟ ସ୍ତୂପ ତଳକୁ ଖସିଆସୁଛି। ତେବେ ଏହି ଭୂସ୍ଖଳନ ଯୋଗୁଁ ରାସ୍ତାଘାଟ, ସମ୍ପତ୍ତି କିମ୍ବା ଆଖପାଖ ଜନବସତିରେ କୌଣସି କ୍ଷୟକ୍ଷତି ହୋଇଛି କି ନାହିଁ, ସେନେଇ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଗତ ସପ୍ତାହରେ ରାଜ୍ୟର ନିମ୍ନ ଅଞ୍ଚଳରେ ପ୍ରବଳ ବର୍ଷା ଏବଂ ଉଚ୍ଚ ପର୍ବତାଞ୍ଚଳରେ ପ୍ରଚଣ୍ଡ ତୁଷାରପାତ ରେକର୍ଡ କରାଯାଇଥିଲା।

● ଫ୍ରିଜ୍ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା ମାମଲା

## ଟିଏମସି ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ, ୧।୧୦:** ସୁପ୍ରିମକୋର୍ଟ ତୃଣମୂଳ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିବା ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଶୀର୍ଷକୋର୍ଟ ଦଳର ଫ୍ରିଜ୍ ଆକାଉଣ୍ଟ ପରିଚାଳନା ପାଇଁ ଅନୁମତି ଦେବାକୁ ଟିଏମସି କରିଥିବା ଆବେଦନକୁ ଖାରଜ କରିଦେଇଛନ୍ତି। ନିର୍ବାଚନ କମିସନ ଦଳର ନିର୍ବାଚନ ଚିହ୍ନ ଫ୍ରିଜ୍ କରିଥିବାରୁ ଆକାଉଣ୍ଟ ପରିଚାଳନା କରିବାର ଅଧିକାର କାହାର ଅଛି ତାହା ବର୍ତ୍ତମାନ ନିର୍ଣ୍ଣୟ କରିବାକୁ ପଡ଼ିବ। କୋର୍ଟ କୋଲକାତା ହାଇକୋର୍ଟଙ୍କର ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି ଓ ହାଇକୋର୍ଟଙ୍କୁ ଶୀଘ୍ର ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହତା ଆକାଉଣ୍ଟରେ କଥିତ ବିପୁଳ ଜମା ଓ ତଦନ୍ତର ଉଦାହରଣ ଦେଇଥିଲେ।

### ପାଲାୟମ୍ ହିଂସା

## ୧୬୦ କର୍ମୀଙ୍କ ବିରୋଧରେ ମାମଲା



**ତିରୁବନନ୍ତପୁରମ୍,୧।୧୦:** ନିର୍ବାଚନ କମିସନଙ୍କ ବିରୋଧରେ ପ୍ରଦର୍ଶନ ବେଳେ ବୁଧବାର ରାତିରେ କେରଳର ତିରୁବନନ୍ତପୁରମ୍‌ର ପଲାୟମ୍ ଅଞ୍ଚଳରେ ସଂଘର୍ଷ ପରେ ପୁଲିସ ୮୦ ଜଣ ଯୁବ କଂଗ୍ରେସ/କେଏସୟୁ କର୍ମୀ ଓ ସମାନ ସଂଖ୍ୟକ ଏସ୍‌ଏଫ୍‌ଆଇ/ଡିୱାଇଏଫ୍‌ଆଇ କର୍ମୀଙ୍କ ବିରୋଧରେ ପୃଥକ ମାମଲା ରୁଜୁ କରିଛି। କେନ୍ଦ୍ର ସରକାର ଓ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଯୁବ କଂଗ୍ରେସ ଏବଂ କେଏସୟୁ କର୍ମୀମାନେ ଏକ ପ୍ରତିବାଦ ଶୋଭାଯାତ୍ରା ବାହାର କରିବା ପରେ ହିଂସା ଘଟିଥିଲା। ଶୋଭାଯାତ୍ରା କେରଳ ବିଶ୍ୱବିଦ୍ୟାଳୟ ହଷ୍ଟେଲ ନିକଟରେ ପହଞ୍ଚିବା ପରେ ଅଶାନ୍ତି ସୃଷ୍ଟି ହୋଇଥିଲା। କଂଗ୍ରେସ ଓ କେଏସ୍‌ୟୁ କର୍ମୀ କହିଛନ୍ତି, ହଷ୍ଟେଲରୁ ସେମାନଙ୍କ ଉପରକୁ ପଥର ଫିଙ୍ଗା ଯାଇଥିଲା। ଏସ୍‌ଏଫ୍‌ଆଇ/ଡିୱାଇଏଫ୍‌ଆଇ କର୍ମୀ କହିଛନ୍ତି ସେମାନଙ୍କ ଉପରକୁ ଜଳନ୍ତା ନିଆଁ ଫିଙ୍ଗା ଯାଇଥିଲା। ପୁଲିସ ହସ୍ତକ୍ଷେପ କରି ଗୋଷ୍ଠୀଗୁଡ଼ିକୁ ଘଉଡ଼ାଇବା ପାଇଁ ହଷ୍ଟେଲ ଭିତରେ ଓ ପରିସର ବାହାରେ ଲାଠିଚାର୍ଜ କରିଥିଲା।

### ଆକାଶ ମାର୍ଗର ସାହସୀ ନାୟକ

# ପୁଣିଥରେ ଚର୍ଚ୍ଚାରେ ନୀର୍ଜା ଭାନୋଟ୍‌ଙ୍କ କାହାଣୀ



**ନୂଆଦିଲ୍ଲୀ, ୧।୧୦:** ଫ୍ଲାଏଦୁବାଇ ବିମାନରେ ଘଟିଥିବା ଏକ ପାଇଲଟ୍ ଆକ୍ରମଣ ସମୟରେ ଜଣେ ଭାରତୀୟ ପାଇଲଟଙ୍କ ସାହସିକତା ପ୍ରାୟ ଏକଶହ ଅଶୀ ଜଣଙ୍କ ଜୀବନ ରକ୍ଷା କରିବା ପରେ, ପାକିସ୍ତାନରେ ପାନ୍ ଏମ୍ ଫ୍ଲାଇଟ୍ ତିନି ଶହ ତେସ୍ତରୀ ଅପହରଣ ସମୟରେ ଯାତ୍ରୀମାନଙ୍କୁ ବଞ୍ଚାଇଥିବା ନୀର୍ଜା ଭାନୋଟଙ୍କ ସାହସିକତାର କାହାଣୀ ପୁଣିଥରେ ଚର୍ଚ୍ଚାର ପରିସରକୁ ଆସିଛି। ଜଣେ ୨୨ ବର୍ଷ ବୟସ୍କା ଭାରତୀୟ ବିମାନ ପରିଚାରିକା କିପରି ଜୀବନର ମୋହ ତ୍ୟାଗ କରି ଶହ ଶହ ନିରୀହ ଯାତ୍ରୀଙ୍କ ଜୀବନ ରକ୍ଷା କରିଥିଲେ, ତାହା ଆଜି ବି ସମସ୍ତଙ୍କ ପାଇଁ ଏକ ପ୍ରେରଣା ସାଜିଛି।

୧୯୮୬ ମସିହା ସେପ୍ଟେମ୍ବର ୫ ତାରିଖରେ ମୁମ୍ବାଇରୁ ଫ୍ରାଙ୍କଫର୍ଟ ଏବଂ ନ୍ୟୁୟର୍କ ଅଭିମୁଖେ ଯାଉଥିବା ପାନ୍ ଏମ୍ ବିମାନଟି କରାଚି ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିବାବେଳେ ଜାଫର ପାଲେଷ୍ଟିନୀୟ ଆତଙ୍କବାଦୀ ଗୋଷ୍ଠୀର ଚାରି ଜଣ ସଶସ୍ତ୍ର ସଦସ୍ୟ ଏହାକୁ ଅପହରଣ କରିଥିଲେ। ସେତେବେଳେ ବିମାନରେ ୩୭୯ ଜଣ ଯାତ୍ରୀ ଓ କର୍ମଚାରୀ ଥିଲେ। ଏହି ଭୟଙ୍କର ବନ୍ଧକ ସ୍ଥିତି ପ୍ରାୟ ସତର ଘଣ୍ଟା ଧରି ଚାଲିଥିବାବେଳେ କମିସନ ଅନୁସାରେ ଏଥିରେ ଅତିକମରେ କୋଡ଼ିଏ ଜଣଙ୍କର ମୃତ୍ୟୁ ହୋଇଥିଲା ଓ ଶହେରୁ ଅଧିକ ଆହତ ହୋଇଥିଲେ। ଘଟଣା ସମୟରେ ନୀର୍ଜା ଭାନୋଟ୍ ଜଣେ ବରିଷ୍ଠ ବିମାନ ପରିଚାରିକା ଥିଲେ ଏବଂ ତାଙ୍କର ଜନ୍ମଦିନକୁ ମାତ୍ର ଦୁଇ ଦିନ ବାକି ଥିଲା। ସେ ପ୍ରଥମେ ପାଇଲଟମାନଙ୍କୁ ବିମାନ ଅପହରଣ ବିଷୟରେ ସତର୍କ କରିଦେଇଥିଲେ, ଯାହାଫଳରେ ପାଇଲଟମାନେ ଆତଙ୍କବାଦୀଙ୍କ କବ୍‌ଜାରୁ ବର୍ତ୍ତି ପାରିଥିଲେ। ପାଇଲଟମାନେ ପଳାଇଯିବା କାରଣରୁ ଆତଙ୍କବାଦୀମାନେ ବିମାନକୁ କରାଚିରୁ ବାହାରକୁ ନେଇଯାଇ ପାରିନଥିଲେ। ଫଳରେ ବିମାନଟି ଭୂମିରେ ରହିଥିଲା। ଆତଙ୍କବାଦୀମାନେ ଆମେରିକୀୟ ଯାତ୍ରୀମାନଙ୍କୁ ଚିହ୍ନଟ କରିବା ପାଇଁ ପାସପୋର୍ଟ ମାଗିଥିବାବେଳେ ନୀର୍ଜା ଓ ଅନ୍ୟ କର୍ମଚାରୀମାନେ ଜୀବନକୁ ବାଜି ଲଗାଇ ସେଗୁଡ଼ିକୁ ଲୁଚାଇ ଦେଇଥିଲେ। ଘଟଣାରୁ ଜଣେ ବର୍ତ୍ତିଯାଇଥିବା ଯାତ୍ରୀ ଧର୍ମେନ୍ଦ୍ର ଶାହା ମନେ ପକାଇ କହିଛନ୍ତି ଯେ ନୀର୍ଜା ଆତଙ୍କବାଦୀଙ୍କୁ ବୁଝାସୁଝା କରି ଶିଶୁମାନଙ୍କ ପାଇଁ ପାଣି ଓ ଶୌଚାଳୟ ବ୍ୟବହାର କରିବାର ଅନୁମତି ଦେଇଥିଲେ। ପରେ ଯେତେବେଳେ ବିମାନର ବିଦ୍ୟୁତ୍ ସଂଯୋଗ କାଟିଦିଆଗଲା ଆଉ ଅନ୍ଧକାର ମଧ୍ୟରେ ଆତଙ୍କବାଦୀମାନେ ଗୁଳିଚାଳନା ସହ ଗ୍ରେନେଡ୍ ବିସ୍ଫୋରଣ କଲେ, ସେତେବେଳେ ନୀର୍ଜା ଜାଣିଶୁଣି ପ୍ରଥମେ ନିଜେ ପଳାଇବା ପରିବର୍ତ୍ତେ ପଛରେ ଫସି ରହିଥିବା ଶିଶୁମାନଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ପଛ ପଟୁ ଆତଙ୍କବାଦୀଙ୍କ ଗୁଳି ମାଡ଼ ହେତୁ ସେ ସେହିଠାରେ ଶହୀଦ ହୋଇଥିଲେ।

# ସଂଚାର
THE SANCHAR

ଶୁକ୍ରବାର ୨ ଅକ୍ଟୋବର ୨୦୨୬, ଭୁବନେଶ୍ୱର | Friday 2 October 2026, Bhubaneswar




## ଏସିଆନ୍ ଗେମ୍ସ କ୍ରିକେଟ୍
# ଫାଇନାଲ୍‌ରେ ଭାରତ; ପାକିସ୍ତାନ ସହ ଟକ୍କର



ନିସିନ୍,୧।୧୦: ଚଳିତ ଏସିଆନ୍ ଗେମ୍ସ କ୍ରିକେଟ୍‌ରେ ଭାରତୀୟ ପୁରୁଷ ଦଳ ଫାଇନାଲ୍‌ରେ ପ୍ରବେଶ କରିଛି। ଆଜି ଏଠାରେ ଖେଳାଯାଇଥିବା ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ୍‌ରେ ଦଳ ୧୨୪ ରନ୍‌ରେ ବିଜୟୀ ହୋଇ ସ୍ୱର୍ଣ୍ଣପଦକ ଜିତିବାର ସମ୍ଭାବନା ସୃଷ୍ଟି କରିଛି। ଦଳ ଆସନ୍ତା ୩ ତାରିଖରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଫାଇନାଲ୍‌ରେ ଭେଟିବ।

ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ ପାଇ ଭାରତ ୭ ୱିକେଟ୍ ହରାଇ ୧୭୯ ରନ୍ କରିଥିଲା। ଦଳ ପକ୍ଷରୁ ଈଶାନ୍ କିଶନ୍ ୮୦ ରନ୍‌ର ବଳିଷ୍ଠ ଇନିଂସ ଖେଳିଥିଲେ। ସେ ମାତ୍ର ୪୬ଟି ବଲ୍‌ର ସମ୍ମୁଖୀନ ହୋଇ ୪ଟି ଚୌକା ଓ ୫ଟି ଛକା ଜରିଆରେ ୮୦ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିପରି ବିସ୍ଫୋରକ ଓପନର ବୈଭବ ସୂର୍ଯ୍ୟବଂଶୀ ମାତ୍ର ୨୧ ବଲ୍ ଖେଳି ୬ଟି ଚୌକା ଓ ୨ଟି ଛକା ସହ ୩୮ ରନ୍‌ର ଦ୍ରୁତ ଇନିଂସ ଖେଳିଥିଲେ। ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ୍ ଆୟର୍ (୧୩) ଅନ୍ୟ ଏକମାତ୍ର ବ୍ୟାଟ୍ସମ୍ୟାନ୍ ଭାବେ ଦୁଇ ଅଙ୍କରେ ପହଞ୍ଚିଥିଲେ। ଶ୍ରୀଲଙ୍କା ପକ୍ଷରୁ ଟି. ରତ୍ନାୟକେ ଓ ଅଧିନାୟକ ସାହନ୍ ଆରାଚିଗେ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଶ୍ରୀଲଙ୍କା ଚରମ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ପ୍ରାରମ୍ଭରୁ ୱିକେଟ୍ ହରାଇଚାଲିବା ସହ ଶେଷ ପର୍ଯ୍ୟନ୍ତ ଏଥିରୁ ମୁକୁଳିପାରିନଥିଲା। ଏକଦା ଦଳ ମାତ୍ର ୨ ରନ୍ ମଧ୍ୟରେ ୩ଟି ୱିକେଟ୍ ହରାଇଥିବା ବେଳେ ୧୮ ରନ୍‌ରେ ପହଞ୍ଚିବା ବେଳକୁ ଆହୁରି ୨ ଜଣ ବ୍ୟାଟ୍ସମ୍ୟାନ୍ ଆଉଟ୍ ହୋଇସାରିଥିଲେ। ନୁୱାନିଦୁ ଫର୍ଣ୍ଣାଣ୍ଡୋ ୨ଟି ଛକା ସହ ୧୫ ରନ୍ କରି ଏକମାତ୍ର ବ୍ୟାଟ୍ସମ୍ୟାନ୍ ଭାବେ ୨ ଅଙ୍କରେ ପହଞ୍ଚିଥିଲେ। ଦଳ ୯.୫ ଓଭର୍‌ରେ ମାତ୍ର ୪୫ ରନ୍ କରି ଅଲ୍‌ଆଉଟ୍ ହେବା ଫଳରେ ଭାରତ ଏକ ଅତ୍ୟନ୍ତ ସହଜସାଧ୍ୟ ବିଜୟ ହାସଲ କରିଥିଲା। ଭାରତ ପକ୍ଷରୁ ଜସପ୍ରୀତ୍ ବୁମ୍‌ରା, ଅକ୍ଷର ପଟେଲ୍ ଓ ଅଭିଷେକ ଶର୍ମା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

➭ପୃଷ୍ଠା-୬

## ମହାନଦୀ ବିବାଦରେ ହସ୍ତକ୍ଷେପ କଲେ ଅମିତ ଶାହ
# ସମାଧାନର ଦ୍ୱାରଦେଶରେ ଦୁଇ ରାଜ୍ୟ

- ଖୁବ୍‌ଶୀଘ୍ର ପ୍ରକାଶ ପାଇବ ଚୂଡ଼ାନ୍ତ ରୂପରେଖ
- ଉଭୟ ରାଜ୍ୟର ସ୍ୱାର୍ଥକୁ ଦିଆଯାଉଛି ସମାନ ଗୁରୁତ୍ୱ
- ଅନ୍ୟ ରାଜ୍ୟ ପାଇଁ ହେବ 'ମଡେଲ ଡିସ୍‌ପୁଟ ରିଜଲ୍ୟୁସନ୍': ମୁଖ୍ୟମନ୍ତ୍ରୀ
- ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ଉପସ୍ଥିତିରେ ବୈଠକ







ଭୁବନେଶ୍ୱର,୧।୧୦(ସଂଚାର ବ୍ୟୁରୋ): ଆଜି ନୂଆଦିଲ୍ଲୀ କର୍ତ୍ତବ୍ୟ ଭବନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ମହାନଦୀ ଜଳ ବିବାଦ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଉପସ୍ଥିତ ଥିଲେ।

ବୈଠକ ସମାପ୍ତ ହେବା ପରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଖୁବ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଏହି ଆଲୋଚନା ସକାରାତ୍ମକ ହୋଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ଧିରେ ଧିରେ ସମାଧାନର ନିକଟତର ହେଉଛୁ। ଖୁବ୍ ଶୀଘ୍ର ଏହାର ଚୂଡ଼ାନ୍ତ ରୂପରେଖ ପ୍ରକାଶ ପାଇବ ବୋଲି ସେ ଆଶା ରଖିଛନ୍ତି। ଉଭୟ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମାଧାନର ପନ୍ଥା ବାହାରିବ ବୋଲି ସେ ପ୍ରକାଶ କରିଥିଲେ। ମହାନଦୀ ଆମର ଜୀବନ ରେଖା। ଓଡ଼ିଶାର କୋଟି କୋଟି ଲୋକଙ୍କ ଜୀବନଜୀବିକାର ପନ୍ଥା ହେଉଛି ମହାନଦୀ। ଜଳସେଚନ, ବନ୍ୟା ନିୟନ୍ତ୍ରଣ, ଜଳ ବିଦ୍ୟୁତ୍ ଉତ୍ପାଦନ, ପାନୀୟ ଜଳ ଯୋଗାଣ, ପରିବେଶ ଆଦି ଅନେକ ବିଷୟରେ ବୈଠକରେ ସେ ତଥ୍ୟ ଉପସ୍ଥାପନ କରିଛନ୍ତି। ଓଡ଼ିଶାକୁ କିପରି ପର୍ଯ୍ୟାପ୍ତ ପରିମାଣରେ ଜଳ ଉପଲବ୍ଧ ହେବ, ବୈଠକରେ ସେ ଗୁରୁତ୍ୱ ଦେଇଛନ୍ତି ବୋଲି କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ଡବଲ ଇଞ୍ଜିନ ସରକାର ଆସିବା ପରେ, ଉଭୟ ଛତିଶଗଡ଼ ଓ ଓଡ଼ିଶାରେ ମହାନଦୀ ସମସ୍ୟାର ଓ ଜଳ ସମ୍ପଦ ସଚିବ ସ୍ତରରେ ଅନେକ ବୈଠକ ହୋଇଯାଇଛି। ଗତ ଜୁଲାଇ ମାସରେ ଜଳ ଶକ୍ତି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦୁଇ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ମଧ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା।

ଜୁଲାଇର ବୈଠକର ନିଷ୍ପତ୍ତି ଅନୁଯାୟୀ ଉଭୟ ରାଜ୍ୟର ଆବଶ୍ୟକତା ସମ୍ପର୍କରେ ସେଣ୍ଟ୍ରାଲ ୱାଟର କମିଶନଙ୍କୁ ବିଭିନ୍ନ ପ୍ରସଙ୍ଗ, ତଥ୍ୟ ଓ ସୂଚନା ପ୍ରଦାନ କରାଯାଉଛି। ତିନି ମାସ ମଧ୍ୟରେ ସମାଧାନର ପନ୍ଥା ବାହାର କରିବା ପାଇଁ ସେହି ବୈଠକରେ ଆପାତତଃ ସ୍ଥିର ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ମଧ୍ୟରେ ଦୁଇ ମାସ ବିତିଗଲାଣି ଏବଂ

➭ପୃଷ୍ଠା-୬

# ଅଫିମ ମଞ୍ଜିରୁ ତିଆରି ହେଉଛି କ୍ୟାନ୍ସର୍ ଔଷଧ



ଏନଆଇଟିର ଗବେଷଣାକୁ ମିଳିଲା ପେଟେଣ୍ଟ

ପ୍ରାରମ୍ଭିକ ଗବେଷଣାରେ ୮୦% କ୍ୟାନସର ସେଲ ମରୁଛି

ରାଉରକେଲା,(ସଂଚାର ବ୍ୟୁରୋ): କ୍ୟାନ୍ସର ବିରୋଧରେ ବିଶ୍ୱବ୍ୟାପୀ ଚାଲିଛି ନୂଆ ନୂଆ ଗବେଷଣା। ଲକ୍ଷ୍ୟ କ୍ୟାନ୍ସର କୋଷକୁ ଟାର୍ଗେଟ୍ କରିବା, ସୁସ୍ଥ କୋଷକୁ ଯଥାସମ୍ଭବ ସୁରକ୍ଷିତ ରଖିବା। ଏହି ଲକ୍ଷ୍ୟ ନେଇ ଏନଆଇଟି ରାଉରକେଲାର ଲାଇଫ ସାଇନ୍ସ ଓ କେମେଷ୍ଟ୍ରି ବିଭାଗର ଗବେଷକ ଆରମ୍ଭ କରିଛନ୍ତି ନୂଆ ଅଧ୍ୟୟନ। ଅଫିମ ଗଛର ମଞ୍ଜି ଏବଂ ଏହାର କିଛି ଅଂଶରୁ ମିଳୁଥିବା ଜୈବ ସକ୍ରିୟ ଯୌଗିକକୁ ନେଇ ତିଆରି କରାଯାଉଛି ଡେରିଭେଟିଭ୍।

ପ୍ରାରମ୍ଭିକ ଲାବରେଟୋରୀ ପରୀକ୍ଷଣରେ ଡେରିଭେଟିଭ୍ କମ୍ପାଉଣ୍ଡ-୯ରୁ ମିଳିଛି ଉତ୍ସାହଜନକ ଫଳ। ଏହା ଅତ୍ୟନ୍ତ କମ ମାଇକ୍ରୋମୋଲାର୍ ସ୍ତରର କନସନ୍‌ଟ୍ରେସନ୍‌ରେ ଓରାଲ୍ କ୍ୟାନ୍ସର ସେଲରେ ଆଣ୍ଟି-କ୍ୟାନ୍ସର ପ୍ରଭାବ ଦେଖାଉଛି। ଗବେଷକଙ୍କ କହିବା ଅନୁସାରେ, ଏହା ୨୪ ଘଣ୍ଟାରେ ପ୍ରାୟ ୮୦ ପ୍ରତିଶତ କ୍ୟାନ୍ସର ସେଲକୁ ନଷ୍ଟ କରିପାରୁଛି। କିନ୍ତୁ ସାଧାରଣ ସେଲରେ ଏହାର କୌଣସି ପ୍ରଭାବ ପଡୁନାହିଁ। ତେବେ ଏହାକୁ ମଣିଷଙ୍କ ଚିକିତ୍ସାରେ ବ୍ୟବହାର କରିବା ପୂର୍ବରୁ ସୁରକ୍ଷା, କାର୍ଯ୍ୟପ୍ରଣାଳୀ, ଟକ୍ସିସିଟି ନେଇ ପ୍ରି-କ୍ଲିନିକାଲ୍ ଅଧ୍ୟୟନ ଆବଶ୍ୟକ। ଏହି ଗବେଷଣାରେ ଆଇଜର ବ୍ରହ୍ମପୁରର ଗବେଷକମାନେ ମଧ୍ୟ ସହଯୋଗ କରୁଛନ୍ତି। ଗବେଷଣା ସଂପର୍କିତ ପେଟେଣ୍ଟକୁ ସରକାରୀ ସ୍ୱୀକୃତି ମିଳିସାରିଛି। ଗବେଷକଙ୍କ ସୂଚନା ଅନୁସାରେ, ଆଗାମୀ ଦୁଇରୁ ତିନି ମାସ ମଧ୍ୟରେ ଏହାକୁ ଘୁଷୁରୀ, ଛେଳି ଭଳି ପ୍ରାଣୀଙ୍କ ଶରୀରରେ ପରୀକ୍ଷଣ କରାଯିବ। ଏହି ପର୍ଯ୍ୟାୟରେ ସୁରକ୍ଷା ଓ ପ୍ରଭାବ ଯାଞ୍ଚ କରାଯିବ। ଏହାର ଫଳାଫଳ ଆସିବା ପରେ ବିଭିନ୍ନ ପର୍ଯ୍ୟାୟରେ ସୁରକ୍ଷା, ଡୋଜ୍, ପ୍ରଭାବ ଓ କାର୍ଯ୍ୟକ୍ଷମତାର ଦିଗ ଯାଞ୍ଚ କରାଯିବ। ଯଦି ପ୍ରି-କ୍ଲିନିକାଲ୍ ପରୀକ୍ଷଣରେ ଆବଶ୍ୟକ ସୁରକ୍ଷା ଓ କାର୍ଯ୍ୟକ୍ଷମତା ପ୍ରମାଣିତ ହୁଏ, ତେବେ ମଣିଷଙ୍କ ଉପରେ କ୍ଲିନିକାଲ୍ ଟ୍ରାଏଲର ପର୍ଯ୍ୟାୟକୁ ଯିବାର ବାଟ ଖୋଲିପାରେ। କ୍ୟାନ୍ସର ବିରୋଧରେ ଲଢ଼େଇ ବର୍ଷ ବର୍ଷର। ପ୍ରତ୍ୟେକ ନୂଆ ଗବେଷଣା ଏହି ଲଢ଼େଇକୁ ଆଉ ଗୋଟିଏ ପାଦ ଆଗକୁ ନେବାର ଚେଷ୍ଟା।

## ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମଣୋହି ଜମି ହଡ଼ପ ଉଦ୍ୟମକୁ ଝଟ୍‌କା
# ବେଆଇନ୍ ଭାବେ ମହାପ୍ରଭୁଙ୍କ ଜମି ହାତେଇବାକୁ ଚକ୍ରାନ୍ତ



- କିସମ ପରିବର୍ତ୍ତନ ପାଇଁ ଆସିଥିଲା ଦୁଇଟି ମାମଲା
- ଶେଷରେ ମହାପ୍ରଭୁଙ୍କ ନାମକୁ ଫେରିଲା ଜମି

ଭୁବନେଶ୍ୱର,୧।୧୦(ସଂଚାର ବ୍ୟୁରୋ): ଶ୍ରୀ ଗୁଣ୍ଡିଚା ମନ୍ଦିର ଶରଧା ବାଲି ନିକଟବର୍ତ୍ତୀ ମୂଲ୍ୟବାନ ଜମି। ସାବିକ ରେକର୍ଡରେ ମାଲିକ ମହାପ୍ରଭୁ ଶ୍ରୀଜଗନ୍ନାଥ, ସ୍ଥିତି ଅମୃତ ମଣୋହି। ପରେ ବଦଳିଗଲା ରେକର୍ଡ, ଆସିଲା ବ୍ୟକ୍ତିଗତ ନାମ ଏବଂ ହେଲା ବିକ୍ରୟ। କିସମ ପରିବର୍ତ୍ତନ ଓ ନିଜସ୍ୱ ଅଧିକାରର ଦାବିକୁ ନେଇ ବିଷୟ ଯାଇ ପହଞ୍ଚିଲା ଓଡ଼ିଶା ରାଜସ୍ୱ ପରିଷଦରେ। ଶେଷରେ ରାଜସ୍ୱ ପରିଷଦର ହସ୍ତକ୍ଷେପରେ ମହାପ୍ରଭୁଙ୍କ ଅମୃତ ମଣୋହି ଜମିର ମୂଳ ସ୍ଥିତି ପୁଣି ସ୍ପଷ୍ଟ ହୋଇଛି। ଯେଉଁ ଜମିକୁ ବ୍ୟକ୍ତିଗତ ରେକର୍ଡରେ ନେବାର ଦାବି ହୋଇଥିଲା, ତାହାକୁ ପୁଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡ କରିବାକୁ ନିର୍ଦ୍ଦେଶ ହୋଇଛି।

ପୁରୀର ତାଳବଣିଆ ମୌଜାରେ ଥିବା ଏହି ଜମି ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରେ ଥିବାରୁ ଏହାର ଗୁରୁତ୍ୱ ଅଧିକ। ମାମଲାରେ ଉପଲବ୍ଧ ସାବିକ ରେକର୍ଡରୁ ଜଣାପଡ଼ିଥିଲା ଯେ ସମ୍ପୃକ୍ତ ଜମି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଅମୃତ ମଣୋହି ସ୍ଥିତିରେ ୧୮୮୯ ମସିହା ସାବିକ ରେକର୍ଡଭୁକ୍ତ ଥିଲା। କିନ୍ତୁ ୨୦୦୨ ମସିହା ରେ ଏହି ଜମିର ରେକର୍ଡ ବ୍ୟକ୍ତିଗତ

➭ପୃଷ୍ଠା-୬

# ଚାନ୍ଦବାଲି ବିଡିଓ ସସ୍‌ପେଣ୍ଡ୍



ଭୁବନେଶ୍ୱର,୧।୧୦(ସଂଚାର ବ୍ୟୁରୋ): ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ରଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କର ଏହି ନିଲମ୍ବନ ଆଦେଶ ତୁରନ୍ତ କାର୍ଯ୍ୟକାରୀ କରିବା ସକାଶେ କୁହାଯାଇଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଶ୍ରୀ ମହାପାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି କାରଣରୁ ସେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବିଭାଗରେ କାର୍ଯ୍ୟ କରିପାରିବେ ନାହିଁ। ନିଲମ୍ବନ ଅବଧି ମଧ୍ୟରେ ଶ୍ରୀ ମହାପାତ୍ର ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିବେ। ଏଥିସହ ସେ ଭଦ୍ରକ ଜିଲ୍ଲାପାଳଙ୍କ ବିନା ଅନୁମତିରେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ମଧ୍ୟ କୁହାଯାଇଛି। ଏହି ସମୟ ମଧ୍ୟରେ ସେ ଓଡ଼ିଶା ସର୍ଭିସ୍ କୋଡ୍‌ର ୯୦ ଧାରା ଅନୁସାରେ ପାରିଶ୍ରମିକ ପାଇବେ ବୋଲି ମଧ୍ୟ

# ଆଜି ଦେଶବ୍ୟାପୀ ସ୍ୱତନ୍ତ୍ର ଗ୍ରାମସଭା




ନୂଆଦିଲ୍ଲୀ,୧।୧୦: ଆସନ୍ତାକାଲି ଗାନ୍ଧୀ ଜୟନ୍ତୀରେ ଦେଶର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଗ୍ରାମସଭାମାନ ଅନୁଷ୍ଠିତ ହେବ। ଏହି ଗ୍ରାମସଭାଗୁଡ଼ିକରେ ରୂପାନ୍ତରମୂଳକ ଶାସନ ସଂସ୍କାର ଓ ପଞ୍ଚାୟତଗୁଡ଼ିକୁ ସୁଦୃଢ଼ କରିବା, ସରକାରୀ ସେବାରେ ଉନ୍ନତି ଆଣିବା ଓ ଗ୍ରାମୀଣ ଭାରତର ଲୋକମାନଙ୍କ ଜୀବନ ମାନରେ ସୁଧାର ଆଣିବା ଦିଗରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯିବ।

ଏହି ସ୍ୱତନ୍ତ୍ର ଗ୍ରାମସଭାଗୁଡ଼ିକ ଅଧୀନରେ 'ସବ୍ କୀ ଯୋଜନା, ସବ୍ କା ବିକାଶ' ଶୀର୍ଷକ ଜନ ଯୋଜନା ଅଭିଯାନ (ପିପିସି) ୨୦୨୬-୨୭ର ଶୁଭାରମ୍ଭ ମଧ୍ୟ ହେବ। ଏହି ଅଭିଯାନ ଅଧୀନରେ ଗ୍ରାମ ପଞ୍ଚାୟତଗୁଡ଼ିକ ୨୦୨୭-୨୮ ଆର୍ଥିକ ବର୍ଷ ପାଇଁ ଅଂଶଗ୍ରହଣମୂଳକ ଓ ତଥ୍ୟଭିତ୍ତିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟା ମାଧ୍ୟମରେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତ କରିବେ।

ଏସବୁ ଗ୍ରାମସଭାରେ ନାଗରିକ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ଏକାଠି ହୋଇ ବିଭିନ୍ନ ପ୍ରମୁଖ ସରକାରୀ ଯୋଜନା ଓ ପଦକ୍ଷେପର ଲାଭ ଲୋକମାନଙ୍କ ପାଖରେ କେତେଦୂର ପହଞ୍ଚିଛି ଏବଂ ସେଗୁଡ଼ିକର କାର୍ଯ୍ୟାନ୍ୱୟନ ସ୍ଥିତି ସମୀକ୍ଷା କରିବେ। ଏଥିସହ ସ୍ଥାନୀୟ ଆବଶ୍ୟକତା ଓ ଅଭାବଗୁଡ଼ିକ ଚିହ୍ନଟ କରି ଗ୍ରାମର ବିକାଶ ପାଇଁ ପ୍ରାଥମିକତା ଉପରେ ଆଲୋଚନା କରାଯିବ। କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ସହଯୋଗରେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏହି ଆଲୋଚନାଗୁଡ଼ିକୁ ସମନ୍ୱୟ କରୁଛି। ତୃଣମୂଳ ସ୍ତରରେ ଗ୍ରାମୀଣ ବିକାଶ ପାଇଁ 'ସମଗ୍ର ସରକାର' ଆଭିମୁଖ୍ୟର ଅଂଶ ଭାବେ ଏହି ପଦକ୍ଷେପ ନିଆଯାଉଛି।

# ଆରବ ସାଗରରେ ବୁଡ଼ି ୮ ଛାତ୍ର ମୃତ



ପୁନେ, ୧।୧୦: ପିକନିକରେ ଯାଇଥିବା ଆଠଜଣ ଛାତ୍ର ଗୁରୁବାର ଆରବ ସାଗରରେ ବୁଡ଼ି ପ୍ରାଣ ହରାଇଛନ୍ତି। ସମସ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୁନେଜିଲ୍ଲା ଅଲାଣ୍ଡିର ୱିନର୍ସ ଏକାଡେମୀ ନାମକ ଏକ ଘରୋଇ କୋଚିଂ କ୍ଲାସରେ ପଢୁଥିବା ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ପ୍ରାୟ ୪୮ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କର ଏକ ଦଳ ମହାରାଷ୍ଟ୍ରର ରାଇଗଡ଼ ଜିଲ୍ଲାରେ ଥିବା ଆରବ ସାଗରର ଦିବେଆଗର ବେଳାଭୂମିକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ୨୫ ଜଣ ଛାତ୍ର, ୧୭ ଜଣ ଛାତ୍ରୀ ଓ ୬ ଜଣ ଶିକ୍ଷକ ଥିଲେ। ସେମାନଙ୍କ ମଧ୍ୟରୁ ଆଠଜଣ ଛାତ୍ର ସମୁଦ୍ର ଭିତରକୁ ଗାଧେଇବାକୁ ଯାଇଥିବା ବେଳେ ସାମୁଦ୍ରିକ ସ୍ରୋତରେ ପଡ଼ି ଭାସି ଯାଇଥିଲେ। ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ବୋର୍ଲି ପଞ୍ଚତାନ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି।

# ବିଳମ୍ବ ହେବ ଶୀତ ଆଗମନ



- ଏବେଠୁ ବଢ଼ିଲାଣି ତାତି
- ଉପକୂଳ, ଦକ୍ଷିଣ ଓ ଉତ୍ତରରେ ଅଧିକ ତାପମାତ୍ରା ସମ୍ଭାବନା

ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ): ଦକ୍ଷିଣ-ପଶ୍ଚିମ ମୌସୁମୀ ବିଭିନ୍ନ ରାଜ୍ୟରୁ ବିଦାୟ ନେଇ ସାରିଲାଣି। ଆଉ ୨-୩ ଦିନରେ ଓଡ଼ିଶାରୁ ବି ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା ରହିଛି। ଏଣିକି ରାଜ୍ୟରେ ବର୍ଷା ହଜିଯିବ। ଅକ୍ଟୋବରରୁ ଡିସେମ୍ବର ଯାଏ ରାଜ୍ୟରେ ପ୍ରାୟତଃ ବର୍ଷା ନାହିଁ। ଏହି ଅବଧିରେ ଯେତିକି ବର୍ଷା ହେବା କଥା, ତା'ଠାରୁ ଢେର କମ୍ ରହିବ। ସେପଟେ ଏବେଠାରୁ ରାଜ୍ୟରେ ଖରା ପ୍ରକୋପ ବଢ଼ିଲାଣି। ତାପମାତ୍ରା ୩୪-୩୫ ଡିଗ୍ରୀ ସେଲସିୟସ୍ ରହୁଛି। ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ ଜାରି କରିଥିବା ସମ୍ଭାବ୍ୟ ଚିତ୍ର ଅନୁସାରେ ରାଜ୍ୟର ସବୁ ଅଞ୍ଚଳ ଶୁଖିଲା ରହିବା ସମ୍ଭାବନା ଅଛି। ଖାଲି ସେତିକି ନୁହେଁ, ଅକ୍ଟୋବର ମାସରେ ବି ବର୍ଷା ସମ୍ଭାବନା କମ। ଚିନ୍ତାର ବିଷୟ ହେଲା, ତାପମାତ୍ରା। ଅକ୍ଟୋବର ମାସରେ ଦକ୍ଷିଣ ଓ ପୂର୍ବ ଭାରତରେ ଅସ୍ୱାଭାବିକ ଗରମ ଅନୁଭୂତ ହୋଇପାରେ। କିନ୍ତୁ ଓଡ଼ିଶାରେ ଦିନ ତାପମାତ୍ରା ସ୍ୱାଭାବିକ ତୁଳନାରେ ଯଥେଷ୍ଟ ଅଧିକ ରହିବା ସମ୍ଭାବନା ଅଛି। ବିଶେଷ କରି ଉପକୂଳ, ଦକ୍ଷିଣ ଏବଂ ଉତ୍ତରରେ ଅଧିକ ତାପମାତ୍ରା ରହିପାରେ। ଅନ୍ୟପଟେ ପୂର୍ବପରି ଅକ୍ଟୋବର, ନଭେମ୍ବରରେ ରାତି ତାପମାତ୍ରା କମିବ ନାହିଁ। ରାତିରେ ମଧ୍ୟ ସ୍ୱାଭାବିକ ତୁଳନାରେ ତାପମାତ୍ରା ଅଧିକ ରହିବାର ସମ୍ଭାବନା ରହିଛି। ବିଶେଷଜ୍ଞଙ୍କ

➭ପୃଷ୍ଠା-୬

# ୫ରୁ ସ୍ୱିସ୍ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ



ନୂଆଦିଲ୍ଲୀ, ୧।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣ କ୍ରମେ ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତି ଗଏ ପାରମେଲିନ୍ ଅକ୍ଟୋବର ୫ରୁ ୭ ତାରିଖ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିବେ। ଏହି ଅବସରରେ ତାଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଧ୍ୟ ଭାରତ ଆସିବାର କାର୍ଯ୍ୟକ୍ରମ ରହିଥିବା ବିଦେଶ ମନ୍ତ୍ରଣାଳୟର ସୂଚନା ଦେଇଛି। ଅକ୍ଟୋବର ୫ ତାରିଖରେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ପାରମେଲିନ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷୀୟ ବୈଠକ ଅନୁଷ୍ଠିତ ହେବ। ଗସ୍ତକାଳରେ ସେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି।

# ଆଜି ପାଳିତ ହେବନି ନୋ ୟୁପିଆଇ ଡେ'
## ଆନ୍ଦୋଳନ ପ୍ରତ୍ୟାହାର କଲା ବ୍ୟବସାୟୀ ମହାସଂଘ



ନୂଆଦିଲ୍ଲୀ, ୧।୧୦: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହ ବୈଠକ ପରେ ବ୍ୟବସାୟୀ ସଂଗଠନଗୁଡ଼ିକ ଆସନ୍ତାକାଲି (ଅକ୍ଟୋବର ୨) ପାଳନ ହେବାକୁ ଥିବା 'ନୋ ୟୁପିଆଇ ଡେ' ଆହ୍ୱାନକୁ ପ୍ରତ୍ୟାହାର କରିଛନ୍ତି। ୟୁପିଆଇ କାରବାର ଉପରେ ପ୍ରସ୍ତାବିତ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମ୍‌ଡିଆର୍)କୁ ନେଇ ସେମାନେ ଏହି ନିଷ୍ପତ୍ତି ନେଇଛନ୍ତି। ଭାରତୀୟ ବ୍ୟବସାୟୀ ମହାସଂଘ (ସିଏଆଇଟି) ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅର୍ଥମନ୍ତ୍ରୀଙ୍କୁ ଭେଟି ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ ଉପରେ ୦.୪୦% ଏମ୍‌ଡିଆର୍ ଲାଗୁ କରିବା ନିଷ୍ପତ୍ତିକୁ ଘୁଞ୍ଚାଇବାକୁ ଦାବି କରିଥିଲେ। ଏହାଛଡ଼ା ଏମ୍‌ଡିଆର୍ ସୀମା ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଓ ଏହାକୁ ପର୍ଯ୍ୟାୟକ୍ରମେ ଲାଗୁ କରିବାକୁ ସେମାନେ ପ୍ରସ୍ତାବ ଦେଇଥିଲେ। ବୈଠକରେ ଅର୍ଥମନ୍ତ୍ରୀ ସେମାନଙ୍କ ଦାବିଗୁଡ଼ିକୁ ବିଚାର କରାଯିବ ବୋଲି ଆଶ୍ୱାସନା ଦେବା ପରେ ବ୍ୟବସାୟୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ତେବେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ଆସିବାକୁ ବାକି ଅଛି।



## କାନ ଡେରିଥା

ଥାନା ଗଣ୍ଡାଗଣ୍ଡା ଖୁସି ବି ଲାଗୁଛି
ଗାଡି ହେଉଥାଏ ଠେଲା
ବ୍ୟବସ୍ଥା ଭିତରେ ଗାଡି ଅବ୍ୟବସ୍ଥା
କାର୍ଯ୍ୟରେ ହେଉଛି ଢିଲା
ଅପରାଧୀ ବାରବୁଲା...
ପୋଲିସ ଗାଡିରେ ଗୋଡାଉଛ ଯଦି
ଚକା ଠିକ ଥିଲେ ହେଲା ।।

■ ଦେବାଶିଷ

## ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃଥଇଥାନକୁ ପ୍ରୋତ୍ସାହନ
# ମାସିକ ପାରିଶ୍ରମିକ ବଢ଼ାଇଲେ ସରକାର



ଭୁବନେଶ୍ୱର,୧।୧୦(ସଂଚାର ବ୍ୟୁରୋ): ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତିକୁ ବନ୍ଦ କରିବାକୁ ଏକ ପ୍ରମୁଖ ପ୍ରସଙ୍ଗ କରିଥିଲା ବିଜେପି। ସରକାରକୁ ଆସିବା ପରେ ମଧ୍ୟ ଏଦିଗରେ ଏକାଧିକ କଟକଣା ଜାରି କରାଯାଇଥିଲା। ହେଲେ ହଠାତ ଆଜି ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃଥଇଥାନକୁ ନେଇ ପୂର୍ବରୁ ରହିଥିବା ସମସ୍ତ କଟକଣାକୁ ଏଡ଼ାଇ ରାଜ୍ୟ ସରକାର ଆଜି ସେମାନଙ୍କର ମାସିକ ପାରିଶ୍ରମିକକୁ ସର୍ବାଧିକ ୫୫ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସରକାରଙ୍କ ସଂଶୋଧିତ ପାରିଶ୍ରମିକ ବୃଦ୍ଧି ବିଜ୍ଞପ୍ତି ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ଅର୍ଥ ବିଭାଗର ସ୍ମାରକପତ୍ର ଅନୁସାରେ, ଅବସର ପରେ ସରକାରୀ ସେବାରେ ପୁନଃନିଯୁକ୍ତି ପାଉଥିବା କର୍ମଚାରୀଙ୍କ ମାସିକ ପାରିଶ୍ରମିକକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ପୂର୍ବରୁ ଏ ସଂକ୍ରାନ୍ତରେ ଲାଗୁ ହୋଇଥିବା ବିଭିନ୍ନ ନିର୍ଦ୍ଦେଶାବଳୀକୁ ସଂଶୋଧନ କରି ସରକାର ଆଜିଠୁ ତତ୍କାଳ ପ୍ରଭାବରୁ ଏହି ନୂତନ ପାରିଶ୍ରମିକ ଧାର୍ଯ୍ୟ କରିଛନ୍ତି। ଓଆରଏସପି ନିୟମାବଳୀ-୨୦୧୭ ଅଧୀନରେ ଥିବା ବିଭିନ୍ନ ପେ-ଲେଭଲ୍ ଆଧାରରେ ଏହି ପାରିଶ୍ରମିକ ବୃଦ୍ଧି କରାଯାଇଛି। ନୂଆ ନିୟମ ଅନୁଯାୟୀ, ପେ-ଲେଭଲ୍ ୧୭ ଅଧୀନରେ ଥିବା ବରିଷ୍ଠ ଅଧିକାରୀଙ୍କୁ ପୁନଃନିଯୁକ୍ତିରେ ମାସିକ ୫୫ ହଜାର ଟଙ୍କା, ଲେଭଲ୍ ୧୫ ଓ ୧୬ ପାଇଁ ୫୦ ହଜାର ଟଙ୍କା, ଲେଭଲ-୧୧ରୁ ୧୪ ପାଇଁ ୪୦ ହଜାର ଟଙ୍କା , ଲେଭଲ-୫ରୁ ୧୦ ପାଇଁ ୨୫ ହଜାର ଟଙ୍କା ଓ ଲେଭଲ୍ ୧ରୁ ୪ ପର୍ଯ୍ୟନ୍ତ କର୍ମଚାରୀଙ୍କ ପାଇଁ ୧୫ ହଜାର ଟଙ୍କା ପାରିଶ୍ରମିକ ଧାର୍ଯ୍ୟ ହୋଇଛି। ପୁନଃନିଯୁକ୍ତି ପାଇଥିବା କର୍ମଚାରୀମାନେ ପାଉଥିବା ନିୟମିତ ପେନସନ୍ ଓଟିଆଇ ବ୍ୟତୀତ ଏହି ଅତିରିକ୍ତ ପାରିଶ୍ରମିକ ମଧ୍ୟ ପାଇବେ। ଏଥିସହ ବିଶେଷ ସ୍ଥିତିରେ ଓ ସ୍ୱତନ୍ତ୍ର ବିଶେଷଜ୍ଞତା ଆଳରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ନେଇ 'ପେ ମାଇନସ୍ ପେନସନ୍' କିମ୍ବା ତା'ଠାରୁ ଅଧିକ ସ୍ୱତନ୍ତ୍ର ପାରିଶ୍ରମିକରେ ଅଫିସରଙ୍କୁ ନିଯୁକ୍ତି ଦେବାର ବାଟ ମଧ୍ୟ ଖୋଲା ରହିଛି, ଯାହା ଆଜିଠାରୁ ରାଜ୍ୟର ସମସ୍ତ ପୁରୁଣା ଓ ନୂତନ ଚୁକ୍ତି କ୍ଷେତ୍ରରେ ସମାନ ଭାବେ ଲାଗୁ ହୋଇଛି। ତେବେ ଏହି ନିୟମ ସାମ୍ବିଧାନିକ ପଦବୀ, କମିଶନ, ବୋର୍ଡ, ଆଲୋପାଥିକ୍ ଡାକ୍ତର ଓ ମେଡିକାଲ କଲେଜର ଅବସରପ୍ରାପ୍ତ ଶିକ୍ଷକମାନଙ୍କ କ୍ଷେତ୍ରରେ ଲାଗୁ ହେବ ନାହିଁ, କାରଣ ସେମାନଙ୍କ ପାଇଁ ସ୍ୱତନ୍ତ୍ର ନିୟମାବଳୀ ରହିଛି ବୋଲି ଦର୍ଶାଯାଇଛି।

ପୂର୍ବରୁ ସାଧାରଣ ପ୍ରଶାସନ ବିଭାଗ ୨୦୨୪ ସେପ୍ଟେମ୍ବର ୧୨ ତାରିଖରେ ଏକ ଗାଇଡଲାଇନ୍ ଜାରି କରି ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ଉପରେ ଅଙ୍କୁଶ ଲଗାଇଥିଲେ। ଅତି ଜରୁରୀ ସ୍ଥିତିରେ କମିଟିର ଅନୁମୋଦନ ଆଧାରରେ ୧ ପ୍ରତିଶତ ପଦବୀରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ମିଳିବ ବୋଲି ଉଲ୍ଲେଖ ରହିଥିଲା। ଏପରିକି ୨୦୨୪ ଅକ୍ଟୋବର ୨୧ ତାରିଖରେ ଅର୍ଥ ବିଭାଗ ମଧ୍ୟ କର୍ମଚାରୀଙ୍କ ପୁନଃନିଯୁକ୍ତି ଉପରେ କଟକଣାକୁ ଅଧିକ କଡ଼ାକଡ଼ି ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲା। ତେବେ ଆଜି ଅର୍ଥ ବିଭାଗ ଅବସରପ୍ରାପ୍ତଙ୍କୁ ପୁନଃନିଯୁକ୍ତିକୁ ନେଇ ରହିଥିବା ପୂର୍ବ କଟକଣାକୁ ସମ୍ପୂର୍ଣ୍ଣ କୋହଳ କରିଦେଇଛନ୍ତି। ଆଉ ପାରିଶ୍ରମିକ ବୃଦ୍ଧି କରି କର୍ମଚାରୀମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି।

SANCHAR
ସଂଚାର
୪
ଶୁକ୍ରବାର ୨ ଅକ୍ଟୋବର ୨୦୨୬, ଭୁବନେଶ୍ୱର
Friday 2 October 2026, Bhubaneswar
sanchar.live

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

## ସମ୍ପାଦକୀୟ

# ଭାରତ ଉପରେ ନିର୍ଭରଶୀଳତା

୧୯୬୦ ମସିହାରେ ବିଶ୍ୱ ବ୍ୟାଙ୍କର ମଧ୍ୟସ୍ଥତାରେ ସ୍ୱାକ୍ଷରିତ ସିନ୍ଧୁ ଜଳ ଚୁକ୍ତି ଦକ୍ଷିଣ ଏସିଆର ଜଳ ରାଜନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଆଧାର। ଏହି ଚୁକ୍ତି ଅନୁସାରେ ସିନ୍ଧୁ ନଦୀ ପ୍ରଣାଳୀର ଛଅଟି ମୁଖ୍ୟ ନଦୀକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ପୂର୍ବ ନଦୀଗୁଡ଼ିକ ରାବି, ବିଆସ ଓ ସତଲଜ ଭାରତକୁ ପୂର୍ଣ୍ଣ ଅଧିକାର ସହିତ ଦିଆଯାଇଛି, ଯାହା ମୋଟ ଜଳ ପ୍ରବାହର ପ୍ରାୟ ୨୦ ପ୍ରତିଶତ। ପଶ୍ଚିମ ନଦୀଗୁଡ଼ିକ ସିନ୍ଧୁ, ଝେଲମ ଓ ଚେନାବ ପାକିସ୍ତାନକୁ ମୁଖ୍ୟତଃ ବଣ୍ଟନ କରାଯାଇଛି, ଯାହା ପ୍ରାୟ ୮୦ ପ୍ରତିଶତ ଜଳ ଧାରଣ କରେ। ଏହି ବଣ୍ଟନ ଦେଖିଲେ ମନେ ହୁଏ ପାକିସ୍ତାନ ଅଧିକ ଜଳ ପାଇଛି, କିନ୍ତୁ ବାସ୍ତବତା ଏହାଠାରୁ ବହୁତ ଭିନ୍ନ। ଭାରତ ଉପରି ତଟବର୍ତ୍ତୀ ରାଷ୍ଟ୍ର ହୋଇଥିବାରୁ ଭୌଗୋଳିକ ଓ ରଣନୈତିକ ଭାବେ ସର୍ବଦା ଉପର ହାତରେ ରହିଛି, ଆଉ ପାକିସ୍ତାନ ଏହି ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ।



ପାକିସ୍ତାନର ଅର୍ଥନୀତି ଓ କୃଷି ସିନ୍ଧୁ ନଦୀ ପ୍ରଣାଳୀ ଉପରେ ଅତ୍ୟନ୍ତ ନିର୍ଭରଶୀଳ। ଦେଶର ପ୍ରାୟ ୯୦ ପ୍ରତିଶତ କୃଷି ଉତ୍ପାଦନ ଏହି ନଦୀ ଜଳ ଉପରେ ନିର୍ଭର କରେ। ଗହମ, ଧାନ, କପା ଭଳି ମୁଖ୍ୟ ଫସଲ ସହିତ ପ୍ରାୟ ୮୦-୯୦ ପ୍ରତିଶତ ସିଞ୍ଚିତ ଜମି ସିନ୍ଧୁ ବେସିନରୁ ଜଳ ପାଆନ୍ତି। କୃଷି କ୍ଷେତ୍ର ପାକିସ୍ତାନର ଜିଡିପିର ପ୍ରାୟ ୨୩ ପ୍ରତିଶତ ଓ ଶ୍ରମଶକ୍ତିର ୩୭ ପ୍ରତିଶତ ନିଯୁକ୍ତି ଯୋଗାଇଥାଏ। ହାଇଡ୍ରୋପାୱାର ଉତ୍ପାଦନର ଏକ ବଡ଼ ଅଂଶ ମଧ୍ୟ ଏହି ନଦୀ ଉପରେ ନିର୍ଭରଶୀଳ। ତଥାପି ପାକିସ୍ତାନର ଜଳ ସଂରକ୍ଷଣ କ୍ଷମତା ଅତ୍ୟନ୍ତ ଦୁର୍ବଳ। ଟାରବେଲା ଓ ମଙ୍ଗଲା ଭଳି ବନ୍ଧରେ ମାତ୍ର ୩୦ ଦିନର ଜଳ ସଂରକ୍ଷଣ କ୍ଷମତା ରହିଛି, ଯାହା ବିଶ୍ୱ ମାନକ ଠାରୁ ବହୁତ କମ୍। ପ୍ରତିବର୍ଷ ବହୁତ ଜଳ ଅବ୍ୟବହୃତ ହୋଇ ଆରବ ସାଗରରେ ମିଶିଯାଏ ଓ ପୁରୁଣା ସିଞ୍ଚାଇ ପ୍ରଣାଳୀରେ ପ୍ରାୟ ୪୭ ମିଲିଅନ ଏକର-ଫିଟ ଜଳ ନଷ୍ଟ ହୁଏ। ଏହି ଅଦକ୍ଷତା ପାକିସ୍ତାନକୁ ଆହୁରି ଦୁର୍ବଳ କରିଛି। ଭାରତ ଉପରି ତଟବର୍ତ୍ତୀ ହୋଇଥିବାରୁ ପଶ୍ଚିମ ନଦୀଗୁଡ଼ିକର ଉତ୍ସ ଉପରେ ନିୟନ୍ତ୍ରଣ ରଖିଛି। ଚୁକ୍ତି ଅନୁସାରେ ଭାରତ ପଶ୍ଚିମ ନଦୀରେ ସୀମିତ ସିଞ୍ଚାଇ ଓ ଅସୀମିତ ଅଣ-ଉପଭୋଗ୍ୟ ବ୍ୟବହାର (ଯଥା ହାଇଡ୍ରୋପାୱାର) କରିପାରେ। କିଶାନଗଙ୍ଗା, ରାଟଲେ ଭଳି ପ୍ରକଳ୍ପ ମାଧ୍ୟମରେ ଭାରତ ନିଜ ଅଧିକାର ବ୍ୟବହାର କରୁଛି। ଇତିହାସ ଦେଖିଲେ ଜଣାପଡ଼େ ଯେ ୧୯୬୫, ୧୯୭୧ ଓ କାର୍ଗିଲ ଯୁଦ୍ଧ ସମୟରେ ମଧ୍ୟ ଭାରତ ଚୁକ୍ତିର ସମ୍ମାନ କରି ଜଳ ପ୍ରବାହ ବନ୍ଦ କରିନଥିଲା। ଏହା ଭାରତର ସହନଶୀଳତା ଦେଖାଏ। ତଥାପି ପାକିସ୍ତାନର କ୍ରମାଗତ ଆତଙ୍କବାଦ ଓ ଚୁକ୍ତି ଉଲ୍ଲଂଘନ ପ୍ରୟାସ ପରେ ଭାରତ ଚୁକ୍ତିକୁ "ସ୍ଥଗିତ" କରିଛି। ଏହା ଦ୍ୱାରା ଡାଟା ସେୟାରିଂ ବନ୍ଦ ହୋଇଛି, ଯାହା ପାକିସ୍ତାନର ବନ୍ୟା ପରିଚାଳନା ଓ ସିଞ୍ଚାଇ ଯୋଜନାକୁ ପ୍ରଭାବିତ କରୁଛି।

ଭାରତର ଉପର ହାତ କେବଳ ଭୌଗୋଳିକ ନୁହେଁ, ବରଂ ରଣନୈତିକ। ଚୁକ୍ତି ନିଜେ ଭାରତ ପାଇଁ ଅସମାନ ଥିଲା-ଉପରି ତଟବର୍ତ୍ତୀ ହୋଇ ମଧ୍ୟ ଭାରତ ୨୦ ପ୍ରତିଶତ ଜଳ ଗ୍ରହଣ କରିଛି ଓ ପାକିସ୍ତାନକୁ ଅଧିକ ଦେଇଛି। ଏପରିକି ଭାରତ ପାକିସ୍ତାନର ଜଳ ଢାଞ୍ଚା ନିର୍ମାଣ ପାଇଁ ଆର୍ଥିକ ସହାୟତା ମଧ୍ୟ ଦେଇଥିଲା। ପାକିସ୍ତାନ ଏହି ସୁଯୋଗକୁ ବ୍ୟବହାର କରି ନିଜ ଭିତରେ ଜଳ ପରିଚାଳନା ଉନ୍ନତ କରିପାରିନଥିଲା। ଆଜି ମଧ୍ୟ ପ୍ରଦେଶୀୟ ବିବାଦ, ପୁରୁଣା କେନାଲ ଓ କମ୍ ସଂରକ୍ଷଣ କ୍ଷମତା ଯୋଗୁଁ ପାକିସ୍ତାନ ଜଳ ସଙ୍କଟରେ ରହିଛି। ଭାରତ ଯଦି ନିଜ ଅଧିକାର ଅନୁସାରେ ଅଧିକ ପ୍ରକଳ୍ପ ନିର୍ମାଣ କରେ କିମ୍ବା ଡାଟା ସେୟାରିଂ ସୀମିତ ରଖେ, ତେବେ ପାକିସ୍ତାନର କୃଷି ଓ ଅର୍ଥନୀତି ଗଭୀର ପ୍ରଭାବିତ ହୋଇପାରେ। ଏହି ପରିସ୍ଥିତିରେ ଏହା ସ୍ପଷ୍ଟ ଯେ ସିନ୍ଧୁ ଜଳ ଚୁକ୍ତିରେ ଭାରତର ଉପର ହାତ ରହିଛି। ପାକିସ୍ତାନ ଏହି ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇ ରହିଛି ଓ ନିଜ ଦୁର୍ବଳତା ଲୁଚାଇବା ପାଇଁ ଭାରତକୁ ଦୋଷ ଦେଉଛି। ଭାରତ ଯଦି ନିଜ ଜାତୀୟ ସୁରକ୍ଷା ଓ ଜଳ ସୁରକ୍ଷାକୁ ଅଗ୍ରାଧିକାର ଦେଇ ଚୁକ୍ତିର ପୁନଃସମୀକ୍ଷା କରେ, ତେବେ ଏହା ଯଥାର୍ଥ। ପାକିସ୍ତାନକୁ ବୁଝିବାକୁ ହେବ ଯେ ଜଳ ଏକ ଅସ୍ତ୍ର ନୁହେଁ, ବରଂ ସହଯୋଗର ମାଧ୍ୟମ। ତଥାପି ଆତଙ୍କବାଦ ଓ ଶତ୍ରୁତା ରଖି ସେ ଏହି ସୁଯୋଗ ହରାଇବ। ଭାରତର ଉପରି ସ୍ଥିତି ଓ ରଣନୈତିକ ଧୈର୍ଯ୍ୟ ଏହା ସ୍ପଷ୍ଟ କରେ ଯେ ସିନ୍ଧୁ ଜଳରେ ଭାରତର ହାତ ସବୁଠାରୁ ମଜବୁତ।

# ଭୁବନେଶ୍ୱରର ମୃତ ରାଜାରାଣୀ

**କାଳୀପ୍ରସାଦ ସ୍ୱାଇଁ**



ଉତ୍କୃଷ୍ଟ କଳାର ସର୍ବୋଚ୍ଚ ଉପାଧି ଧାରଣ କରିଥିବା ଉତ୍କଳୀୟ ମନ୍ଦିର ସ୍ଥାପତ୍ୟ କେବଳ ପ୍ରସ୍ତରରେ ଖୋଦିତ କୌଣସି ନିର୍ଜୀବ କଳାକୃତି ନୁହେଁ, ବରଂ ଏହା ଭାରତୀୟ ଆଗମ ଶାସ୍ତ୍ର, ବ୍ରହ୍ମାଣ୍ଡୀୟ ଜ୍ୟାମିତି, ବୈଦିକ ଗଣିତ ଏବଂ ଆଧ୍ୟାତ୍ମିକ ଦର୍ଶନର ଏକ ଗଭୀର ସମ୍ମିଶ୍ରଣ ଅଟେ। ଏକାଦଶ ଶତାବ୍ଦୀର ସୋମବଂଶୀ ରାଜତ୍ୱ କାଳରେ ନିର୍ମିତ ଭୁବନେଶ୍ୱରର ପ୍ରସିଦ୍ଧ 'ରାଜାରାଣୀ ମନ୍ଦିର' କଳିଙ୍ଗ ସ୍ଥାପତ୍ୟ କଳାର ଏକ ଚୂଡ଼ାନ୍ତ ନିଦର୍ଶନ। 'ଶିଳ୍ପ ପ୍ରକାଶ' ଏବଂ 'ଭୁବନପ୍ରଦୀପ' ପରି ପ୍ରାଚୀନ ବାସ୍ତୁ ଶାସ୍ତ୍ରର ସମସ୍ତ ନିୟମକୁ ଅନୁସରଣ କରି ନିର୍ମାଣ ହୋଇଥିବା ଏହି ଆରକ୍ତ ଓ ପୀତ ପାଷାଣର ଦେବାଳୟଟି ଏକ ଜୀବନ୍ତ ବାସ୍ତୁନକ୍ସା ସଦୃଶ। ଧନରତ୍ନରେ ପରିପୂର୍ଣ୍ଣ ଭାରତୀୟ ଦେବାଳୟ ମାନଙ୍କୁ ଲୁଟିବା ପାଇଁ ବ୍ରିଟିଶ ମାନଙ୍କ ଦ୍ୱାରା ନିର୍ମିତ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର କଠୋର ଏବଂ ଔପନିବେଶିକ ମାନସିକତାପୂର୍ଣ୍ଣ "ନନ୍-ଲିଭିଂ" (ମୃତ ସ୍ମାରକୀ) ଆଇନ ଯୋଗୁଁ ଆଜି ଏହି ମହାନ ଶାସ୍ତ୍ରୀୟ ପୀଠଟି ଆଧ୍ୟାତ୍ମିକ ସ୍ପନ୍ଦନହୀନ ହୋଇ ପଡ଼ିରହିଛି। ସରକାରୀ ନିୟମ ବାହାନାରେ ମନ୍ଦିରର ଗର୍ଭଗୃହରେ ନିତ୍ୟ ଆରାଧନା, ଧୂପ ଦୀପ ନିବେଦନ, ଘଣ୍ଟ ଘଣ୍ଟା ଶଙ୍ଖ ନାଦ ଏବଂ ବେଦମନ୍ତ୍ରର ଧ୍ୱନି ଆଦି ବନ୍ଦ କରାଯାଇଛି। ଏହିପରି ଏକ ପବିତ୍ର ମନ୍ଦିରକୁ ମୃତ ଭାବେ ନଷ୍ଟ ହେବାକୁ ଛାଡ଼ିଦେବା ଅନ୍ୟ କିଛି ନୁହେଁ, ବରଂ ଓଡ଼ିଆ ଅସ୍ମିତାର ହତ୍ୟା। ବୈଦିକ ଶୁଲ୍ବସୂତ୍ର ଏବଂ ଆଗମିକ ସଂହିତା ଅନୁସାରେ, ଏକ ମନ୍ଦିରର ଶୁଭାରମ୍ଭ 'ବାସ୍ତୁପୁରୁଷ ମଣ୍ଡଳ'ର ଜ୍ୟାମିତିକ ବିନ୍ୟାସରୁ ହିଁ ହୋଇଥାଏ। ଏକାମ୍ର କ୍ଷେତ୍ର ଅନ୍ତର୍ଗତ ରାଜାରାଣୀ ମନ୍ଦିରର ସଂରଚନା ଏହି ଶାସ୍ତ୍ରୀୟ ଗଣିତର ଏକ ପରମୋତ୍କୃଷ୍ଟ ପ୍ରୟୋଗ, ଯେଉଁଥିରେ ସୁବର୍ଣ୍ଣ ଅନୁପାତ ଏବଂ କେନ୍ଦ୍ରୀୟ ବ୍ରହ୍ମସ୍ଥାନର ସୂକ୍ଷ୍ମତା ନିର୍ଦ୍ଧାରଣ କରାଯାଇଛି। ମନ୍ଦିରର ପଞ୍ଚରଥ ଶୈଳୀର ପ୍ରସାରଣ, ରେଖା ଦେଉଳ ର କ୍ରମରେ ଥିବା ଉଚ୍ଚତା ଏବଂ ଗର୍ଭଗୃହର ବ୍ୟାସ ମଧ୍ୟରେ ଥିବା ଗଣିତାତ୍ମକ ସାମଞ୍ଜସ୍ୟ ପ୍ରକୃତରେ ପ୍ରାଚୀନ ଭାରତୀୟ ତଥା ଓଡ଼ିଆ ଜାତିର ଜ୍ୟାମିତିକ ବିଜ୍ଞାନର ଗଭୀରତାକୁ ପ୍ରମାଣିତ କରେ। ମନ୍ଦିରର ଭିତ୍ତିଭୂମିରୁ ଆରମ୍ଭ କରି କଳସ, ମସ୍ତକ ଏବଂ ଆମଳକ ପର୍ଯ୍ୟନ୍ତ ସମସ୍ତ ଅଂଶ ଏକ ନିର୍ଦ୍ଦିଷ୍ଟ ସାଂଖ୍ୟିକ ଅନୁପାତରେ ଗଠିତ। ବୈଦିକ ବିଜ୍ଞାନ ଅନୁସାରେ, ଯେତେବେଳେ ଏପରି ପବିତ୍ର ଜ୍ୟାମିତିକ ଗଠନ ମଧ୍ୟରେ ସ୍ୱତନ୍ତ୍ର ନିୟମାନୁସାରେ ଗର୍ଭଗୃହରେ ଦେବତାଙ୍କ ପ୍ରାଣପ୍ରତିଷ୍ଠା କରାଯାଏ ଏବଂ ବେଦମନ୍ତ୍ରର ତରଙ୍ଗ ପ୍ରବାହିତ ହୁଏ, ସେତେବେଳେ ସେଠାରେ ଅଦୃଶ୍ୟଭାବେ ପ୍ରବଳ ଆଧ୍ୟାତ୍ମିକ ଉର୍ଜାକ୍ଷେତ୍ର ବା ଏନର୍ଜି ଫିଲଡ଼ ସୃଷ୍ଟି ହୋଇଥାଏ। ଆଜି ସ୍ଥାପତ୍ୟ ଓ ଗଣିତର ଉପସ୍ଥିତି ଥାଇ ମଧ ସେଠାରେ ପ୍ରାଣପ୍ରତିଷ୍ଠା ଓ ମନ୍ତ୍ରୋଚ୍ଚାରଣ ନହେବା ବାସ୍ତୁ ନିୟମର ସମ୍ପୂର୍ଣ୍ଣ ପ୍ରତିକୂଳ ଏବଂ ଏହା ବାସ୍ତୁପୁରୁଷଙ୍କ ପ୍ରତି ଏକ ଆଧ୍ୟାତ୍ମିକ ଅବମାନନା।

ଆଗମ ଶାସ୍ତ୍ରରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ "ପ୍ରାସାଦଂ ପୁରୁଷଂ ମାତ୍ୱା ପୂଜାୟେନ୍ମନ୍ତ୍ରବିତ୍ ସଦା" ଅର୍ଥାତ୍ ମନ୍ଦିର ହେଉଛି ସାକ୍ଷାତ୍ ଈଶ୍ୱରଙ୍କ ଦିବ୍ୟ ଶରୀରର ପାଷାଣମୟ ପ୍ରତୀକ। ଏହାର ପାଦପୀଠ ହେଉଛି ଗୋଡ଼, ମଣ୍ଡପ ହେଉଛି ଶରୀର ଓ ହୃଦୟ, ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗର୍ଭଗୃହ ହେଉଛି ମସ୍ତିଷ୍କ। ରାଜାରାଣୀ ମନ୍ଦିରର ବାହ୍ୟ ପ୍ରାଚୀରରେ ବିରାଜମାନ ଅଷ୍ଟଦିଗପାଳ (ଇନ୍ଦ୍ର, ଅଗ୍ନି, ଯମ, ନୈଋତ, ବରୁଣ, ବାୟୁ, କୁବେର ଓ ଈଶାନ), ନାଗ, ଗନ୍ଧର୍ବ ଏବଂ ବିଭିନ୍ନ ଅପ୍ସରା ଓ କନ୍ୟାମାନଙ୍କ ଭାସ୍କର୍ଯ୍ୟ ଭରା ମୂର୍ତ୍ତି କେବଳ ମନ୍ଦିରର ସୌନ୍ଦର୍ଯ୍ୟ ବର୍ଦ୍ଧିତ କରନ୍ତି ନାହିଁ ବରଂ ସେମାନେ ଆଗମିକ ବାସ୍ତୁ ଚକ୍ରର ଆଧ୍ୟାତ୍ମିକ ସୁରକ୍ଷା ବଳୟ ଗଠନ ଓ ତାର ସୁରକ୍ଷା କରନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ତଥା ଲିଙ୍ଗରାଜଙ୍କ ମନ୍ଦିରମାଳିନୀ ପବିତ୍ର ଭୂମିରେ ଆଜି ଆମ ସଂସ୍କୃତିକୁ କେବଳ ସାଧାରଣ ପର୍ଯ୍ୟଟନର ବସ୍ତୁ କରି ରଖାଯାଇଛି କିନ୍ତୁ ଭାରତୀୟ ସନାତନ ପରମ୍ପରାରେ ଏହା ଶ୍ରଦ୍ଧା ଓ ବିଶ୍ୱାସର 'ତୀର୍ଥ'।

ତେଣୁ, ଆଜିର ଏହି ସାଂସ୍କୃତିକ ଜାଗରଣ ଓ ଧାର୍ମିକ ପୁନରୁଦ୍ଧାରର ଯୁଗରେ, ରାଜାରାଣୀ ମନ୍ଦିରକୁ କେବଳ ଏକ ସଂରକ୍ଷିତ ସ୍ମାରକୀ ନଭାବି ଓଡିଶା ର ନୂଆ ସରକାର ଏହାକୁ 'ଜୀବନ୍ତ ଐତିହ୍ୟ' ର ମାନ୍ୟତା ଦେବା ଶାସ୍ତ୍ରୀୟ ଓ ସାଂସ୍କୃତିକ ଦୃଷ୍ଟିରୁ ନିହାତି ଜରୁରୀ। ମନ୍ଦିରଟିର ପୁନଃରୁଦ୍ଧାର ଓ ସୁପରିଚାଳନା ନିମିତ୍ତ ସଂସ୍କୃତି ବିଭାଗ , ASI, ଶାସ୍ତ୍ରବିତ୍, ବୈଦିକ ଆଚାର୍ଯ୍ୟ, ପାରମ୍ପରିକ ସେବାୟତ ଏବଂ ଭକ୍ତ ମାନଙ୍କ ମିଳିତ ସହଯୋଗରେ ଏକ ନୂତନ ନୀତି ସୃଷ୍ଟି କରାଯିବା ଆବଶ୍ୟକ। ମନ୍ଦିରର ସ୍ଥାପତ୍ୟ ଓ ପ୍ରାଚୀନ ପ୍ରସ୍ତରର କୌଣସି କ୍ଷତି ନଘଟାଇ, ନିୟନ୍ତ୍ରିତ ଭାବେ ଗର୍ଭଗୃହରେ ବୈଦିକ ରୀତିରେ ପ୍ରାଣପ୍ରତିଷ୍ଠା, ଶାସ୍ତ୍ରୀୟ ପୂଜା ଅର୍ଚ୍ଚନା, ପାରମ୍ପରିକ ଉତ୍ସବ,ଯାତ୍ରା, ଜାଗଯଜ୍ଞ ଏବଂ ୨୪ ଘଣ୍ଟିଆ ବେଦମନ୍ତ୍ର ଧ୍ୱନିର ପ୍ରବାହ କରାଯାଇ ଏକାମ୍ର କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇ ପାରିବ। ପ୍ରାଚୀନ ଗଣିତ, ବାସ୍ତୁବିଜ୍ଞାନ, କଳା ଏବଂ ଆଧ୍ୟାତ୍ମିକ ସାଧନାର ଏହି ଅନନ୍ୟ ସଙ୍ଗମସ୍ଥଳ ପୁନର୍ବାର ବେଦ ଗୁଞ୍ଜରଣରେ ଜୀବନ୍ତ ହୋଇଉଠୁ। ରାଜାରାଣୀ ମନ୍ଦିର କେବଳ ଟିକେଟ କାଟି ଦେଖିବାର ଦର୍ଶନୀୟ ସ୍ଥଳୀ ନହୋଇ, ପୁନର୍ବାର ନିତ୍ୟ ସ୍ପନ୍ଦିତ ଏକ ପବିତ୍ର 'ତୀର୍ଥ' ଭାବେ ନିଜର ଆଧ୍ୟାତ୍ମିକ ଆତ୍ମା ଓ ଦିବ୍ୟତା ଫେରିପାଉ ଏହା ହିଁ ସାକ୍ଷାତ ଓଡ଼ିଆ ଅସ୍ମିତାର ଆହ୍ୱାନ।

**ସମାଜସେବୀ, ପୁରୀ**

# ଜୟ ଯବାନ ଜୟ କିଷାନ

**ଦଶରଥି ଶତପଥୀ**



ଏହି ଦୁଇଟି ଶବ୍ଦ ନୁହେଁ, ଏହି ଦୁଇଟି ଭାରତର ପ୍ରାଣ। ଜୟ ଜୱାନ ଜୟ କିଷାନ। ଏହି ମନ୍ତ୍ର ଦେଇଥିଲେ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ। ଛୋଟ ଦେହ, ସାଦା ଧୋତି, କିନ୍ତୁ ହୃଦୟରେ ଅଦମ୍ୟ ସାହସ। ଉନିଶହ ପଇଁଷଠି ମସିହାରେ ଯେତେବେଳେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କଲା ଓ ଦେଶରେ ଅନ୍ନ ସଙ୍କଟ ଦେଖା ଦେଲା, ସେତେବେଳେ ଦେଶକୁ ଏକ ନୂଆ ଦିଗ ଦରକାର ଥିଲା। ଶାସ୍ତ୍ରୀଜୀ ଏହି ମନ୍ତ୍ର ଦେଲେ। ଏହି ମନ୍ତ୍ର ଆଜି ବି ଭାରତକୁ ବଞ୍ଚାଇ ରଖିଛି।

ଜୱାନ ମାନେ କିଏ? ଯିଏ ସୀମାରେ ଛିଡା ହୋଇ ରାତି ଦିନ ଜଗି ରହିଛି। ଶୀତରେ ହିମାଳୟର ବରଫରେ, ଗରମରେ ରାଜସ୍ଥାନର ମରୁଭୂମିରେ, ବର୍ଷାରେ ଅରୁଣାଚଳର ଜଙ୍ଗଲରେ। ସେ ନିଜ ଘର, ପରିବାର, ନିଜ ସୁଖ ଛାଡି ଆମ ପାଇଁ ଛିଡା ହୋଇଛି। ଆମେ ଯେତେବେଳେ ରାତିରେ ଶୋଇଥାଉ, ସେ ଜାଗିଥାଏ। ଆମେ ଯେତେବେଳେ ପର୍ବ ପାଳୁ, ସେ ବନ୍ଧୁକ ଧରି ଛିଡା ହୋଇଥାଏ। ତା'ର ଜୟ ନ ହେଲେ ଦେଶ ନାହିଁ। ଏହା ଶାସ୍ତ୍ରୀଜୀ ବୁଝିଥିଲେ। ସେ ନିଜେ ଜୱାନଙ୍କ ସହ ସୀମାକୁ ଯାଇଥିଲେ, ସେମାନଙ୍କ ସହ ଖାଇଥିଲେ। ସେ କହିଥିଲେ ଜୱାନର ସାହସ ହିଁ ଦେଶର ସୀମା ନୁହେଁ, ଦେଶର ସମ୍ମାନ ରକ୍ଷା କରେ।

ଆଉ କିଷାନ ମାନେ କିଏ? ଯିଏ ଖରାରେ ପୋଡି, ବର୍ଷାରେ ଭିଜି ଆମ ପାଇଁ ଅନ୍ନ ଫଳାଏ। ଆମ ଥାଳିରେ ଯେଉଁ ଭାତ ଅଛି, ସେ ତା' ଝାଳରେ ତିଆରି। ଆମେ ଯଦି ଭୋକିଲା ରହିବା, ତେବେ କୌଣସି ବନ୍ଧୁକ ଦେଶକୁ ରକ୍ଷା କରି ପାରିବ ନାହିଁ। ଉନିଶହ ପଇଁଷଠିରେ ଆମେରିକା ପିଏଲ ଚାରିଶହ ଅସୀ ଯୋଜନାରେ ଗହମ ଦେଉଥିଲା ଓ ତାକୁ ନେଇ ଆମକୁ ଧମକ ଦେଉଥିଲା। ଶାସ୍ତ୍ରୀଜୀ ଦେଶବାସୀଙ୍କୁ କହିଲେ ସପ୍ତାହରେ ଥରେ ଉପବାସ କରନ୍ତୁ। ସେ ନିଜେ ନିଜ ପରିବାରରେ ଉପବାସ ଆରମ୍ଭ କଲେ। ଦେଶ ଶୁଣିଲା। ଆଉ କିଷାନକୁ କହିଲେ ଅଧିକ ଅନ୍ନ ଫଳାଅ। ସେହିଠାରୁ ସବୁଜ ବିପ୍ଳବର ବୀଜ ପଡିଲା। ଆଜି ଭାରତ କେବଳ ନିଜ ପାଇଁ ନୁହେଁ, ସାରା ବିଶ୍ୱ ପାଇଁ ଅନ୍ନ ଫଳାଉଛି। ଏହା ହେଉଛି ଜୟ କିଷାନର ଜୟ।

ଜୱାନ ଓ କିଷାନ ଭିତରେ ଏକ ଗଭୀର ସମ୍ପର୍କ ଅଛି। ଅଧିକାଂଶ ଜୱାନ କିଷାନର ପୁଅ। ଗାଁରୁ ଯାଇଥିବା ପୁଅ ସୀମାରେ ଦେଶ ଜଗୁଛି। ଆଉ ତା' ବାପା ଗାଁରେ ଜମି ଜଗୁଛି। ଜଣେ ଦେଶର ସୀମା ଜଗେ, ଅନ୍ୟ ଜଣେ ଦେଶର ପେଟ ଜଗେ। ଦୁହେଁ ଜଗୁଆଳି। ସେଥିପାଇଁ ଏହି ନାରା ଏତେ ଶକ୍ତିଶାଳୀ। ମୁଁ ପ୍ରଶାସନରେ ଥିଲା ବେଳେ ଦେଖିଛି ଯେତେବେଳେ ବନ୍ୟା ହୁଏ, ବାତ୍ୟା ହୁଏ, ପ୍ରଥମେ ଜୱାନ ଆସେ ଉଦ୍ଧାର କରିବାକୁ, ଆଉ ତା'ପରେ କିଷାନ ପୁଣି ଜମିରୁ ଜୀବନ ଫେରାଏ। ଏହି ଦୁଇ ହାତ ଉପରେ ଓଡ଼ିଶା ଠିଆ ହୋଇଛି, ଭାରତ ଠିଆ ହୋଇଛି। ଆଜି ଏହି ନାରାର ଅର୍ଥ ଆହୁରି ବଢି ଯାଇଛି। ପରେ ଅଟଳ ବିହାରୀ ବାଜପେୟୀ ଏଥିରେ ଜୟ ବିଜ୍ଞାନ ଯୋଡିଲେ, ଏବେ ଜୟ ଅନୁସନ୍ଧାନ ମଧ୍ୟ ଯୋଡା ହୋଇଛି। କିନ୍ତୁ ମୂଳ ଦୁଇଟି ସ୍ତମ୍ଭ ସେହି ଅଛି। କାରଣ ବିଜ୍ଞାନ ଯଦି କିଷାନ ପାଖରେ ନ ପହଞ୍ଚେ, ତାହାର ଅର୍ଥ ନାହିଁ। ଯଦି ବିଜ୍ଞାନ ଜୱାନକୁ ଶକ୍ତି ନ ଦିଏ, ତାହାର ଅର୍ଥ ନାହିଁ।




ଆଜି ଆମ କର୍ତ୍ତବ୍ୟ କଣ? କେବଳ ନାରା ଦେଲେ ହେବ ନାହିଁ। ଜୱାନକୁ ସମ୍ମାନ ଦେବା ଅର୍ଥ ତା' ପରିବାରକୁ ସମ୍ମାନ ଦେବା। ଯେତେବେଳେ ଜଣେ ସହିଦର ପରିବାର ସାହାଯ୍ୟ ମାଗେ, ସେତେବେଳେ ଛିଡା ହେବା। କିଷାନକୁ ସମ୍ମାନ ଦେବା ଅର୍ଥ ତା' ଫସଲର ସଠିକ ଦାମ ଦେବା, ତା' ପିଲାଙ୍କୁ କୃଷିକୁ ଘୃଣା ନ କରିବା ଶିଖାଇବା। ଆଜି ପିଲାମାନେ କିଷାନ ହେବାକୁ ଲାଜ କରୁଛନ୍ତି। ଏହା ବଦଳାଇବାକୁ ପଡିବ। କାରଣ ଯେଉଁ ଦେଶ ନିଜ କିଷାନକୁ ଭୁଲେ, ସେ ଦେଶ ଭୋକିଲା ରହେ। ଯେଉଁ ଦେଶ ନିଜ ଜୱାନକୁ ଭୁଲେ, ସେ ଦେଶ ପରାଧୀନ ହୁଏ। ଶାସ୍ତ୍ରୀଜୀ ଚାଲିଗଲେ ତାସକେଣ୍ଟରେ, କିନ୍ତୁ ତାଙ୍କ ନାରା ଅମର ଅଛି। ପ୍ରତ୍ୟେକ ଅକ୍ଟୋବର ଦୁଇରେ ଯେତେବେଳେ ଆମେ ତାଙ୍କୁ ମନେ ପକାଉ, ସେତେବେଳେ ମନେ ପକାଇବା ଯେ ଏହି ନାରା କେବଳ ନାରା ନୁହେଁ, ଏହା ଏକ ଶପଥ। ଆସନ୍ତୁ ଏହି ଅକ୍ଟୋବରରେ ଆମେ ଶପଥ ନେବା, ଆମେ ଆମ ଜୱାନ ଓ କିଷାନଙ୍କୁ ଭୁଲିବା ନାହିଁ। ସେମାନଙ୍କ ଜୟ ହେଲେ ହିଁ ଭାରତର ଜୟ ହେବ।

# ଶାସ୍ତ୍ରୀଜୀଙ୍କ ଜୀବନୀ-ଯୁବ ସମାଜର ଆବଶ୍ୟକତା

**ଶୁଭ୍ରଜିତ ଦାଶ**



ଆଜି ଏକ ଭିନ୍ନ ଧରଣର ବିଷୟ ଉପରେ ଆମେ ଚର୍ଚ୍ଚା କରିବା ପାଇଁ ଯାଉଛେ । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜନ ଜନ ଙ୍କ ନେତା ଲାଲ ବାହାଦୁର ଶାସ୍ତ୍ରୀ ଜି ଙ୍କ ଜୀବନୀ ଓ ଯୁବଶକ୍ତି ଙ୍କ ପାଇଁ ତାଙ୍କ ଜୀବନୀ ର ଆବଶ୍ୟକତା ଉପରେ ଆଜି ବିଶେଷ ଭାବରେ ଚିନ୍ତା କରିବାର ସମୟ ଆସିଯାଇଛି । ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲ ବାହାଦୁର ଶାସ୍ତ୍ରୀ ଜି ଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କକୁ ମୋର ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି

ସାଧାରଣ ଜୀବନ ଯାପନ କରିବା ସହ ନିଜର ବେଶ ପୋଷାକ ଓ ନିଜର ଚାଲିଚଳନ ପାଇଁ ଜନତା ଙ୍କ ମଧ୍ୟରେ ଆଦୃତ ହୋଇଥିବା ପ୍ରଧାନମନ୍ତ୍ରୀ ଯିଏ କି ଭିଆଇପି ସୁବିଧା ର ବିରୁଦ୍ଧରେ ଥିଲେ । ନିଜେ ସାରା ଜୀବନ ସରଳ ଭାବେ ବଞ୍ଚିବା ସହ ତାଙ୍କ ପରିବାର କୁ ମଧ୍ୟ ସରଳ ଜୀବନ ଢାଞ୍ଚାରେ ଗଢ଼ି ତୋଳିଥିଲେ । ଆଜିର ଯୁବକ ପାଇଁ ଏହି ବିଷୟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ସାଧା ସିଧା ଜୀବନ ବଞ୍ଚିଲେ ଜୀବନ ଆହୁରି ସରଳ ଓ ସାବଲୀଳ ହୋଇଥାଏ ଏହା ଶାସ୍ତ୍ରୀଜୀ ନିଜର ଜୀବନଚର୍ଯ୍ୟା ରେ ପ୍ରତିଫଳନ କରିଥିଲେ।ନିଜେ କଷ୍ଟରେ ରହି ସମାଜକୁ ପ୍ରେରଣା ଦେବା ସହ ସମାଜ ର କଲ୍ୟାଣ ପାଇଁ ପ୍ରଥମେ ନିଜେ ଚିନ୍ତା କରିବା ଓ ତାହାକୁ କାର୍ଯ୍ୟରେ ପରିଣତ କରିବା - ଏହା ମଧ୍ୟ ଲାଲ ବାହାଦୁର ଶାସ୍ତ୍ରୀ ଙ୍କ ଜୀବନର ଏକ ଅଙ୍ଗ ଥିଲା। ଯେତେବେଳେ ସାରା ଦେଶରେ ଦୁର୍ଭିକ୍ଷ ପଡ଼ିଥିଲା ସେତେବେଳେ ଦେଶର ହିତ ପାଇଁ ଦେଶରେ ଖାଦ୍ୟ କୁ ବଞ୍ଚାଇ ରଖିବା ପାଇଁ ଗୋଟେ ଦିନର ଗୋଟେ ପକ୍ଷର ଖାଦ୍ୟ ତ୍ୟାଗ କରିବା ପାଇଁ ପ୍ରଥମେ ନିଜେ ଚେଷ୍ଟା କରିବା ତା ପରେ ପରିବାର ଉପରେ ପ୍ରୟୋଗ କରିବା ଓ ଏହା ସଫଳ ହେଲା (କାହାର କିଛି କ୍ଷତି ନ ହେଲା) ତେଣୁ ସାରା ଦେଶରେ ଏହାକୁ ଗ୍ରହଣ କରିବା ପାଇଁ ଦେଶ ବାସିନ୍ଦାଙ୍କୁ ଅପିଲ କରିଥିଲେ । ଏପରି ଚିନ୍ତାଧାରା ନିଜ ଉପରେ ପ୍ରଥମେ ପ୍ରୟୋଗ ତା ପରେ ଦେଶ ହିତ ପାଇଁ ଦେଶର ଜନତାଙ୍କୁ ସମ୍ବୋଧିତ କରିବା

ଏପରି କାର୍ଯ୍ୟ ବିରଳ ଅଟେ । ଆଜିର ଯୁବକ ସବୁବେଳେ ନିଜକୁ ପ୍ରଥମେ ରଖିବା ପାଇଁ ଚିନ୍ତା କରନ୍ତି। ବର୍ତ୍ତମାନର ସମାଜରେ ବସ୍ତୁବାଦୀ ଚିନ୍ତାଧାରା ଏବଂ ପ୍ରତିଯୋଗିତା ଏତେ ବଢ଼ିଯାଇଛି ଯେ, ପ୍ରତ୍ୟେକ ଯୁବକ କେବଳ ନିଜର ସ୍ୱାର୍ଥ, ସୁଖସୁବିଧା ଏବଂ ପ୍ରତିଷ୍ଠା ପଛରେ ଦୌଡ଼ୁଛନ୍ତି। ଆଜିର ସୋସିଆଲ ମିଡିଆ ଯୁଗରେ ଦେଖାଶିଖା ଏବଂ ଚାକଚକ୍ୟ ଭିତରେ ପ୍ରକୃତ ମାନବୀୟ ମୂଲ୍ୟବୋଧ କେଉଁଠି ନା କେଉଁଠି ହଜିଯାଉଛି। କିନ୍ତୁ ଶାସ୍ତ୍ରୀଜୀଙ୍କ ଜୀବନ ଆମକୁ ଶିଖାଏ ଯେ "ସେବା ପ୍ରଥମେ, ସ୍ୱାର୍ଥ ପରେ"। ସେ ଦେଶର ପ୍ରଧାନମନ୍ତ୍ରୀ ଥାଇ ମଧ୍ୟ କୌଣସି ଅହଂକାର ରଖିନଥିଲେ। ନିଜର ବ୍ୟକ୍ତିଗତ ଗାଡ଼ି କିଣିବା ପାଇଁ ସେ ବ୍ୟାଙ୍କରୁ ଋଣ ନେଇଥିଲେ, ଯାହାକୁ ସେ ନିଜ ଜୀବନକାଳ ମଧ୍ୟରେ ସମ୍ପୂର୍ଣ୍ଣ ସୁଝି ମଧ୍ୟ ପାରିନଥିଲେ। ଆଜିର ଯୁବପିଢ଼ି ଯେଉଁମାନେ ଅଳ୍ପ ପରିଶ୍ରମରେ ବଡ଼ ବଡ଼ ସୁବିଧା ସୁଯୋଗ ଆଶା କରୁଛନ୍ତି, ସେମାନଙ୍କ ପାଇଁ ଶାସ୍ତ୍ରୀଜୀଙ୍କ ଏହି ସାଧୁତା ଓ ସ୍ୱଚ୍ଛତା ଏକ ବଡ଼ ଦିଗଦର୍ଶନ ଅଟେ।



୧୯୬୫ ମସିହା ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ତାଙ୍କର ଦୃଢ଼ ନେତୃତ୍ୱ ଏବଂ ଦେଶପ୍ରେମ ସାରା ବିଶ୍ୱ ଦେଖିଥିଲା। ସେହି ସମୟରେ ସେ ଦେଶକୁ "ଜୟ ଜବାନ, ଜୟ କିଷାନ" ର ଯେଉଁ ଅମର ନାରା ଦେଇଥିଲେ, ତାହା କେବଳ ଏକ ସ୍ଲୋଗାନ ନଥିଲା, ବରଂ ତାହା ଥିଲା ଭାରତର ଦୁଇଟି ମୁଖ୍ୟ ସ୍ତମ୍ଭ - ସୀମାରେ ଜଗିଥିବା ସୈନିକ ଏବଂ କ୍ଷେତରେ ଝାଳ ବୁହାଉଥିବା କୃଷକ ପ୍ରତି ସର୍ବୋଚ୍ଚ ସମ୍ମାନ। ଆଜିର ଯୁବ ସମାଜକୁ ଏହି ଚିନ୍ତାଧାରା ଆପଣାଇବାକୁ ହେବ। କୃଷି ଓ ପ୍ରତିରକ୍ଷା କ୍ଷେତ୍ରରେ କିମ୍ବା ନିଜ ଦେଶର ଉନ୍ନତି ପାଇଁ ସେମାନଙ୍କୁ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ନିଜ କ୍ୟାରିୟର ଗଠନ କରିବା ସହ ଦେଶର ଗରିବ ଓ ନିଷ୍ପେସିତ ଜନସାଧାରଣଙ୍କ ବିକାଶ ପାଇଁ ଚିନ୍ତା କରିବା ଯୁବପିଢ଼ିର ପ୍ରକୃତ କର୍ତ୍ତବ୍ୟ ହେବା ଉଚିତ।ବର୍ତ୍ତମାନର ଯୁବପିଢ଼ି ସାମାନ୍ୟ ସମସ୍ୟା ଆସିଲେ ଭାଙ୍ଗି ପଡୁଛନ୍ତି ଏବଂ ଧୈର୍ଯ୍ୟ ହରାଉଛନ୍ତି। ମାନସିକ ଚାପ ଆଜିର ସବୁଠାରୁ ବଡ଼ ସମସ୍ୟା ପାଲଟିଛି। କିନ୍ତୁ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପିଲାଦିନ ଆମକୁ ସଂଘର୍ଷ କରିବାର ପ୍ରକୃତ ଶକ୍ତି ଦିଏ। ତାଙ୍କର ପିଲାଦିନ ଅତ୍ୟନ୍ତ ଦାରିଦ୍ର୍ୟ ମଧ୍ୟରେ କଟିଥିଲା। ସେ ନଦୀ ସନ୍ତରଣ କରି ସ୍କୁଲ ପଢ଼ିବାକୁ ଯାଉଥିଲେ, ତଥାପି ସେ କେବେ ପରିସ୍ଥିତି ନିକଟରେ ହାର୍ ମାନିନଥିଲେ କି ଭାଗ୍ୟକୁ ନିନ୍ଦି ନଥିଲେ। ନିଜର ଦୃଢ଼ ଇଚ୍ଛାଶକ୍ତି, ସଚ୍ଚୋଟତା ଏବଂ ନିଷ୍ଠା ବଳରେ ସେ ଜଣେ ସାଧାରଣ ଶିଶୁରୁ ଦେଶର ସର୍ବୋଚ୍ଚ ପଦବୀରେ ପହଞ୍ଚିପାରିଥିଲେ। ତେଣୁ ଯୁବ ସମାଜ ନିଜ ସାମ୍ନାରେ ଥିବା ପ୍ରତିବନ୍ଧକକୁ ଡରି ନଯାଇ, ଶାସ୍ତ୍ରୀଜୀଙ୍କ ଭଳି ଧୈର୍ଯ୍ୟ ଏବଂ ସାହସର ସହ ତାହାର ମୁକାବିଲା କରିବା ଆବଶ୍ୟକ।ଶେଷରେ, ଏହା କୁହାଯାଇପାରେ ଯେ ଶାସ୍ତ୍ରୀଜୀଙ୍କ ଜୀବନୀ କେବଳ ଇତିହାସର ଏକ ପୃଷ୍ଠା ନୁହେଁ, ବରଂ ଏହା ଯୁବ ସମାଜ ପାଇଁ ଏକ ଜୀବନ୍ତ ପାଠଶାଳା। ତାଙ୍କର ସରଳତା, ସାଧୁତା, ଆତ୍ମନିର୍ଭରଶୀଳତା ଏବଂ ସର୍ବୋପରି ଦେଶପ୍ରେମର ଭାବନାକୁ ଯଦି ଆଜିର ଯୁବପିଢ଼ି ନିଜ ଜୀବନରେ ସ୍ଥାନ ଦିଅନ୍ତି, ତେବେ ଏକ ସୁସ୍ଥ, ସମୃଦ୍ଧ ଏବଂ ଆଦର୍ଶ ଭାରତ ଗଠନ ହୋଇପାରିବ। ଶାସ୍ତ୍ରୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବଶକ୍ତି ଦେଶ ଗଠନରେ ନିଜକୁ ନିୟୋଜିତ କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ଆସନ୍ତୁ ଆମେ ସମସ୍ତେ ମିଶି ତାଙ୍କ ଦେଖାଇଥିବା ମାର୍ଗରେ ଚାଲିବା ପାଇଁ ସଙ୍କଳ୍ପ କରିବା।

**ଆଜିର ଯୁବକ ସବୁବେଳେ ନିଜକୁ ପ୍ରଥମେ ରଖିବା ପାଇଁ ଚିନ୍ତା କରନ୍ତି। ବର୍ତ୍ତମାନର ସମାଜରେ ବସ୍ତୁବାଦୀ ଚିନ୍ତାଧାରା ଏବଂ ପ୍ରତିଯୋଗିତା ଏତେ ବଢ଼ିଯାଇଛି ଯେ, ପ୍ରତ୍ୟେକ ଯୁବକ କେବଳ ନିଜର ସ୍ୱାର୍ଥ, ସୁଖସୁବିଧା ଏବଂ ପ୍ରତିଷ୍ଠା ପଛରେ ଦୌଡ଼ୁଛନ୍ତି। ଆଜିର ସୋସିଆଲ ମିଡିଆ ଯୁଗରେ ଦେଖାଶିଖା ଏବଂ ଚାକଚକ୍ୟ ଭିତରେ ପ୍ରକୃତ ମାନବୀୟ ମୂଲ୍ୟବୋଧ କେଉଁଠି ନା କେଉଁଠି ହଜିଯାଉଛି।**

### 'ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍' ସ୍ୱଚ୍ଛତା ଅଭିଯାନରେ ମୁଖ୍ୟମନ୍ତ୍ରୀ

# ଭୁବନେଶ୍ୱରକୁ ନମ୍ବର ୱାନ୍ ସ୍ୱଚ୍ଛ ସହର କରିବାକୁ ଆହ୍ୱାନ



**ନିଜ ଘର ସହ ଘର ଆଗ ରାସ୍ତା ଓ କଲୋନୀକୁ ସଫା ଦାୟିତ୍ୱ ଆମର**

**ସହର ଆମର, ଏହାକୁ ସ୍ୱଚ୍ଛ ରଖିବା ଦାୟିତ୍ୱ ବି ଆମରଃ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୧।୧୦(ସଂଚାର ବ୍ୟୁରୋ): ଏ ସହର ଆମର ଏବଂ ଏହାର ସ୍ୱଚ୍ଛତାର ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର। ବର୍ତ୍ତମାନ ଦେଶର ସ୍ୱଚ୍ଛତା ରାଙ୍କିଙ୍ଗରେ ଭୁବନେଶ୍ୱର ନବମ ସ୍ଥାନରେ ରହିଛି। ଯଦି ଆମେ ସମସ୍ତେ ବ୍ୟକ୍ତିଗତ ଭାବେ ନିଜ ନିଜର ଦାୟିତ୍ୱ ସଠିକ୍ ଭାବେ ତୁଲାଇବା, ତେବେ ଆମ ସହର ଦେଶର ସବୁଠାରୁ ସ୍ୱଚ୍ଛ ଓ ସୁନ୍ଦର ହୋଇ ପ୍ରଥମ ସ୍ଥାନ ହାସଲ କରିବ। ଆଜି ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଖଣ୍ଡଗିରିଠାରେ ଆୟୋଜିତ 'ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍' ସ୍ୱଚ୍ଛତା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହା କହିଛନ୍ତି।

ସହରର ସ୍ୱଚ୍ଛତା ପାଇଁ ପ୍ରତ୍ୟେକ ନାଗରିକଙ୍କୁ ସଚେତନ ହେବାକୁ ଅନୁରୋଧ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ଯେପରି ନିଜ ଘର, ବାଡ଼ି, ଦାଣ୍ଡ ଓ ଅଗଣା ସଫା ରଖୁଛୁ, ସେହିପରି ଆମ ଦୃଷ୍ଟିକୋଣକୁ ଆଉ ଟିକିଏ ପ୍ରସାରିତ କରିବା ଆବଶ୍ୟକ। ଘର ଆଗ ରାସ୍ତା ଓ ନିଜ କଲୋନୀକୁ ସଫା ରଖିବାର ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର। ସଫେଇ କର୍ମଚାରୀମାନଙ୍କ କାର୍ଯ୍ୟରେ ଯୋଡ଼ିହୋଇ ଘରର ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା କରି ନିୟମିତ ସଫେଇ ଗାଡ଼ିକୁ ଦେବା ଏବଂ ରାସ୍ତାରେ ଅଳିଆ ନ ଫିଙ୍ଗି ଅନ୍ୟମାନଙ୍କୁ ମଧ୍ୟ ବାରଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଦେଶର ସ୍ୱାଧୀନତା ପୂର୍ବରୁ ମହାତ୍ମା ଗାନ୍ଧୀ ସ୍ୱଚ୍ଛତା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଥିଲେ। ମାତ୍ର ୨୦୧୪ ମସିହାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗାନ୍ଧୀଜୀଙ୍କ ଏହି ସ୍ୱପ୍ନର ସଫଳ ରୂପାୟନ କରି 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ମାଧ୍ୟମରେ ଏହାକୁ ଏକ ବ୍ୟାପକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ଆଜିର ଏହି ସ୍ୱତନ୍ତ୍ର 'ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍' କାର୍ଯ୍ୟକ୍ରମ ସମଗ୍ର ସମାଜକୁ ସ୍ୱଚ୍ଛତା ସହିତ ଯୋଡ଼ିବାର ଏକ ଅଭିନବ ଓ ପ୍ରଶଂସନୀୟ ଉଦ୍ୟମ। ଆମର ପ୍ରିୟ ଭୁବନେଶ୍ୱର ସହର ପୂର୍ବ ଅପେକ୍ଷା ଅଧିକ ସ୍ୱଚ୍ଛ ଓ ସୁନ୍ଦର ହୋଇପାରିଥିବାରୁ, ଏହାର ଶ୍ରେୟ ସଫେଇ ମିତ୍ରମାନଙ୍କୁ ଦେବା ସହ ସେମାନଙ୍କ ନିରବଚ୍ଛିନ୍ନ ସେବା ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ସେ ସଫେଇ ମିତ୍ରମାନଙ୍କ ସାମାଜିକ ସୁରକ୍ଷା ଓ ସେମାନଙ୍କୁ ବାସଗୃହ ଯୋଗାଇଦେବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି। ଏହାସହ ଦେଶର ୫୦ଟି 'ମଡେଲ ସାନିଟେସନ ସିଟି' ଭାବେ ବିକଶିତ ହେବା ପାଇଁ ଓଡ଼ିଶାର ଦୁଇଟି ପ୍ରମୁଖ ସହର ଭୁବନେଶ୍ୱର ଓ ପୁରୀ ମନୋନୀତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଉଭୟ ମହାନଗର ନିଗମର କର୍ତ୍ତୃପକ୍ଷ, ଅଧିକାରୀ ଏବଂ ବିଶେଷ ଭାବେ ସଫେଇ ମିତ୍ରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ସୁଲୋଚନା ଦାସ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଏମସି କମିଶନର ଚଞ୍ଚଳ ରାଣା, କର୍ପୋରେଟର, ବିଏମସି କର୍ମଚାରୀ ସମେତ ସଫେଇ ମିତ୍ର ଉପସ୍ଥିତ ଥିଲେ।

## ବାରବାଟୀ ଫୁଡ୍ କୋର୍ଟରେ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାର ଶୁଭାରମ୍ଭ

କଟକ,୧।୧୦(ସଂଚାର ବ୍ୟୁରୋ): କଟକ ମହାନଗର ନିଗମ ପକ୍ଷରୁ ଭଡ଼ା ଆଦାୟ ପ୍ରକ୍ରିୟାକୁ ଅଧିକ ସହଜ, ସ୍ୱଚ୍ଛ, ଶୃଙ୍ଖଳିତ ଓ ନିୟମିତ କରିବା ଉଦ୍ଦେଶ୍ୟରେ ବାରବାଟୀ ଫୁଡ୍ କୋର୍ଟ ପରିସରରେ ଡିଜିଟାଲ୍ ପେମେଣ୍ଟ ମାଧ୍ୟମରେ ଭଡ଼ା ଆଦାୟ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ କଟକ ମହାନଗର ନିଗମ (କେଏମ୍‌ସି)ର ସହଯୋଗରେ ଏହି ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ଆରମ୍ଭ କରାଯାଇଛି। ନିକଟରେ ବାରବାଟୀ ଫୁଡ୍ କୋର୍ଟର ଶୁଭାରମ୍ଭ ହୋଇଥିବା ବେଳେ ଆଜି ଏହି ନୂତନ ଡିଜିଟାଲ୍ ଭଡ଼ା ଆଦାୟ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି।

ନୂତନ ବ୍ୟବସ୍ଥା ଅନୁଯାୟୀ, ବାରବାଟୀ ଫୁଡ୍ କୋର୍ଟ ଦୋକାନୀମାନେ ପ୍ରତି ମାସ ନିର୍ଦ୍ଧାରିତ ସମୟରେ କେଏମ୍‌ସିର ଆକାଉଣ୍ଟକୁ ସିଧାସଳଖ ଡିଜିଟାଲ୍ ମାଧ୍ୟମରେ ଭଡ଼ା ପୈଠ କରିପାରିବେ। ଏହା ଫଳରେ ଭଡ଼ା ପୈଠ ପ୍ରକ୍ରିୟା ଅଧିକ ସରଳ ଓ ସୁବିଧାଜନକ ହୋଇପାରିବ। ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ମାଧ୍ୟମରେ ନଗଦ କାରବାରକୁ କମାଇ ଭଡ଼ା ଆଦାୟ



କେଏମ୍‌ସି ମେୟର ସୁବାସ ସିଂହ ଓ କମିଶନର କିରଣଦୀପ କୌର ସହୋତା ଏହି ଡିଜିଟାଲ୍ ଭଡ଼ା ଆଦାୟ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆଇସିଆଇସିଆଇ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ଅମିୟ ନାୟକ କମିଶନରଙ୍କୁ କ୍ୟୁଆର କୋଡ୍ ଉଲ୍ଲେଖ ଥିବା ଏକ କାର୍ଡ ପ୍ରଦାନ କରିଥିଲେ। ଏହି କ୍ୟୁଆର କୋର୍ଡକୁ ସ୍କାନ କରି ଦୋକାନୀମାନେ ସେମାନଙ୍କର ଗତ ମାସର ଭଡ଼ା ପ୍ରଦାନ କରିଥିଲେ। ପ୍ରକ୍ରିୟାକୁ ଅଧିକ ସୁସଂଗଠିତ ଓ ସ୍ୱଚ୍ଛ କରାଯାଇପାରିବ। ଏହା ମାଧ୍ୟମରେ ଭଡ଼ା ପୈଠର ଡିଜିଟାଲ୍ ରେକର୍ଡ ମଧ୍ୟ ସୁରକ୍ଷିତ ରହିବ ବୋଲି ମେୟର ଉଲ୍ଲେଖ କରିଥିଲେ। କେଏମ୍‌ସି ପକ୍ଷରୁ ଭବିଷ୍ୟତରେ ମଧ୍ୟ ରାଜସ୍ୱ ଆଦାୟ ପ୍ରକ୍ରିୟାକୁ ଅଧିକ ସହଜ, ଡିଜିଟାଲ୍ ଓ ନାଗରିକ-ଅନୁକୂଳ କରିବା ଦିଗରେ ପଦକ୍ଷେପ ନିଆଯିବା ଉପରେ କମିଶନର ଗୁରୁତ୍ୱାରୋପ କରିଥିଲେ।

## ରାଜରାସ୍ତାରେ ପାଚିକା ସଂଘର ଗର୍ଜନ

### ୩ ହଜାର ନୁହେଁ, ୨୮ ହଜାର ଦରମା ଦାବି




ଭୁବନେଶ୍ୱର,୧।୧୦(ସଂଚାର ବ୍ୟୁରୋ): ରାଜ୍ୟର ବିଭିନ୍ନ ସରକାରୀ ସ୍କୁଲ ମଧ୍ୟାହ୍ନଭୋଜନ ପାଚିକା ସହାୟିକା ରାଜଧାନୀ ରାଜରାସ୍ତାରେ ଧାରଣା ଦେଇଥିବାରୁ ବିଭିନ୍ନ ସ୍କୁଲରେ ମଧ୍ୟାହ୍ନଭୋଜନ ବନ୍ଦ ହେବାର ଭୟ ସୃଷ୍ଟି ହୋଇଛି। ହଜାର ହଜାର ପାଚିକା କାମ ବନ୍ଦ କରି ବିଧାନସଭା ସମ୍ମୁଖରେ ମିଳିତ ପ୍ରତିବାଦ କରିଛନ୍ତି। ସରକାରୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନଭୋଜନ ଯୋଜନା କେନ୍ଦ୍ର ସରକାରଙ୍କର ଏକ ପାଇଲଟ୍ ପ୍ରୋଜେକ୍ଟ। ୧୯୯୫ଠାରୁ ଏହି ଯୋଜନାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପରିଚାଳନା କରିଆସୁଛନ୍ତି। ବର୍ଷରେ ୧୨ ମାସ ପରିବର୍ତ୍ତେ ୧୦ ମାସର ପାରିଶ୍ରମିକ ପ୍ରଦାନ କାହିଁକି? ଏଥିସହ ଏବେ ମିଳୁଥିବା ମାସିକ ମାତ୍ର ୩୦୦୦ ଟଙ୍କା ପାରିଶ୍ରମିକକୁ ୨୮ ହଜାର ଟଙ୍କା କରିବାକୁ ଦାବି କରିଛନ୍ତି ପାଚିକା। ମହଙ୍ଗା ଯୁଗରେ ଏତେ କମ୍ ଟଙ୍କା ଦରମାରେ କେମିତି ଚଳିବୁ ବୋଲି ସରକାରଙ୍କ ପାଖରେ ନେହୁରା ହୋଇଛନ୍ତି। ପାଚିକା ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ମଧ୍ୟାହ୍ନଭୋଜନ କାର୍ଯ୍ୟ ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟରେ ପାଚିକା ସହାୟିକାଙ୍କୁ ନିୟୋଜିତ କରିବା ବନ୍ଦ କରିବା, ଅବସର ବୟସ ସୀମା ୬୫କୁ ବୃଦ୍ଧି କରିବାକୁ ଦାବି କରିଛନ୍ତି ପାଚିକା। ମାଷ୍ଟର କ୍ୟାଣ୍ଟିନ ଛକରୁ ହଜାର ହଜାର ପାଚିକା ବିରାଟ ଶୋଭାଯାତ୍ରାରେ ବାହାରି ଟାଣ ଖରାରେ ବିଧାନସଭା ସମ୍ମୁଖରେ ପ୍ରତିବାଦ କରିଛନ୍ତି। ମଧ୍ୟାହ୍ନଭୋଜନ ଓ ପାଚିକା ସହାୟିକାଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟରେ ବ୍ୟୟବରାଦ ବୃଦ୍ଧି ହୋଇଛି। ଏଥିସହ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ଦର୍ଶାଇ ବନ୍ଦ କରାଯାଇଥିବା ସ୍କୁଲଗୁଡ଼ିକୁ ପୁନଃ ଖୋଲି ଛଟେଇ ପାଚିକା ସହାୟିକାଙ୍କୁ ନିଯୁକ୍ତ କରାଯାଉ ଦାବି କରିଛି ସଂଘ। ସରକାର ଘୋଷଣା କରିଥିବା ଦୈନିକ ସର୍ବନିମ୍ନ ମଜୁରୀ ନଦେଇ ସ୍ୱଳ୍ପ ଆର୍ଥିକ ଅନୁଦାନ ପ୍ରଦାନ କରି ପାଚିକାଙ୍କୁ ପ୍ରତାରଣା କରୁଥିବା ଅଭିଯୋଗ କରିଛନ୍ତି। ସରକାର ପାଚିକାଙ୍କ ଦୁଃଖ ବୁଝିବା ସହ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି।

### ହାଇକୋର୍ଟରେ ବିଚାରପତି ନିଯୁକ୍ତି ଦାବି

## କଟକରୁ ଭୁବନେଶ୍ୱର ବାର୍ ଆସୋସିଏସନ୍‌ର ରାଲି

### ଆଇନ ମନ୍ତ୍ରୀ ଦେଲେ ଆଶ୍ୱାସନା



ଭୁବନେଶ୍ୱର,୧।୧୦(ସଂଚାର ବ୍ୟୁରୋ): ହାଇକୋର୍ଟରେ ବିଚାରପତି ନିଯୁକ୍ତି ଦାବିରେ ଗର୍ଜିଲା ବାର୍ ଆସୋସିଏସନ୍। ଖାଲି ପଡ଼ିଥିବା ବିଚାରପତି ପଦବୀ ପୂରଣ ଦାବିରେ କଟକରୁ ଭୁବନେଶ୍ୱର ବିଶାଳ ରାଲି। ଆଇନଜୀବୀମାନେ କଟକରୁ ଭୁବନେଶ୍ୱର ଯାଏଁ ଶୋଭାଯାତ୍ରାରେ ଆସିଥିଲେ। ଭୁବନେଶ୍ୱର କ୍ଲବ୍‌ଠାରୁ ଲୋକ ଭବନ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରି ରାଜ୍ୟପାଳଙ୍କ ନିକଟରେ ଲିଖିତ ଭାବେ ଦାବି ଉପସ୍ଥାପନ କରିଛନ୍ତି। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ନିକଟକୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ହାଇକୋର୍ଟରେ ଖାଲି ପଡ଼ିଥିବା ବିଚାରପତି ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ଓ ସୁପ୍ରିମକୋର୍ଟ କଲେଜିୟମର ସୁପାରିସ୍ ଆଧାରରେ ଆଇନ ମନ୍ତ୍ରଣାଳୟ ଶୀଘ୍ର ନିଷ୍ପତ୍ତି ନେବା ପାଇଁ ଅନୁରୋଧ କରାଯାଇଛି। ତେବେ ହାଇକୋର୍ଟରେ ୩୩ ବିଚାରପତି ରହିବାର ନିୟମ ରହିଥିବା ବେଳେ ଅଛନ୍ତି ୧୫ ବିଚାରପତି। ବିଚାରପତିଙ୍କ ଅଭାବ ଯୋଗୁ ବିଳମ୍ବ ହେଉଛି ନ୍ୟାୟିକ ପ୍ରକ୍ରିୟା। ତେଣୁ ବିଚାରପତି ନିଯୁକ୍ତି ପାଇଁ ଆଇନଜୀବୀମାନେ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ସେପଟେ ହାଇକୋର୍ଟରେ ଖାଲି ଥିବା ବିଚାରପତି ପଦବୀ ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏନେଇ ସୁପ୍ରିମକୋର୍ଟଙ୍କ କଲେଜିୟମ ନିଷ୍ପତ୍ତି ନେବ। ଆସନ୍ତା ମାସରେ ଆହୁରି ଦୁଇ ଜଣ ବିଚାରପତି ଅନ୍ୟ ହାଇକୋର୍ଟକୁ ବଦଳି ହେଉଛନ୍ତି। ତେଣୁ ଏ ବାବଦରେ ସୁପ୍ରିମକୋର୍ଟ ଅବଗତ ଅଛନ୍ତି। ଆମେ ଆଶା କରୁଛୁ ଯେ ଖୁବ୍‌ଶୀଘ୍ର ଏହି ପଦବୀ ପୂରଣ ହେବ ଏବଂ ଲୋକଙ୍କ ସମସ୍ୟା ଦୂର ହେବ। ଏଥିସହ ଆଇନଜୀବୀଙ୍କୁ ଧୈର୍ଯ୍ୟ ଧରିବାକୁ ଆଇନ ମନ୍ତ୍ରୀ ଅନୁରୋଧ କରିଛନ୍ତି।

## ସୂଚନା ଓ ଲୋକ ସମ୍ପର୍କ ବିଭାଗ ବୈଷୟିକ ନିର୍ଦ୍ଦେଶକଙ୍କ ଅବସର ଗ୍ରହଣ

ଭୁବନେଶ୍ୱର,୧।୧୦ (ସଂଚାର ବ୍ୟୁରୋ): ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂ ଗତକାଲି ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଭାଗର ବିଭିନ୍ନ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଶ୍ରୀ ସିଂଙ୍କୁ ସାକ୍ଷାତ କରି ତାଙ୍କର ଅବସରକାଳୀନ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ସେହିପରି ଓଡ଼ିଶା ସୂଚନା ସେବା ସଂଘର କର୍ମକର୍ତ୍ତା ତଥା ଅଧିକାରୀମାନେ ମଧ୍ୟ ଅବସର ଗ୍ରହଣ କରିଥିବା ନିର୍ଦ୍ଦେଶକ (ବୈଷୟିକ) ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଅବସରକାଳୀନ ଜୀବନର ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ସିଂ ଚାକିରି ଜୀବନ ଆରମ୍ଭଠାରୁ ଅବସର ଗ୍ରହଣ ପର୍ଯ୍ୟନ୍ତ ତାଙ୍କର ଅନୁଭୂତି ଓ ଅଭିଜ୍ଞତା ପ୍ରକାଶ କରି କାର୍ଯ୍ୟରତ ସୂଚନା ସେବା ଅଧିକାରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ରାଜ୍ୟ ସଦର ମହକୁମା, ବିଭିନ୍ନ ଜିଲ୍ଲା ଓ ବିଭାଗରେ କାର୍ଯ୍ୟରତ ଲୋକସମ୍ପର୍କ ଅଧିକାରୀମାନଙ୍କୁ ଏକାଗ୍ରତା, ଦୃଢ଼ମନା ଓ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ ପାଇଁ ସେ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ଅଧିକାରୀମାନଙ୍କୁ ଭଲ କାମ କରି ନିଜ ନିଜର ସ୍ୱତନ୍ତ୍ର ପରିଚୟ ମାଧ୍ୟମରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ତାଙ୍କର କାର୍ଯ୍ୟକାଳ ସମୟରେ ସେ ବିଭିନ୍ନ ଉଲ୍ଲେଖନୀୟ ଓ ଆହ୍ୱାନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ସୂଚନା ସେବାର ଜଣେ ଦକ୍ଷ, ଅଭିଜ୍ଞ ଓ ପାରଦର୍ଶୀ ଅଧିକାରୀ ଭାବେ ବିଭିନ୍ନ ମହଲରେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ।

### ଦୁଷ୍କର୍ମ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି

## ଥାନାଧିକାରୀଙ୍କୁ ଭେଟିଲେ ଜିଲ୍ଲା କଂଗ୍ରେସ ସଭାପତି



ଭୁବନେଶ୍ୱର,୧।୧୦ (ସଂଚାର ବ୍ୟୁରୋ): ନୟାପଲ୍ଲୀ ଅଞ୍ଚଳରେ ଘଟିଥିବା ଦୁଷ୍କର୍ମ ଘଟଣା ସମଗ୍ର ରାଜଧାନୀବାସୀଙ୍କୁ ଭୟଭୀତ କରିଦେଇଛି। ଏକ ଆପାର୍ଟମେଣ୍ଟରେ ରହୁଥିବା ଜଣେ ଯୁବତୀଙ୍କୁ ବନ୍ଧୁକ ଦେଖାଇ ଦୁଷ୍କର୍ମ କରାଯିବା ଅତ୍ୟନ୍ତ ଉଦ୍‌ବେଗର ବିଷୟ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ନୟାପଲ୍ଲୀ ଥାନା ଆଇଆଇସିଙ୍କୁ ଭେଟି ଘଟଣାର ତ୍ୱରିତ ତଦନ୍ତ, ଅପରାଧୀ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇଁ ଦାବି କରିଛନ୍ତି। ଏଥିସହ ଭୁବନେଶ୍ୱରରେ ପୁଲିସ ପାଟ୍ରୋଲିଂକୁ ଆହୁରି ସୁଦୃଢ଼ କରିବାକୁ ଦାବି କରିଛନ୍ତି। ଏହାଦ୍ୱାରା ଭୁବନେଶ୍ୱରବାସୀ ନିଜକୁ ସୁରକ୍ଷିତ ମନେ କରିପାରିବେ ଓ ଭବିଷ୍ୟତରେ ଏଭଳି ଅପରାଧ ରୋକାଯାଇପାରିବ। ଏହି ଆଲୋଚନା ସମୟରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, କଂଗ୍ରେସ ନେତା ମୁଖପାତ୍ର ରଜନୀ ମହାନ୍ତି, ମନୋରଞ୍ଜନ ଦାସ, ମୁକେଶ ପ୍ରଧାନ, ସୂର୍ଯ୍ୟକାନ୍ତ ଜେନା, ଲିଙ୍ଗରାଜ ସାହୁ, ଦେବାଶିଷ ମିଶ୍ରଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ।

## 'ଶରତ ସ୍ମୃତି' ନୃତ୍ୟ ଉତ୍ସବଃ ଗୀତା ମହାଲିକଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୧।୧୦ (ସଂଚାର ବ୍ୟୁରୋ): ପଦ୍ମଶ୍ରୀ ଗୁରୁ ଗୀତା ମହାଲିକଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପ୍ରୋତ୍ସାହିତ ସାଂସ୍କୃତିକ ଅନୁଷ୍ଠାନ 'ଗୀତା'ସ୍ ଉପାସନା' ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ହାବିଟାଟ୍ ସେଣ୍ଟରର ଷ୍ଟେଇନ୍ ଅଡିଟୋରିୟମ୍‌ରେ ଗତକାଲି 'ଶରତ ସ୍ମୃତି' ନୃତ୍ୟ ଉତ୍ସବ ଆୟୋଜିତ ହୋଇଥିଲା। ଭାରତର ଜଣେ ବିଶିଷ୍ଟ ଓ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ଗୁରୁ ଶ୍ରୀମତୀ ମହାଲିକଙ୍କୁ ପଦ୍ମଶ୍ରୀ ସମ୍ମାନ, କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଓ ଓଡ଼ିଶା ରାଜ୍ୟ ଏକାଡେମୀ ପୁରସ୍କାର ସମେତ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ 'ଗୀତା'ସ୍ ଉପାସନା' ପକ୍ଷରୁ ଓଡ଼ିଶୀ ନୃତ୍ୟଶୈଳୀରେ ପ୍ରସ୍ତୁତ 'ଅଗ୍ନି' ଗୀତିନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା। ଗୁରୁ ଶ୍ରୀମତୀ ମହାଲିକ ଓ ତାଙ୍କ ନୃତ୍ୟ ଦଳର କଳାକାରଙ୍କ ଚମତ୍କାର ପରିବେଷଣ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଓ ପର୍ଯ୍ୟଟନ ମନ୍ତ୍ରଣାଳୟର କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀ ଶେଖାୱତ କହିଥିଲେ ଯେ ମନ୍ଦିର ନୃତ୍ୟ ପରମ୍ପରା ଓ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଗଭୀର ଭାବେ ଜଡ଼ିତ ଓଡ଼ିଶୀ ନୃତ୍ୟ ଭାରତୀୟ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ଏକ ମୁଖ୍ୟ ଅଂଶ। ଏହା ଆମ ସମସ୍ତଙ୍କୁ 'ବିକଶିତ ଭାରତ' ଦିଗରେ ଆଗେଇ ନେବା ସହ ଭାରତୀୟ ସଭ୍ୟତାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରୁଛି। ଶ୍ରୀ ଶେଖାୱତ ପଦ୍ମଶ୍ରୀ ଗୁରୁ ଶ୍ରୀମତୀ ମହାଲିକଙ୍କ ଦ୍ୱାରା ଆମର ଚିରନ୍ତନ ଓ ଅମୂଲ୍ୟ ଭାରତୀୟ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ କରାଯାଉଥିବା ମହତ୍ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ମଞ୍ଚରେ ନ୍ୟାୟମୂର୍ତ୍ତି ଅରିଜିତ ପଶାୟତ ଓ ପଦ୍ମଭୂଷଣ ଜତିନ ଦାସ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଇଣ୍ଡିଆ ହାବିଟାଟ୍ ସେଣ୍ଟର ଓ ସଂସ୍କୃତି ମନ୍ତ୍ରଣାଳୟ ସହଯୋଗ କରିଥିଲେ। ଇଣ୍ଡିଆ ହାବିଟାଟ୍ ସେଣ୍ଟର, ନୂଆଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ଏସ୍‌ଜି ସୁରେଶ ପରିବେଷଣକାରୀ କଳାକାରଙ୍କ ସହ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରଦା ପଛରେ କାର୍ଯ୍ୟ କରିଥିବା ବୈଷୟିକ କର୍ମଚାରୀମାନଙ୍କୁ ମଧ୍ୟ ସମ୍ମାନିତ କରିଥିଲେ।

## ବନ୍ଦ କୋଠରୀରେ ମହାନଦୀର ଭାଗ୍ୟ ନିର୍ଦ୍ଧାରଣ ହୋଇପାରିବନି

### ମହାନଦୀ ବଞ୍ଚାଅ ଆନ୍ଦୋଳନର ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ

ଭୁବନେଶ୍ୱର,୧।୧୦ (ସଂଚାର ବ୍ୟୁରୋ): ମହାନଦୀ ଜଳ ବିବାଦର ସମାଧାନ ପାଇଁ ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବିତ ବୈଠକ ପରିପ୍ରେକ୍ଷୀରେ ଆଜି ମହାନଦୀ ବଞ୍ଚାଅ ଆନ୍ଦୋଳନ ସାମ୍ବାଦିକ ସମ୍ମିଳନୀ କରି ସ୍ୱାଗତ କରିବା ସହିତ ଟ୍ରିପୁଲ ଇଂଜିନ ସରକାରଙ୍କ ନିକଟରେ ୧୦ ଟି ପ୍ରଶ୍ନ ରଖିଛି। ମହାନଦୀ ବିବାଦର ଏକ ସ୍ଥାୟୀ ଓ ନ୍ୟାୟସଙ୍ଗତ ସମାଧାନ ପାଇଁ ଯେକୌଣସି ଗମ୍ଭୀର ପ୍ରୟାସକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ସମର୍ଥନ କରେ। କିନ୍ତୁ ପ୍ରଶ୍ନ ହେଉଛି ଓଡ଼ିଶାର ଲୋକଙ୍କ ନାମରେ ଦିଲ୍ଲୀରେ କ'ଣ ବୁଝାମଣା ହେବାକୁ ଯାଉଛି? କେଉଁ ତଥ୍ୟ ଓ ବୈଜ୍ଞାନିକ ଆଧାରରେ ଏହି ବୁଝାମଣା ହେବ? ଏବଂ ଏହାର ପରିଣାମ ମହାନଦୀ ଓ ଓଡ଼ିଶାର ଭବିଷ୍ୟତ ଜଳ ସୁରକ୍ଷା ଉପରେ କ'ଣ ହେବ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ପ୍ରଶ୍ନ କରାଯାଇଛି। ମହାନଦୀ କେବଳ ଦୁଇଟି ରାଜ୍ୟ ମଧ୍ୟରେ ବାଣ୍ଟିବାକୁ ଥିବା ଜଳରାଶି ନୁହେଁ। ଏହା ଓଡ଼ିଶାର କୋଟି କୋଟି ଲୋକଙ୍କ ଜୀବନରେଖା। କୃଷି, ପାନୀୟଜଳ, ମତ୍ସ୍ୟଜୀବୀ, ଜୀବିକା, ଶିଳ୍ପ ଏବଂ ନଦୀର ପରିବେଶୀୟ ସୁରକ୍ଷା ସବୁକିଛି ମହାନଦୀ ସହିତ ଜଡ଼ିତ।ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଏପର୍ଯ୍ୟନ୍ତ କାର୍ଯ୍ୟରତ ଅଛି ଏବଂ ଏହାର ବର୍ତ୍ତମାନର କାର୍ଯ୍ୟକାଳ ୧୩ ଜାନୁଆରୀ ୨୦୨୭ ପର୍ଯ୍ୟନ୍ତ ବଳବତ୍ତର ରହିଛି। ତେଣୁ ଟ୍ରିବ୍ୟୁନାଲ ପ୍ରକ୍ରିୟା ବାହାରେ କୌଣସି ରାଜନୈତିକ ବୁଝାମଣା ହେଲେ ମଧ୍ୟ ତାହା ସ୍ୱଚ୍ଛ, ବୈଜ୍ଞାନିକ, ଆଇନସମ୍ମତ ଏବଂ ଉଭୟ ରାଜ୍ୟର ଅଧିକାରକୁ ସୁରକ୍ଷିତ କରୁଥିବା ହେବା ଆବଶ୍ୟକ। ଏହା ସହିତ ଆଜି ସାମ୍ବାଦିକ ସମ୍ମିଳନୀ ରେ ମହାନଦୀ ବଞ୍ଚାଅ ଆନ୍ଦୋଳନ କିଛି ପ୍ରଶ୍ନ ଉଠାଇଛି। ମହାନଦୀର ଜଳ କ'ଣ ନଦୀ ଓ ନଦୀ ଉପରେ ନିର୍ଭରଶୀଳ ଲୋକଙ୍କ ପାଇଁ, ନା ଶିଳ୍ପ ଓ କର୍ପୋରେଟ୍ ନିବେଶର ଭବିଷ୍ୟତ ଆବଶ୍ୟକତା ପୂରଣ ପାଇଁ? ବୈଠକରେ ପ୍ରକୃତରେ କ'ଣ ବୁଝାମଣା ହେବାକୁ ଯାଉଛି?

ବୈଠକର ଏଜେଣ୍ଡା, ଆଲୋଚନାର ଆଧାର ଓ ପ୍ରସ୍ତାବିତ ବୁଝାମଣାର ରୂପରେଖକୁ କେନ୍ଦ୍ର ସରକାର ଓ ଉଭୟ ରାଜ୍ୟ ସରକାର ସାର୍ବଜନୀନ କରିବେ କି? ପ୍ରସ୍ତାବିତ ସମାଧାନର ବୈଜ୍ଞାନିକ ଆଧାର କ'ଣ? ମହାନଦୀର ଜଳ ଉପଲବ୍ଧତା ନିର୍ଦ୍ଧାରଣ ପାଇଁ ବ୍ୟବହୃତ ସମ୍ପୂର୍ଣ୍ଣ ହାଇଡ୍ରୋଲୋଜିକାଲ୍ ତଥ୍ୟ, ପଦ୍ଧତି ଓ ମାନଦଣ୍ଡ ସାର୍ବଜନୀନ କରାଯିବ କି? ବାର୍ଷିକ ହାରାହାରି ଜଳ ଉପଲବ୍ଧତା, ୭୫% ନିର୍ଭରଶୀଳତାର ଜଳ ଏବଂ ଅଣ-ମୌସୁମୀ ଜଳ ଉପଲବ୍ଧତାକୁ ପୃଥକ୍ ଭାବେ ବିଚାର କରାଯିବ କି ବୋଲି ପ୍ରଶ୍ନ କରାଯାଇଛି।

## ଓମଫେଡ୍ ପନିରର ଗୁଣବତ୍ତା ଯାଞ୍ଚ କରିପାରିବେ ଲୋକେ



**ଲାଗିବ କ୍ୟୁଆର କୋଡ୍, ସ୍କାନ କଲେ ମିଳିବ ସବୁ ତଥ୍ୟ**

ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ): ଓମଫେଡର ସାମଗ୍ରୀର ଶୁଦ୍ଧତା ଓ ସୁରକ୍ଷା ନେଇ ଲାଗିବ କ୍ୟୁଆର କୋଡ୍। କ୍ୟୁଆର କୋଡକୁ ସ୍କାନ କରି ସମସ୍ତ ତଥ୍ୟ ପାଇପାରିବେ ଗ୍ରାହକ। ସ୍କାନ୍ କଲେ ମିଳିବ ସମସ୍ତ ତଥ୍ୟ। କେବେ ପ୍ରସ୍ତୁତ ହୋଇଥିଲା, କେତେଦିନ ପର୍ଯ୍ୟନ୍ତ ବ୍ୟବହାର କରିହେବ ଓ କେଉଁଠି ପ୍ରସ୍ତୁତ ହୋଇଥିଲା, କେମିତି କରିବେ ବ୍ୟବହାର ସବୁ ତଥ୍ୟ ରହିବ। ଗ୍ରାହକଙ୍କୁ କେହି ଠକି ପାରିବେ ନାହିଁ। ମାସକ ମଧ୍ୟରେ ପନିରରେ ଆସିବ କ୍ୟୁଆର କୋଡ୍। ଓମଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଶୁଦ୍ଧତା, ଗୁଣବତ୍ତା ପାଇଁ ଭରସା ଜିତୁଛି ଓମଫେଡ। ରାଜ୍ୟରେ ବିଭିନ୍ନ ସ୍ଥାନରେ ଅପମିଶ୍ରିତ ଛେନା ଓ ପନିର ମିଳିବା ପରେ ଓମଫେଡ ପନିରର ଚାହିଦା ବଢ଼ିଛି। ତଥ୍ୟ ଅନୁସାରେ, ଜୁନ୍‌ରେ ୨ ଲକ୍ଷ ୧୦ ହଜାର ୮୩୧ କେଜି, ଜୁଲାଇରେ ୨ ଲକ୍ଷ ୨୯ ହଜାର ୯୪୯ କେଜି, ଅଗଷ୍ଟରେ ୨ ଲକ୍ଷ ୭୬ ହଜାର ୪୬ କେଜି ଓ ସେପ୍ଟେମ୍ବରରେ ୩ ଲକ୍ଷ କେଜିରୁ ଅଧିକ ପନିର ବିକ୍ରି ହୋଇଛି। ଜୁଲାଇରୁ ଅଗଷ୍ଟ ମଧ୍ୟରେ ୪୬ ହଜାର ୯୭ କେଜି ଅଧିକ ବିକ୍ରି ହୋଇଛି। ଓମଫେଡର ଗୁଣବତ୍ତା ପାଇଁ ଏହା ଉପରେ ଭରସା କରିଛନ୍ତି ଲୋକ। କେବଳ ପନିର ନୁହେଁ କ୍ଷୀର, ଦହି, ଘିଅ ବିକ୍ରି ମଧ୍ୟ ବଢ଼ିଛି। ଦୁଗ୍ଧ ଚାଷୀଙ୍କ ପାଖରୁ ଆସୁଥିବା କ୍ଷୀରରୁ ତିଆରି ହେଉଛି ପନିର। କେମିକାଲ କିମ୍ବା କୌଣସି କ୍ଷୀର ପାଉଡର ବ୍ୟବହାର କରାଯାଉନାହିଁ। କିଛି ବି ଅପମିଶ୍ରିତ ନାହିଁ। ଘରୋଇ କମ୍ପାନୀ ଓ ବଜାରରେ ମିଳୁଥିବା ଖୋଲା ପନିର ମୂଲ୍ୟଠାରୁ ଓମଫେଡ ପନିର ଦର କମ ରହିଛି। ଅପମିଶ୍ରିତ ଛେନା ଓ ପନିର ଶରୀର ପାଇଁ କ୍ଷତିକାରଣ ସାଜିପାରେ ବୋଲି କହିଛନ୍ତି ଓମଫେଡ୍ ଏମ୍‌ଡି।

### ଫିକି ଫ୍ରେମ୍ସ ୨୦୨୬ରେ ମହିଳା ଉଦ୍ୟୋଗୀଙ୍କ ଉତ୍ପାଦର ସ୍ୱତନ୍ତ୍ର ପ୍ରଦର୍ଶନ

## ମୁମ୍ବାଇରେ 'ସୁଭଦ୍ରା ଶକ୍ତି ପପ୍-ଅପ୍ ବଜାର'



ଭୁବନେଶ୍ୱର,୧।୧୦ (ସଂଚାର ବ୍ୟୁରୋ): ମୁମ୍ବାଇରେ ଆୟୋଜିତ ଫିକି ଫ୍ରେମ୍ସ ୨୦୨୬ରେ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ 'ସୁଭଦ୍ରା ଶକ୍ତି ପପ୍-ଅପ୍ ବଜାର' ସ୍ଥାପନ କରାଯାଇଥିଲା। ଗତ ୨୯ ଓ ୩୦ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମହିଳା ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଦେଶର ମିଡିଆ ଓ ମନୋରଞ୍ଜନ କ୍ଷେତ୍ରର ଏକ ପ୍ରମୁଖ ମଞ୍ଚ ଭାବେ ପରିଚିତ ଫିକି ଫ୍ରେମ୍ସରେ ଏହି ପପ୍-ଅପ୍ ବଜାର ମାଧ୍ୟମରେ ଓଡ଼ିଶାର ମହିଳା ଉଦ୍ୟୋଗୀଙ୍କ ଦକ୍ଷତା, ସୃଜନଶୀଳତା, ପାରମ୍ପରିକ କାରିଗରୀ ଓ ଉଦ୍ୟୋଗୀ ମନୋଭାବକୁ ଜାତୀୟ ସ୍ତରରେ ପ୍ରଦର୍ଶନ କରାଯାଇଥିଲା। ବଲିଉଡ୍ ଅଭିନେତା ରବି କିଶନ, ପ୍ରାଜକ୍ତା କୋଲି, ଅମୋଲ ପରାଶର, ରସିକା ଦୁଗଲ ଓ ଚର୍ଚ୍ଚିତ ଶେଫ ରଣବୀର ବ୍ରାରଙ୍କ ସମେତ ଚଳଚ୍ଚିତ୍ର ଓ ମନୋରଞ୍ଜନ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି 'ସୁଭଦ୍ରା ଶକ୍ତି ପପ୍-ଅପ୍ ଷ୍ଟୋର' ପରିଦର୍ଶନ କରିଥିଲେ। ସେମାନଙ୍କୁ ଓଡ଼ିଶାର ମହିଳା ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ସମ୍ବଳିତ 'ସୁଭଦ୍ରା ଶକ୍ତି' ଉପହାର ହ୍ୟାମ୍ପର ପ୍ରଦାନ କରାଯାଇଥିଲା। ଏହି ପ୍ରଦର୍ଶନୀ ମାଧ୍ୟମରେ ଓଡ଼ିଶାର ମହିଳା ଉଦ୍ୟୋଗୀଙ୍କ ହାତତିଆରି ଉତ୍ପାଦକୁ ବ୍ୟାପକ ବଜାରରେ ସ୍ୱତନ୍ତ୍ର ପରିଚୟ ମିଳିବାର ସୁଯୋଗ ସୃଷ୍ଟି ହୋଇଥିଲା।

### ମହାନଦୀ ଜଳ ବିବାଦ ସମାଧାନ ପାଇଁ ଦିଲ୍ଲୀରେ ବୈଠକ ପ୍ରସଙ୍ଗ

# ବୈଠକ ନିଷ୍ପତ୍ତିକୁ ସାର୍ବଜନୀନ କରାଯାଉଃ ବିଜେଡି



**କେବଳ ଧର୍ମକୁ ଆଖିଠାର ସଦୃଶ ବୈଠକ ଆୟୋଜିତ ନ ହେଉ**

ଭୁବନେଶ୍ୱର,୧।୧୦(ସଂଚାର ବ୍ୟୁରୋ): ମହାନଦୀ ଜଳ ବିବାଦର ସମାଧାନ ଖୋଜିବା ପାଇଁ ନୂଆଦିଲ୍ଲୀରେ ଆଜି କେନ୍ଦ୍ର ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଯୋଗ ଦେଇଛନ୍ତି। ଏହା କେତେଦୂର ସଫଳ ହେବାକୁ ଯାଉଛି ବୋଲି ପ୍ରଶ୍ନ ଉଠାଇଛି ବିଜେଡି। ଏହି ବୈଠକରେ ନିଆଯାଉଥିବା ନିଷ୍ପତ୍ତିକୁ ସାର୍ବଜନୀନ କରିବାକୁ ଦଳ ଦାବି କରିଛି। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ବିଧାୟକ ଡ. ଅରୁଣ କୁମାର ସାହୁ କହିଥିଲେ ଯେ ମହାନଦୀ ଜଳ ବିବାଦ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଏହି ବୈଠକର ନିଷ୍ପତ୍ତି ରାଜ୍ୟବାସୀଙ୍କୁ ଜଣାଇବା ଜରୁରୀ। ତେଣୁ ବୈଠକରେ ନିଆଯାଉଥିବା ନିଷ୍ପତ୍ତିଗୁଡିକୁ ସାର୍ବଜନୀନ କରିବା ପାଇଁ ବିଜେଡି ଦାବି ରଖୁଛି। ଓଡ଼ିଶାରେ ପଞ୍ଚାୟତ ଓ ପୌର ନିର୍ବାଚନ ନିକଟତର ହୋଇଥିବାରୁ କେବଳ ଧର୍ମକୁ ଆଖିଠାର ସଦୃଶ ଏହି ବୈଠକ ଆୟୋଜନ କରି ବିବାଦର ସମାଧାନ ହୋଇଗଲା ବୋଲି କୁହା ନ ଯାଉ। ଦୀର୍ଘ ୧୨ ବର୍ଷ ହେଲାଣି କେନ୍ଦ୍ର ବିଜେପି ନେତୃତ୍ୱାଧୀନ ସରକାର ଥିବା ବେଳେ ୨୦୨୪ ନିର୍ବାଚନ ପରେ ଓଡ଼ିଶା ଓ ଛତିଶଗଡ଼ରେ ବିଜେପି ସରକାର ହୋଇଥିଲା। ଟ୍ରିପଲ ଇଞ୍ଜିନ ସରକାର ଥିବାରୁ ମହାନଦୀ ଜଳ ବିବାଦର ସମାଧାନର ସମ୍ଭାବନା ବୃଦ୍ଧି ପାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହାର ସମାଧାନ ଦିଗରେ କୌଣସି ତତ୍ପରତା ଦେଖିବାକୁ ମିଳି ନ ଥିଲା। ଟ୍ରିବ୍ୟୁନାଲ ମାଧ୍ୟମରେ ବା ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ହେବ ସେନେଇ କୌଣସି ସ୍ପଷ୍ଟତା ଆସିପାରିନାହିଁ। ସେ ଆହୁରି କହିଥିଲେ ଯେ ଛତିଶଗଡ଼ ବେଆଇନ ଭାବେ ବ୍ୟାରେଜ, ଆନିକଟ ଓ ବାଲିବନ୍ଧ ଇତ୍ୟାଦି ଉପର ମୁଣ୍ଡରେ ନିର୍ମାଣ କରୁଥିବାରୁ ମହାନଦୀ ଜଳ ବିବାଦ ସୃଷ୍ଟି ହୋଇଥିଲା। ଅଣମୌସୁମୀ ସମୟରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକରେ ଜଳ ଶୁଖିଯାଉଛି। ଚଳିତ ବର୍ଷ ମୌସୁମୀ ସମୟରେ ମହାନଦୀରେ ଜଳ ସ୍ତର ବୃଦ୍ଧି ପାଇବା ପରେ ଛତିଶଗଡ଼ ଓଡ଼ିଶାକୁ କୌଣସି ସୂଚନା ନ ଦେଇ ଗେଟ୍ ଖୋଲି ଦେବାରୁ ଓଡ଼ିଶାରେ ମହାନଦୀ ଓ ଶାଖା ନଦୀରେ ବନ୍ୟା ଆସିଥିଲା। ଏଥିରୁ ସ୍ପଷ୍ଟ ଛତିଶଗଡ଼ ଓ ଓଡ଼ିଶା ସରକାର ମଧ୍ୟରେ ଆବଶ୍ୟକ ସମନ୍ୱୟ ନାହିଁ। ଏହି ପ୍ରସଙ୍ଗରେ ସ୍ୱାଭାବିକ ଭାବେ କେତେଗୁଡିଏ ପ୍ରଶ୍ନ ସାମ୍ନାକୁ ଆସୁଛି, ଯାହାର ଉତ୍ତର ଆସିବା ଦରକାର। ଅଣମୌସୁମୀ ସମୟରେ ଓଡ଼ିଶାକୁ ଆବଶ୍ୟକ ହେଉଥିବା ଜଳ ମିଳିବ କି ନାହିଁ। ବେଆଇନ ଭାବେ ନିର୍ମିତ ହୋଇଥିବା ବ୍ୟାରେଜଗୁଡ଼ିକର ସ୍ଥିତି କ'ଣ ରହିବ। ମହାନଦୀରୁ ଶିଳ୍ପାନୁଷ୍ଠାନକୁ କେତେ ଜଳ ଛତିଶଗଡ଼ ସରକାର ଦେଉଛନ୍ତି ତାହା ମଧ୍ୟ ଲୋକଲୋଚନକୁ ଆସିବା ଉଚିତ।

ଭାରତର ପର୍ଯ୍ୟଟନ ବିକାଶରେ ନେତୃତ୍ୱ ନେବାକୁ ଓଡ଼ିଶା ପ୍ରସ୍ତୁତ

# ୩ରୁ ୫ ଯାଏଁ ସପ୍ତମ ଓଡ଼ିଶା ଟ୍ରାଭେଲ ବଜାର




ଭୁବନେଶ୍ୱର,୧।୧୦(ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ଆନୁଷ୍ଠାନିକ ଭାବେ ଓଡ଼ିଶା ଟ୍ରାଭେଲ ବଜାର (ଓଟିବି) ୨୦୨୬ର ସପ୍ତମ ସଂସ୍କରଣ ବିଷୟରେ ଘୋଷଣା କରିଛନ୍ତି, ଯାହା ଆସନ୍ତା ୩ରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରାଯାଇଛି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଫେଡେରେସନ ଅଫ ଇଣ୍ଡିଆନ ଚାମ୍ବର୍ସ ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ତିନିଦିନିଆ ବ୍ୟାବସାୟିକ ପର୍ଯ୍ୟଟନ ମହାକୁମ୍ଭରେ ୯୨ରୁ ଅଧିକ ଘରୋଇ ସଂସ୍ଥା, ୨୭ଟି ଦେଶର ବିଦେଶୀ ଟୁର ଅପରେଟର ଏବଂ ଦେଶର ୩୨ଟି ସହରର କ୍ରେତା ଏକାଠି ହେବେ। ଏହି କାର୍ଯ୍ୟକ୍ରମରେ ପୂର୍ବ ନିର୍ଦ୍ଧାରିତ ୬ ହଜାରରୁ ଅଧିକ ବ୍ୟାବସାୟିକ ବୈଠକ ଅନୁଷ୍ଠିତ ହେବାର ଆଶା କରାଯାଉଛି।

ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଓଡ଼ିଶା ଏକ ମହତ୍ତ୍ୱାକାଂକ୍ଷୀ ପର୍ଯ୍ୟଟନ ରଣନୀତି ଉପରେ କାର୍ଯ୍ୟ କରୁଛି, ଯାହାର ଲକ୍ଷ୍ୟ ହେଉଛି ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ରାଜ୍ୟର ସ୍ଥିତିକୁ ମଜବୁତ କରିବା ସହ ସ୍ଥାନୀୟ ଲୋକଙ୍କ ପାଇଁ ସିଧାସଳଖ ଆର୍ଥିକ ଲାଭ ସୃଷ୍ଟି କରିବା। ଆମର ମୂଳମନ୍ତ୍ର ହେଉଛି ଥିଙ୍କ ଇଣ୍ଡିଆ, ଥିଙ୍କ ଓଡ଼ିଶା। ଯଦି ବିଶ୍ୱରେ କେହି ଭାରତରେ ପୁଞ୍ଜି ବିନିଯୋଗ କରିବାକୁ ଚାହାଁନ୍ତି କିମ୍ବା ଭାରତ ଭ୍ରମଣ କରିବାକୁ ଇଚ୍ଛା କରନ୍ତି, ତେବେ ସେମାନେ ପ୍ରଥମେ ଓଡ଼ିଶା କଥା ଚିନ୍ତା କରିବା ଉଚିତ। ସାହସିକ ପର୍ଯ୍ୟଟନ, ହୋମଷ୍ଟେ ଏବଂ ଆତିଥେୟତା କ୍ଷେତ୍ରରେ ଆମର ପ୍ରଗତିଶୀଳ ନୀତି ମାଧ୍ୟମରେ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଓଡ଼ିଶା ମିଶନ ମୋଡରେ ଆଗେଇ ଚାଲିଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଓଡ଼ିଶା ଟ୍ରାଭେଲ ବଜାର କେବଳ ପର୍ଯ୍ୟଟନସ୍ଥଳୀଗୁଡ଼ିକର ପ୍ରଚାର ପ୍ରସାର ମଧ୍ୟରେ ସୀମିତ ରହିବ ନାହିଁ, ବରଂ ଏହା ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଶିକ୍ଷା, ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ, ଉଦ୍ୟୋଗୀତା ଓ ପୁଞ୍ଜି ନିବେଶର ଏକ ବଡ଼ ମାଧ୍ୟମ ଭାବେ କାର୍ଯ୍ୟ କରିବ। ଓଡ଼ିଶା ପର୍ଯ୍ୟଟନର ବ୍ରାଣ୍ଡ ଆମ୍ବାସଡର ଭାବେ କାର୍ଯ୍ୟ କରିବାକୁ ଉପମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆହ୍ୱାନ ଜଣାଇଛନ୍ତି।

● ୨୦୦୮ ସିରିଏଲ ବିସ୍ଫୋରଣ ମାମଲା

## ମୁଜାହିଦ୍ଦିନ ସଦସ୍ୟଙ୍କ ମୃତ୍ୟୁ ଦଣ୍ଡାଦେଶକୁ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧।୧୦: ୨୦୦୮ ମସିହାରେ ଅହମ୍ମଦାବାଦରେ ସଂଘଟିତ ସିରିଏଲ୍ ବୋମା ବିସ୍ଫୋରଣ ଘଟଣାରେ ଦୋଷୀ ସାବ୍ୟସ୍ତ ଇଣ୍ଡିଆନ୍ ମୁଜାହିଦ୍ଦିନ ସଦସ୍ୟ ଅହମ୍ମଦ ବାୱା ଓରଫ୍ ଅବୁ ଆବୁବକର ବାରେଲୱିର ମୃତ୍ୟୁ ଦଣ୍ଡାଦେଶକୁ ସୁପ୍ରିମ୍ କୋର୍ଟ ଗୁରୁବାର ସ୍ଥଗିତ ରଖିଛନ୍ତି। ଏହି ମାମଲାରେ ବିଚାର ବିଭାଗୀୟ ଅଦାଲତ ଦେଇଥିବା ମୃତ୍ୟୁଦଣ୍ଡାଦେଶକୁ କ'ଣ ପାଇଁ କାଏମ୍ ରଖାଗଲା ବୋଲି ସର୍ବୋଚ୍ଚ ଅଦାଲତ ଗୁଜୁରାଟ ହାଇକୋର୍ଟକୁ ପ୍ରଶ୍ନ କରିଛନ୍ତି। ମୃତ୍ୟୁ ଦଣ୍ଡାଦେଶକୁ କାଏମ୍ ରଖିବା ନେଇ ଗୁଜୁରାଟ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଅହମ୍ମଦ ବାୱା ଦାଏର କରିଥିବା ଆବେଦନ ଉପରେ ବିଚାର କରି ସୁପ୍ରିମକୋର୍ଟ ଏପରି ପଦକ୍ଷେପ ନେଇଛନ୍ତି। ସୁପ୍ରିମକୋର୍ଟ ମଧ୍ୟ ବିଚାର ବିଭାଗୀୟ ଅଦାଲତର ରେକର୍ଡ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଫାଇନାଲରେ ଭାରତ...

ଅନ୍ୟପକ୍ଷରେ ଆଜିର ପ୍ରଥମ ସେମିରେ ବାଂଲାଦେଶକୁ ୬ ୱିକେଟ୍‌ରେ ହରାଇ ପାକିସ୍ତାନ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୧୩ ଓଭରରୁ ହ୍ରାସ ପାଇଥିବା ମ୍ୟାଚ୍‌ରେ ୭ ୱିକେଟ୍ ହରାଇ ୧୧୧ ରନ୍ କରିଥିଲା। ଦଳ ପକ୍ଷରୁ ଟି. ହୃଦୟ ୪୨ ରନ୍ କରିଥିଲେ। ପାକିସ୍ତାନର ସୁଫିୟାନ୍ ମୋକିମ୍ ୩ଟି ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ୧୧.୩ ଓଭରରେ ୪ଟି ୱିକେଟ୍ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ଅବଦୁଲ୍ ସମଦ୍ ୩୦ ଓ ହସନ୍ ନୱାଜ୍ ୨୭ ରନ୍ କରି ଅପରାଜିତ ରହିଥିଲେ।

### ସମାଧାନର ଦ୍ୱାରଦେଶରେ...

ଆଶାନୁରୂପ ଅଗ୍ରଗତି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ମହାନଦୀ ସମସ୍ୟାର ସମାଧାନ ପାଇଁ ଗୃହମନ୍ତ୍ରୀ ଅମିତ ଶାହ ନିଜେ ଦାୟିତ୍ୱ ନେଇ ସମାଧାନର ପନ୍ଥା ବାହାର କରିବା ପାଇଁ ଉଦ୍ୟମ କରିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ କେନ୍ଦ୍ର ଗୃହ ମନ୍ତ୍ରୀ, ଜଳ ଶକ୍ତି ମନ୍ତ୍ରୀ ଓ ଦୁଇ ମୁଖ୍ୟମନ୍ତ୍ରୀଙ୍କ ସହିତ କେନ୍ଦ୍ର ଗୃହ ମନ୍ତ୍ରାଳୟ, ଜଳଶକ୍ତି ମନ୍ତ୍ରାଳୟ, କେନ୍ଦ୍ରୀୟ ଜଳ ଆୟୋଗ ଏବଂ ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟ ଶାସନ ସଚିବ ଓ ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ।

### ବେଆଇନ ଭାବେ...

ନାମରେ କରାଯାଇଥିଲା। ଏହା ପରେ ପଞ୍ଜିକୃତ ବିକ୍ରୟ ଦଲିଲ ମାଧ୍ୟମରେ ଜମି ଅନ୍ୟ ବ୍ୟକ୍ତିଙ୍କ ନାମକୁ ହସ୍ତାନ୍ତର ହୋଇଥିବା ତଥ୍ୟ ମାମଲାରେ ଆସିଥିଲା। ଜମିର ମୂଳ ମାଲିକାନା ଓ ପରବର୍ତ୍ତୀ ହସ୍ତାନ୍ତରର ବୈଧତାକୁ ନେଇ ଏହିଠାରୁ ମୁଖ୍ୟ ଆଇନଗତ ପ୍ରଶ୍ନ ଉଠିଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଓଡ଼ିଶା ରାଜସ୍ୱ ପରିଷଦର ନ୍ୟସ୍ତ, ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୩୨ ଅନୁଯାୟୀ ସ୍ୱତଃ ପ୍ରବୃତ୍ତ ଭାବେ, ମାମଲା ଗ୍ରହଣ କରି ସମ୍ପୃକ୍ତ ରେକର୍ଡ ଓ ଦଲିଲଗୁଡ଼ିକର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲେ। ସାବିକ ରେକର୍ଡ, ହାଲ ରେକର୍ଡ, ବିକ୍ରୟ ଦଲିଲ, ଜମିର ଉତ୍ସ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ସମ୍ପର୍କିତ ଆଇନଗତ ବ୍ୟବସ୍ଥାକୁ ଏକାଠି ବିଚାର କରାଯାଇଥିଲା। ମାମଲାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରସଙ୍ଗ ସାମ୍ନାକୁ ଆସିଥିଲା। ଶ୍ରୀଜଗନ୍ନାଥ ମନ୍ଦିର ଆଇନ, ୧୯୫୫ର ଧାରା ୧୬(୨) ଅନୁଯାୟୀ, ମନ୍ଦିର ଜମିଟିର ଦଖଲରେ ଥିବା ଅଚଳ ସମ୍ପତ୍ତିକୁ ବିକ୍ରୟ କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପୂର୍ବରୁ ରାଜ୍ୟ ସରକାରଙ୍କ ଆବଶ୍ୟକ ପୂର୍ବ ଅନୁମୋଦନ ଦରକାର। ଏହି ଆବଶ୍ୟକ ପୂର୍ବ ଅନୁମୋଦନ ଥିବାର ପ୍ରମାଣ ମାମଲାରେ ଉପସ୍ଥାପିତ ହୋଇ ପାରିନଥିଲା। ରାଜସ୍ୱ ପରିଷଦର ବିଚାରରେ, ମୂଳ ହସ୍ତାନ୍ତର ଆଇନଗତ ବୈଧତା ପ୍ରମାଣିତ ନହେଲେ କେବଳ ପରବର୍ତ୍ତୀ ବିକ୍ରୟ ଦଲିଲ ଦ୍ୱାରା ସେହି ତ୍ରୁଟିକୁ ବୈଧ କରାଯାଇପାରିବ ନାହିଁ। ଏପରିକି ମନ୍ଦିର ପରିଚାଳନା କମିଟିର ସମ୍ମତି କିମ୍ବା ଅପାରତି ଥିବା ଦାବି ମଧ୍ୟ ରାଜ୍ୟ ସରକାରଙ୍କ ଆବଶ୍ୟକ ପୂର୍ବ ଅନୁମୋଦନର ବିକଳ୍ପ ହୋଇପାରିବ ନାହିଁ ବୋଲି ଆଇନରେ ସ୍ପଷ୍ଟ କରାଯାଇଥିଲା। ଫଳରେ ଜମିର ମୂଳ ରେକର୍ଡ ଓ ଏହାର ପରବର୍ତ୍ତୀ ହସ୍ତାନ୍ତର ମଧ୍ୟରେ ଥିବା ତଫାତ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶେଷରେ ରାଜସ୍ୱ ପରିଷଦ ପକ୍ଷରୁ ସମ୍ପୃକ୍ତ ଜମିର ହାଲ ଓ ନଟ୍‌ଫାଇନାଲ ରେକର୍ଡକୁ ସାବିକ ରେକର୍ଡ ସହ ସମନ୍ୱୟ ରଖି ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ, ମାର୍ଫତ ମନ୍ଦିର ପରିଚାଳନା କମିଟି, ଅମୃତ ମନୋହି ଖିତିରେ ରେକର୍ଡ କରିବାକୁ ସମ୍ପୃକ୍ତ ସେଟଲମେଣ୍ଟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ବିଳମ୍ବ ହେବ...

ମନରେ ଚଳିତବର୍ଷ ସୁପର ଏଲ୍‌ନିନୋ ପ୍ରଭାବ ସେପ୍ଟେମ୍ବରରୁ ବଢ଼ିବାରେ ଲାଗିଛି। ଡିସେମ୍ବର ଯାଏ ଏଲ୍‌ନିନୋ ସ୍ଥିତି ଶୀର୍ଷ ସ୍ତରରେ ରହିବ। ଏହାର ଗୁରୁତର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ। ଏଥର ଶୀତ ପ୍ରାୟତଃ ହଜିଯିବ। ଦିନରେ ଆକାଶ ମେଘମୁକ୍ତ ରହିବ, ବାୟୁମଣ୍ଡଳରେ ଜଳୀୟବାଷ୍ପ ରହିବନି। ତେଣୁ ଖରା ଟାଣ ହେବ। ଏମିତିକି ଅକ୍ଟୋବରରେ ଦିନ ତାପମାତ୍ରା ୩୭ ଡିଗ୍ରୀ ଛୁଇଁପାରେ। ଏମିତି ହେଲେ ଅସ୍ୱାଭାବିକ ଗରମରେ ଓଡ଼ିଶାବାସୀ ସନ୍ତୁଳି ହେବେ। ମୌସୁମୀରେ ଆବଶ୍ୟକତା ଠାରୁ ଅଧିକ ବର୍ଷା ପରେ ରାଜ୍ୟରେ ବାତାବରଣ ଉଷ୍ମ ରହିବ। ଏମିତିକି କାକର ମଧ୍ୟ କମିଯିବ। ସାଧାରଣତଃ ଅକ୍ଟୋବରରୁ ରାତି ତାପମାତ୍ରା ସାମାନ୍ୟ କମିବା ସହ ହାଲୁକା ଥଣ୍ଡା ପଡ଼ିଥାଏ। ଏଥର କିନ୍ତୁ ସେଭଳି ସ୍ଥିତି ରହିବନି ବୋଲି ଆକଳନ କରାଯାଉଛି। ଶୀତ ଆଗମନ ବି ବିଳମ୍ବିତ ହେବ।

## ଘର ପାଇଁ ବାପାଙ୍କୁ ଆକ୍ରମଣ କଲା ପୁଅ

ଗୁଣୁପୁର,୧।୧୦(ସଂଚାର ବ୍ୟୁରୋ): ସମ୍ପତ୍ତି ବିବାଦକୁ କେନ୍ଦ୍ର କରି ବାପାଙ୍କୁ ମରଣାନ୍ତକ ଆକ୍ରମଣ କରିଛି ପୁଅ। ଏଭଳି ଅଭାବନୀୟ ଘଟଣା ରାୟଗଡ଼ା ଜିଲ୍ଲା ଗୁଡାରି ବ୍ଲକ୍ ପେଣ୍ଡିଲି ପଞ୍ଚାୟତର ଡି. ପେଣ୍ଡିଲି ଗ୍ରାମରେ ଘଟିଛି। ଆକ୍ରମଣରେ ଗୁରୁତର ହୋଇଥିବା ବୃଦ୍ଧ ଜଣଙ୍କ ହେଲେ ଦୟାଶୀଳ ବାର୍ତ୍ରା। ତାଙ୍କ ବଡ଼ ପୁଅ କାମ୍ଭୁ ବାର୍ତ୍ରା ତାଙ୍କୁ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି।

ମିଳିଥିବା ସୂଚନାନୁସାରେ, ଦୟାଶୀଳଙ୍କର ଦୁଇ ପୁଅ ଓ ଜଣେ ଝିଅ ଅଛନ୍ତି। ଝିଅ କେତକୀ ଗୁଡ଼ାରିର ଢେପାଗୁଡ଼ାରେ ବିବାହ କରିଛନ୍ତି। ଦୟାଶୀଳଙ୍କ ପତ୍ନୀ ପୂର୍ବରୁ ମୃତ୍ୟୁବରଣ କରିସାରିଛନ୍ତି। ବଡ଼ପୁଅ କାମ୍ଭୁଙ୍କ ସହ ସେ ଗାଁରେ ରହୁଥିବା ବେଳେ ସାନପୁଅ ଅନିଲ ବାର୍ତ୍ରା ପରିବାର ସହ ସୁରତରେ ରହି କାମ କରୁଛନ୍ତି। ଗ୍ରାମରେ ଦୟାଶୀଳଙ୍କ ଦୁଇଟି ଘର ରହିଛି। ତେବେ ଗତକାଲି ରାତିରେ ବଡ଼ ପୁଅ ତାଙ୍କୁ ଖାଇବାକୁ ଡାକିଥିଲେ। ପରେ ଗ୍ରାମରେ ଥିବା ଏକ ଘର ତାଙ୍କୁ ଦେବା ସକାଶେ ସେ ବାପାଙ୍କୁ କହିଥିଲେ। କିନ୍ତୁ ସାନପୁଅ ବାହାରେ ରହୁଥିବାରୁ ଘରଟି ତାଙ୍କୁ ଦେବେ ବୋଲି ଦୟାଶୀଳ କହିଥିଲେ। ଏହାକୁ ନେଇ ବାପା-ପୁଅଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଦୟାଶୀଳ ରାତିରେ ଶୋଇଥିବା ସମୟରେ କାମ୍ଭୁ ତାଙ୍କ ବେକକୁ ବ୍ଲେଡ୍‌ରେ କାଟିଦେଇଥିଲେ। ଯନ୍ତ୍ରଣାରେ ଦୟାଶୀଳ ଚିତ୍କାର କରିଥିବା ବେଳେ ଗ୍ରାମବାସୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଗୁଡାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ନେଇ ଦୟାଶୀଳଙ୍କ ଝିଅ କେତକୀ ପାଲକା ଗୁଡ଼ାରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୁଡ଼ାରି ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ଏଥିସହ ପୁଲିସ୍ କାମ୍ଭୁଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଗୁଡ଼ାରି ଥାନାଧିକାରୀ ବିଶ୍ୱ ବନ୍ଦିନୀ ବାଗ ସୂଚନା ଦେଇଛନ୍ତି।

## ୫ ଲକ୍ଷରୁ କମ୍ ମୂଲ୍ୟର ଉନ୍ନୟନ କାର୍ଯ୍ୟର ସ୍ଥଳ ତଦନ୍ତ ଦାବି

କଟକ, ୧।୧୦(ସଂଚାର ବ୍ୟୁରୋ): ଓଡ଼ିଶା ବିଧାନସଭାରେ ପ୍ରକାଶିତ ତଥ୍ୟ ଅନୁଯାୟୀ କଟକ ମହାନଗର ନିଗମ (କେଏମସି) ଦ୍ୱାରା କରାଯାଇଥିବା ୫ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକର ସ୍ଥଳ ପରିଦର୍ଶନ, ଫିଲ୍ଡ ଭେରିଫିକେସନ ଓ ସାମାଜିକ ଅଡିଟ୍ ଦାବିରେ ଆଜି ପୂର୍ବତନ କର୍ପୋରେଟର ନିରୋଦ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ୧୩ ଜଣ ପୂର୍ବତନ କର୍ପୋରେଟରଙ୍କୁ ନେଇ ଗଠିତ ଏକ ପ୍ରତିନିଧି ଦଳ କଟକ ମହାନଗର ନିଗମର ଅତିରିକ୍ତ କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି ଯେ, ବିଧାନସଭାରେ ପ୍ରକାଶିତ ତାଲିକାରେ ଉଲ୍ଲେଖିତ ବହୁ ଉନ୍ନୟନ କାର୍ଯ୍ୟର ପ୍ରକୃତ ସ୍ଥିତି, କାର୍ଯ୍ୟ ସମ୍ପାଦନା, ବ୍ୟୟ ହୋଇଥିବା ଅର୍ଥର ସଠିକ ବିନିଯୋଗ ଏବଂ କାର୍ଯ୍ୟର ଗୁଣବତ୍ତା ସମ୍ପର୍କରେ ସ୍ଥଳ ତଦନ୍ତ ଆବଶ୍ୟକ। ତେଣୁ ସମ୍ପୃକ୍ତ କାର୍ଯ୍ୟଗୁଡ଼ିକର ଫିଲ୍ଡ ଭେରିଫିକେସନ ଓ ସାମାଜିକ ଅଡିଟ୍ କରାଯାଇ ପ୍ରକୃତ ତଥ୍ୟ ସାର୍ବଜନୀନ କରିବାକୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ପ୍ରମୋଦ ମହାପାତ୍ର, ହେମନ୍ତ କୁମାର ବେହେରା, ହୃଷୀକେଶ ଦେହୁରୀ ପ୍ରମୁଖ ସାମିଲ ହୋଇଥିଲେ।

## ଦଶହରା ପୂର୍ବରୁ ଅବକାରୀ ବିଭାଗର ଚଢ଼ାଉ

● ସେପ୍ଟେମ୍ବରରେ ୨୫୬ ମାମଲା ରୁଜ୍ଜୁ, ୧୯୫ ଗିରଫ

କଟକ, ୧।୧୦ (ସଂଚାର ବ୍ୟୁରୋ): ଚଳିତ ଦୁର୍ଗାପୂଜା ପୂର୍ବରୁ କଟକ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଆଇନ ମଦ ଓ ନିଶାଦ୍ରବ୍ୟ କାରବାର ବିରୋଧରେ ଚଢ଼ାଉ ଓ ଯାଞ୍ଚକୁ ଜୋରଦାର କରାଯାଇଛି। ସେପ୍ଟେମ୍ବରରେ ଅବକାରୀ ବିଭାଗ ପକ୍ଷରୁ ମୋଟ ୨୫୬ ଟି ମାମଲା ରୁଜ୍ଜୁ କରାଯାଇ ୧୯୫ ଜଣଙ୍କୁ ଗିରଫ କରାଯାଇ କୋର୍ଟକୁ ପଠାଇ ଦିଆଯାଇଛି। ଏହି ସମୟରେ ୧୪ ହଜାର ୮୨୨ ଲିଟର ଚୋରା ଦେଶୀ ମଦ, ୮୭ ହଜାର ୭୪୫ ଲିଟର ପୋଚ, ୬୧୮ ଲିଟର ଦେଶୀ ମଦ, ୫୦ ଲିଟର ବିଦେଶୀ ମଦ, ୨୨ କିଲୋଗ୍ରାମ ଗଞ୍ଜେଇ ଓ ୫୨୮ ଗ୍ରାମ ହେରୋଇନ୍ ଜବତ କରାଯାଇଛି। ଏଥିସହ ୨୦ଟି ଦୁଇଚକିଆ, ୬ଟି ଚାରିଚକିଆ ଓ ଗୋଟିଏ ଅଟୋରିକ୍ସା ଜବତ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ବେଆଇନ ଓ ନକଲି ମଦ ବ୍ୟବହାର ନକରିବାକୁ ଅନୁରୋଧ କରାଯାଇଛି। ବେଆଇନ ମଦ କିମ୍ବା ନିଶାଦ୍ରବ୍ୟର ଉତ୍ପାଦନ, ବିକ୍ରି ଓ ପରିବହନ ସମ୍ପର୍କରେ ଜନସାଧାରଣ ଅବକାରୀ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନକୁ ତୁରନ୍ତ ସୂଚନା ପ୍ରଦାନ କରିବାକୁ କୁହାଯାଇଛି।

## ଚୌଦ୍ୱାର ଜେଲ୍‌ର ପୂର୍ବତନ ଅଧୀକ୍ଷକଙ୍କ ଜାମିନ ଆବେଦନ ଖାରଜ






କଟକ,୧।୧୦(ସଂଚାର ବ୍ୟୁରୋ): ଚୌଦ୍ୱାର ସର୍କଲ୍ ଜେଲ୍‌ର ପୂର୍ବତନ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ନିୟମିତ ଜାମିନ ଆବେଦନକୁ କଟକ ଜିଲ୍ଲା ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଖାରଜ କରି ଦେଇଛନ୍ତି। ପୂର୍ବରୁ ସୁଜିତ କୁମାର ରାଉଳଙ୍କୁ ନିଲମ୍ବିତ କରାଯାଇଥିଲା। ଏବେ ଜେଏମ୍‌ଏଫ୍‌ସି ଅଦାଲତରେ ଜାମିନ ଖାରଜ ହେବା ପରେ ସୁଜିତ ରାଉଳ ନିୟମିତ ଜାମିନ ପାଇଁ ଦୌରାଜଜ୍ ଅଦାଲତରେ ଆବେଦନ କରିଥିଲେ। ପୂର୍ବରୁ ତାଙ୍କ ଆଗୁଆ ଜାମିନ ଆବେଦନକୁ ମଧ୍ୟ ହାଇକୋର୍ଟ ଖାରଜ କରିଥିଲେ।

ଚୌଦ୍ୱାର ସର୍କଲ୍ ଜେଲ୍‌ର ମିନିଟ୍ ବୁକ୍ ଓ ଅନ୍ୟାନ୍ୟ ରେକର୍ଡରେ ଜାଲିଆତି ଓ ହେର୍‌ଫେର୍ ଅଭିଯୋଗରେ ସୁଜିତ ରାଉଳ ଗିରଫ ହୋଇଥିଲେ। ଜାମିନ ଆବେଦନର ଶୁଣାଣି ସମୟରେ ଅଭିଯୋଗକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ସୁଜିତ ରାଉଳ ଜଣେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ ଥିବାବେଳେ ଅଭିଯୋଗକାରୀ ଜେଲର୍ ତାଙ୍କ ଅଧୀନସ୍ଥ ଅଧିକାରୀ। ତଦନ୍ତ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବାରୁ ସେ ପ୍ରମାଣ ନଷ୍ଟ କରିବା କିମ୍ବା ସାକ୍ଷୀଙ୍କୁ ପ୍ରଭାବିତ କରିବାର ଆଶଙ୍କା ଥିବା ଦର୍ଶାଇ ଜାମିନକୁ ବିରୋଧ କରାଯାଇଥିଲା। ଏହି ଯୁକ୍ତିକୁ ବିଚାରକୁ ନେଇ ଅଦାଲତ ଜାମିନ ଦେବାକୁ ମନା କରି ଦେଇଛନ୍ତି।

ଦୁର୍ଗାପୂଜା ଉତ୍ସବ ଚାଲିଥିବା ସମୟରେ ୨୦୨୫ ମସିହା ଅକ୍ଟୋବର ୩ ତାରିଖରେ ବିହାରର ଦୁଇ ଅପରାଧୀ ରାଜା ସାହାନୀ ଏବଂ ମଧୁକାନ୍ତ କୁମାର ଚୌଦ୍ୱାର ସର୍କଲ ଜେଲରୁ ଫେରାର ହେବାର ପ୍ରାୟ ଏକ ବର୍ଷ ପରେ ସୁଜିତ ରାଉଳଙ୍କୁ ଗିରଫ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଦୁଇ କଏଦୀଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ୨୦୨୫ ଅକ୍ଟୋବର ୨ରେ ଚୌଦ୍ୱାର ଜେଲ୍‌ର ଦୁଇ ଜଣ ବିହାରୀ ବିଚାରାଧୀନ କଏଦୀ ଫେରାର ହୋଇଥିଲେ। ଏହାପରେ ଦାୟିତ୍ୱ ଏଡ଼ାଇବା ଉଦ୍ଦେଶ୍ୟରେ ଜେଲ୍‌ର ଗେଟ୍ ଇନ୍-ଆଉଟ୍ ରେଜିଷ୍ଟର, ଅଧୀକ୍ଷକଙ୍କ ମିନିଟ୍ ବୁକ୍ ଏବଂ ଅନ୍ୟାନ୍ୟ ରେକର୍ଡରେ ହେରଫେର କରାଯାଇଥିବା ଅଭିଯୋଗ ହୋଇଥିଲା। ଏପରିକି ତତ୍କାଳୀନ ଜେଲରଙ୍କ ଦସ୍ତଖତ ଜାଲ୍ କରାଯାଇଥିବା ନେଇ ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଥିଲା। ତଦନ୍ତ ସମୟରେ ସୁଜିତ ରାଉଳଙ୍କ ସଂପୃକ୍ତି ମିଳିଥିବା ଦର୍ଶାଇ ପୁଲିସ ତାଙ୍କୁ ସେପ୍ଟେମ୍ବର ୨୧ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଭୁବନେଶ୍ୱର ଉତ୍ତରରେ 'ଆମ ବସ୍' ସେବା ଉଦ୍‌ଘାଟିତ



ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ଜନସାଧାରଣଙ୍କ ଦୈନନ୍ଦିନ ଯାତାୟାତକୁ ସୁଗମ କରିବା ଦିଗରେ ଆଉ ଏକ ନୂଆ ପଦକ୍ଷେପ ନିଆଯାଇଛି। ଓଏମ୍‌ଫେଡ୍ ଛକରୁ ଡମଣା, ଗାଡ଼କଣ, ରଙ୍ଗମାଟିଆ ଦେଇ ନୂତନ 'ଆମ ବସ୍' ସେବାର ଶୁଭ ଆରମ୍ଭ କରାଯାଇଛି।

ଏହି ଅବସରରେ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର ଯୋଗଦେଇଥିଲେ। ନୂତନ ବସ୍ ରୁଟ୍ ଆରମ୍ଭ ହେବା ଫଳରେ ଏହି ଅଞ୍ଚଳର ଛାତ୍ରଛାତ୍ରୀ, ମହିଳା, ବ୍ୟବସାୟୀ, ଚାକିରିଜୀବୀ, ବରିଷ୍ଠ ନାଗରିକଙ୍କ ସମେତ ସାଧାରଣ ଲୋକଙ୍କ ଦୈନନ୍ଦିନ ଯାତାୟାତ ଆହୁରି ସହଜ ଓ ସୁବିଧାଜନକ ହେବ। ଦୀର୍ଘଦିନ ଧରି ଅଞ୍ଚଳବାସୀଙ୍କ ଯାତାୟାତ ସୁବିଧାକୁ ନେଇ ରହିଥିବା ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଏହି ବସ୍ ସେବା ଆରମ୍ଭ କରାଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହି ଜନହିତକର ପଦକ୍ଷେପ ପାଇଁ ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀବାସୀଙ୍କ ତରଫରୁ ଗୋଲକ ମହାପାତ୍ର, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି।

## ବରିଷ୍ଠ ନାଗରିକ ଦିବସ ପାଳିତ




କଟକ, ୧।୧୦ (ସଂଚାର ବ୍ୟୁରୋ): ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ-୨୦୨୬ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ନେତାଜୀ ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ ଯୋଗଦେଇ ବରିଷ୍ଠ ନାଗରିକମାନେ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ମତପ୍ରକାଶ କରିଥିଲେ। ଏଥିସହ ଆଗାମୀ ଦିନରେ ସରକାରୀ ସେବା ଓ ସୁବିଧାଗୁଡିକୁ ଆହୁରି ଉନ୍ନତ କରିବା ପାଇଁ ବରିଷ୍ଠ ନାଗରିକମାନଙ୍କ ମତାମତ ସହାୟକ ହେବ ବୋଲି ସେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଈପସିତା ପ୍ରିୟଦର୍ଶିନୀ ମିଶ୍ର ଉପସ୍ଥିତ ଯୋଗଦେଇ ବରିଷ୍ଠ ନାଗରିକମାନେ ଜୀବନ୍ତ ଐତିହ୍ୟ ବୋଲି କହିଥିଲେ। ଏହି ଅବସରରେଜ ଜୟନ୍ତ କୁମାର ପଣ୍ଡା, ଅଶୋକ କୁମାର ଦାସ, ଜଗଦୀଶ ଜେନା, ନମିତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକମାନଙ୍କୁ ଟର୍ଚ୍ଚ ଓ ଛତା ବଣ୍ଟନ କରାଯିବା ସହ ସେମାନଙ୍କର ଚକ୍ଷୁ ପରୀକ୍ଷା, ଏକ୍ସରେ ଓ ଔଷଧ ବଣ୍ଟନ ଆଦି କରାଯାଇଥିଲା।

## ୨୦୨୭ ଦିନିକିଆ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷଣା

ଦୁବାଇ,୧।୧୦: ଆଗାମୀ ୨୦୨୭ ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ପାଇଁ ଆଜି ଆଇସିସି ପକ୍ଷରୁ ପ୍ରାରମ୍ଭିକ ଗ୍ରୁପ୍ ଘୋଷଣା କରାଯାଇଛି। ଏଥିରେ ଗ୍ରୁପ୍-ଏ'ରେ ଭାରତ ସହ ପାକିସ୍ତାନ ରହିଛି। ଏଥିସହ ଏହି ଦୁଇ ଦଳ ବ୍ୟତୀତ ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ସହ-ଆୟୋଜକ ଜିମ୍ବାୱେ ଓ ଗୋଟିଏ କ୍ୱାଲିଫାୟର ଦଳ ରହିଛନ୍ତି। ଗ୍ରୁପ୍-ବି'ରେ ସହ-ଆୟୋଜକ ଦକ୍ଷିଣ ଆଫ୍ରିକା ସହ ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ ଓ ଅନ୍ୟ ଏକ କ୍ୱାଲିଫାୟର ଦଳ ରହିଛି। ଦୁଇଟି ଗ୍ରୁପ୍‌ରୁ ମୋଟ ୭ଟି ଶ୍ରେଷ୍ଠ ଦଳ ସୁପର-୭ ପର୍ଯ୍ୟାୟକୁ ଯିବେ। ସେଠାରୁ ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲ୍ ପର୍ଯ୍ୟାୟରେ ପ୍ରବେଶ କରିବେ। ତେବେ ବିଶେଷ କଥା ହେଉଛି, ଗ୍ରୁପ୍ ପର୍ଯ୍ୟାୟରେ ଭାରତ ଓ ଅଷ୍ଟ୍ରେଲିଆ ପୁଣି ଥରେ ମୁହାଁମୁହିଁ ହେବେ। ଏହି ଦୁଇ ଦଳ ଅକ୍ଟୋବର ୭ ଉଦ୍‌ଘାଟନୀ ଦିବସରେ କେପ୍ ଟାଉନ୍‌ଠାରେ ପରସ୍ପରକୁ ଭେଟିବେ। ଗତ ୨୦୨୩ ବିଶ୍ୱକପ୍ ଫାଇନାଲ୍‌ରେ ଅଷ୍ଟ୍ରେଲିଆ ଭାରତକୁ ହରାଇଥିଲା। ଏଥିସହ ୨୦୦୩ରେ ଦକ୍ଷିଣ ଆଫ୍ରିକାରେ ହୋଇଥିବା ବିଶ୍ୱକପ୍‌ର ଫାଇନାଲ୍‌ରେ ମଧ୍ୟ ଭାରତ ଓ ଅଷ୍ଟ୍ରେଲିଆ ମୁହାଁମୁହିଁ ହୋଇଥିଲେ।

## ଆଜି ଶିବାଜୀ ପାର୍କରେ ସିଜେପିର ଆନ୍ଦୋଳନ

■ ସମ୍ଭାବ୍ୟ ଭିଡ଼କୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ କଡ଼ା ସତର୍କତା

ମୁମ୍ବାଇ, ୧।୧୦: ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିକରି କକ୍ରୋଚ୍ ଜନତା ପାର୍ଟି (ସିଜେପି) ଆସନ୍ତାକାଲି ଗାନ୍ଧୀ ଜୟନ୍ତୀ ଅବସରରେ ମୁମ୍ବାଇର ଶିବାଜୀ ପାର୍କରେ ଆନ୍ଦୋଳନ ଆରମ୍ଭ କରିବ ବୋଲି ଘୋଷଣା କରିଛି। ସିଜେପିର ଏହି ପ୍ରସ୍ତାବିତ ଆନ୍ଦୋଳନ ଘୋଷଣାକୁ ଆଖି ଆଗରେ ରଖି ଦାଦର ଷ୍ଟେସନରେ ସୁରକ୍ଷାକୁ ବଢ଼ାଇ ଦିଆଯାଇଥିବା ବେଳେ ଷ୍ଟେସନରେ ଅତିରିକ୍ତ କମର୍ସିଆଲ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ଶିବାଜୀ ପାର୍କର ସବୁଠୁ ନିକଟତମ ଷ୍ଟେସନ୍ ହେଉଛି ଦାଦର। ପୁଣି ଏହା ପଶ୍ଚିମ ଓ କେନ୍ଦ୍ରୀୟ ରେଳ ନେଟୱର୍କର ବ୍ୟସ୍ତତମ ସହର। ସିଜେପି ଆନ୍ଦୋଳନରେ ଯୋଗଦେବା ଲାଗି ଷ୍ଟେସନରେ ଲୋକଭିଡ଼ ହେବାର ସମ୍ଭାବନା ରହିଛି। ସେଥିଲାଗି ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ରେଳବାଇ ସୁରକ୍ଷା ବାହିନୀ ସମେତ ୪୦ ଜଣ ଅତିରିକ୍ତ କର୍ମଚାରୀ ମୂତୟନ କରାଯାଇଥିବା ଜଣେ ରେଳବାଇ ମୁଖପାତ୍ର କହିଛନ୍ତି। ସିଜେପି ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଗୁରୁବାର ଆନ୍ଦୋଳନ ବିଷୟ ଘୋଷଣା କରିଛନ୍ତି।

## ସୁପାରୀ ବ୍ୟବସାୟୀଙ୍କ ଘରେ ଇଡି ଚଢ଼ାଉ

କୋଲକାତା, ୧।୧୦ (ସଂଚାର ବ୍ୟୁରୋ): ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ (ଇଡି) କୋଚବିହାର ସହରରେ ଜଣେ ସୁପାରି ବ୍ୟବସାୟୀଙ୍କ ବାସଭବନରେ ଚଢ଼ାଉ କରିଛି। ଇଡି ଅଧିକାରୀମାନେ ବ୍ୟବସାୟୀ ବିନୟ ବର୍ମନଙ୍କ ମାଲିକାନାରେ ଥିବା ଦୁଇଟି ବହୁ-ମହଲା ବିଶିଷ୍ଟ ଆପାର୍ଟମେଣ୍ଟରେ ଯାଞ୍ଚ କରିଥିଲେ। ଏହି ସଂସ୍ଥା ବକ୍‌ସିରହାଟ୍ ସ୍ଥିତ ତାଙ୍କ ଗ୍ରାମାଞ୍ଚଳ ଘରେ ମଧ୍ୟ ଚଢ଼ାଉ କରିଛି। ଏହି ଘଟଣାକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ଅଧିକାରୀମାନଙ୍କୁ ଟଙ୍କା ଗଣିବା ମେସିନ୍ ସହିତ ଘର ଭିତରକୁ ପ୍ରବେଶ କରୁଥିବାର ଦେଖିବାକୁ ମିଳିଥିଲା ଏବଂ କେନ୍ଦ୍ରୀୟ ବାହିନୀର ଯବାନମାନେ ଉଭୟ ଆପାର୍ଟମେଣ୍ଟ ଓ ଘରକୁ ଘେରାଉ କରି ରଖିଥିଲେ।

## ଧାରୁଆ ଅସ୍ତ୍ରରେ ହାଣି ହତ୍ୟା, ଅଭିଯୁକ୍ତର ଆତ୍ମ ସମର୍ପଣ

କୋଲକାତା, ୧।୧୦ (ସଂଚାର ବ୍ୟୁରୋ): ଏକ ଧାରୁଆ ଅସ୍ତ୍ର ଦ୍ୱାରା ବେକରେ ଆଘାତ ଲାଗିବା ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ଜଗଦ୍ଦଳ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତକଙ୍କୁ ରାଜେଶ ତିୱାରୀ ଭାବେ ଚିହ୍ନଟ କରାଯାଇଛି। ସୂଚନା ଅନୁଯାୟୀ, କାରୁ ନାମକ ଜଣେ ସ୍ଥାନୀୟ ବ୍ୟକ୍ତିଙ୍କ ସହ ରାଜେଶଙ୍କର ଦୀର୍ଘଦିନ ଧରି ବିବାଦ ଚାଲି ଆସୁଥିଲା। ଏହି ବିବାଦ ଯୋଗୁଁ ତାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି।

## ଡେଙ୍ଗୁ ମୁକାବିଲା ପାଇଁ ମଶାରୀ ବଣ୍ଟନ

କୋଲକାତା, ୧।୧୦ (ସଂଚାର ବ୍ୟୁରୋ): ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବର୍ତ୍ତମାନ ହୁଗୁଳି ଜିଲ୍ଲାର ପୋଲବା-ଦାଦପୁର ବ୍ଲକ୍ ଅନ୍ତର୍ଗତ ମହାନାଦ ଗ୍ରାମରେ ସଂକ୍ରମଣ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଏହି ବ୍ଲକ୍‌ର ରୋଗୀଙ୍କୁ ମିଶାଇ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୫୨୦ ରହିଛି। ରୋଗର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମରେ କୀଟନାଶକ ସିଞ୍ଚନ କରିବା ଲାଗି ଡ୍ରୋନ୍ ବ୍ୟବହାର କରାଯାଉଛି। ପରିସ୍ଥିତିର ସମୀକ୍ଷା ପରେ ମହାନାଦ ଗ୍ରାମରେ ବିଭିନ୍ନ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ବିଡିଓ ସୁବ୍ରତ ଦାସ କହିଛନ୍ତି, ଡେଙ୍ଗୁର ପ୍ରଭାବ ବୃଦ୍ଧି ପାଉଥିବାରୁ ଆମେ ଜନସଚେତନତା ସୃଷ୍ଟି କରୁଛୁ। ଏହି ରୋଗର ମୁକାବିଲା ପାଇଁ ପ୍ରଶାସନ ସତର୍କ ରହିଛି।

## ପଞ୍ଜାବର ମାମୁ-ଭଣଜା ଗିରଫ

କୋଲକାତା, ୧।୧୦ (ସଂଚାର ବ୍ୟୁରୋ): କପଡ଼ା ବିକ୍ରି ବାହାନାରେ ଗଞ୍ଜେଇ ଚାଲାଣ କରୁଥିବା ମାମୁଁ-ଭଣଜାଙ୍କୁ ପୁଲିସ ଗିରଫ କରିଛି। ପଞ୍ଜାବର ବିକାଶ କୁମାର ଓ ରାଜେଶ କୁମାର ନାମକ ଫେରିବାଲା କୋଚବିହାରରୁ ବସ୍ ଯୋଗେ ଆସି ମୟନାଗୁଡ଼ିର ଇନ୍ଦିରା ମୋଡ଼ରେ ପହଞ୍ଚିଥିଲେ। ସେଠାରୁ ଟ୍ରେନ୍‌ରେ ଶିଲିଗୁଡ଼ି ଯିବା ଯୋଜନା ଥିବାବେଳେ ଗୁପ୍ତ ସୂଚନା ପାଇ ପୁଲିସ ସେମାନଙ୍କୁ ଅଟକାଇଥିଲା। ବିଡିଓଙ୍କ ଉପସ୍ଥିତିରେ ବ୍ୟାଗ୍ ଯାଞ୍ଚ କରାଯିବାରୁ ସେଥିରୁ କପଡ଼ା ବଦଳରେ ବହୁ ପରିମାଣର ଗଞ୍ଜେଇ ପ୍ୟାକେଟ୍ ଜବତ ହୋଇଥିଲା। ପଞ୍ଜାବରୁ ଆସିଥିବା ଏକ ଫୋନ୍ କଲ୍‌ର ପ୍ରଲୋଭନରେ ପଡ଼ି ସେମାନେ ଏହି ନିଷିଦ୍ଧ ସାମଗ୍ରୀ ପରିବହନ କରୁଥିବା ସ୍ୱୀକାର କରିଛନ୍ତି। ପୁଲିସ ଉଭୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ମହୁଆଙ୍କ ସୁରକ୍ଷା ମିଆଦ ବଢ଼ିଲା

କୋଲକାତା, ୧।୧୦ (ସଂଚାର ବ୍ୟୁରୋ): ମହୁଆ ମୈତ୍ରଙ୍କୁ ପ୍ରଦାନ କରାଯାଇଥିବା ସୁରକ୍ଷା ବ୍ୟବସ୍ଥାର ଅବଧି ବୃଦ୍ଧି କରିଛନ୍ତି ହାଇକୋର୍ଟ। କୃଷ୍ଣନଗରର ତୃଣମୂଳ କଂଗ୍ରେସ ସାଂସଦଙ୍କ ପାଇଁ ଉଦ୍ଦିଷ୍ଟ ଏହି ଅସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ୨୦୨୭ ମସିହା ଜାନୁଆରୀ ୨୯ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜାନୁଆରୀ ୧୩ ତାରିଖରେ ହେବ ବୋଲି ସ୍ଥିର କରାଯାଇଛି।

ଆଇଟି କ୍ଷେତ୍ରରେ ଓଡ଼ିଶାକୁ ବଡ଼ ସଫଳତା

## ୨୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଏଆଇ ପ୍ରକଳ୍ପକୁ ସବୁଜ ସଙ୍କେତ



ଭୁବନେଶ୍ୱର,୧।୧୦(ସଂଚାର ବ୍ୟୁରୋ): ଖଣି ଓ ଇସ୍ପାତ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଓଡ଼ିଶା ଏବେ ଆଇଟି ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଦୁନିଆରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବାକୁ ଯାଉଛି। ରାଜ୍ୟରେ ଏକ ବିଶାଳ 'ସୋଭରେନ୍ ଏଆଇ ଇନଫ୍ରାଷ୍ଟ୍ରକ୍ଚର' ପ୍ରକଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ସବୁଜ ସଙ୍କେତ ଦେଇଛନ୍ତି। ପ୍ରସିଦ୍ଧ ଟେକ୍ କମ୍ପାନୀ 'ସେଣ୍ଟ୍ରାଫୋର୍ଜ ଏଆଇ' ଦ୍ୱାରା ପ୍ରସ୍ତାବିତ ଏହି ମେଗା ପ୍ରକଳ୍ପ ପାଇଁ ମୋଟ ୨୨,୬୩୪ କୋଟି ଟଙ୍କାର ପୁଞ୍ଜିନିବେଶକୁ ସରକାରୀ ସ୍ତରରେ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି ଐତିହାସିକ ନିଷ୍ପତ୍ତି ଫଳରେ ଓଡ଼ିଶା ଏବେ ଦେଶର ଏକ ପ୍ରମୁଖ ଡିଜିଟାଲ୍ ଓ ଏଆଇ ହବ୍ ଭାବରେ ଉଭା ହେବାର ପଥ ପରିଷ୍କାର ହୋଇଛି। ବିଗତ କିଛି ବର୍ଷ ଧରି ରାଜ୍ୟ ସରକାର ପାରମ୍ପରିକ ଶିଳ୍ପ ବ୍ୟତୀତ ନୂତନ ଜ୍ଞାନକୌଶଳ ଓ ଡିଜିଟାଲ୍ ଭିତ୍ତିଭୂମି ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟ ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ ବୈଠକରେ ଏହି ୨୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସେଣ୍ଟ୍ରାଫୋର୍ଜ ଏଆଇ କମ୍ପାନୀ ଏହି ଅର୍ଥ ବିନିଯୋଗ କରି ରାଜ୍ୟରେ ଅତ୍ୟାଧୁନିକ ଡାଟା ସେଣ୍ଟର, ଏଆଇ କମ୍ପ୍ୟୁଟିଂ ସୁବିଧା ଏବଂ ଉନ୍ନତ ରିସର୍ଚ୍ଚ ଲାବୋରେଟୋରୀ ପ୍ରତିଷ୍ଠା କରିବ। ଏହି 'ସୋଭରେନ୍ ଏଆଇ' ଇନଫ୍ରାଷ୍ଟ୍ରକ୍ଚରର ମୂଳ ଲକ୍ଷ୍ୟ ହେଉଛି ଭିତ୍ତିଭୂମି, ଡାଟା ସୁରକ୍ଷା ଏବଂ ନିଜସ୍ୱ ଟେକ୍ନୋଲୋଜି ବିକାଶ ଉପରେ ଆତ୍ମନିର୍ଭରଶୀଳତା ହାସଲ କରିବା, ଯାହାକି ଆଧୁନିକ ଡିଜିଟାଲ୍ ଯୁଗରେ ଦେଶ ତଥା ରାଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏତେ ବଡ଼ ଧରଣର ନିବେଶ ରାଜ୍ୟରେ ନିଯୁକ୍ତି କ୍ଷେତ୍ରରେ ଏକ ନୂଆ ବିପ୍ଳବ ଆଣିବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ହଜାର ହଜାର ସଂଖ୍ୟାରେ ଯୁବକ ଯୁବତୀଙ୍କୁ ନୂଆ ରୋଜଗାର ମିଳିବ। ବିଶେଷ କରି ଓଡ଼ିଶାର ଯେଉଁ ମେଧାବୀ ଇଞ୍ଜିନିୟରିଂ ଏବଂ ଆଇଟି ଛାତ୍ରଛାତ୍ରୀମାନେ ଚାକିରି ପାଇଁ ବାଙ୍ଗାଲୋର, ହାଇଦ୍ରାବାଦ କିମ୍ବା ପୁଣେ ଭଳି ମହାନଗରୀକୁ ଯାଉଛନ୍ତି, ସେମାନେ ଏବେ ନିଜ ମାଟିରେ ହିଁ ଉଚ୍ଚ ବେତନଯୁକ୍ତ ନିଯୁକ୍ତି ସୁଯୋଗ ପାଇପାରିବେ। ଏହାଦ୍ୱାରା ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ପଳାୟନ ବା 'ବ୍ରେନ୍ ଡ୍ରେନ୍' ସମସ୍ୟା ଅନେକାଂଶରେ ଦୂର ହେବ।

## ୟୁଥ୍ ରିମେମ୍ବରିଂ ଗାନ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର,୧।୧୦(ସଂଚାର ବ୍ୟୁରୋ): ବିଜେବି କଲେଜ୍‌ର ପୂର୍ବତନ ଛାତ୍ରଛାତ୍ରୀଙ୍କ ସଂଗଠନ 'ବିଜେବି ଫ୍ରେଣ୍ଡସ୍ - ଆଲୁମିନି ଆସୋସିଏସନ୍ ଅଫ୍ ବିଜେବି କଲେଜ୍' ପକ୍ଷରୁ ଗାନ୍ଧି ଜୟନ୍ତୀ ଅବସରରେ ପ୍ରତିବର୍ଷ ଆୟୋଜିତ ହେଉଥିବା 'ୟୁଥ୍ ରିମେମ୍ବରିଂ ଗାନ୍ଧି' କାର୍ଯ୍ୟକ୍ରମର ପୁରସ୍କାର ସମାରୋହ ଆଜି ପୂର୍ବାହ୍ନ ୧୧ଟାରେ ବିଜେବି କଲେଜ୍, ଭୁବନେଶ୍ୱରର ମିନି ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଛି। ଏହା ମୁଖ୍ୟତଃ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ଦ୍ୱାରା ପ୍ରାୟୋଜିତ ଓ ଇରେଡାର ସହଯୋଗରେ ଆୟୋଜିତ ହୋଇଥିଲା। ଯୁବପିଢ଼ିଙ୍କ ମଧ୍ୟରେ ମହାତ୍ମା ଗାନ୍ଧିଙ୍କ ଜୀବନ, ଆଦର୍ଶ ଓ ମୂଲ୍ୟବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହାର ଅଂଶ ଭାବେ ଆନ୍ତଃମହାବିଦ୍ୟାଳୟ ସ୍ତରରେ ପ୍ରବନ୍ଧ, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଓଡ଼ିଶାର ପ୍ରାୟ ୪୦ଟି ବିଭିନ୍ନ କଲେଜରୁ ଛାତ୍ରଛାତ୍ରୀ ଏଥିରେ ଯୋଗଦାନ କରିଥିଲେ। ଏହି ପ୍ରତିଯୋଗିତାଗୁଡ଼ିକ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଗାନ୍ଧିଜୀଙ୍କ ଚିନ୍ତାଧାରାକୁ ଆଜିର ସମାଜ ଓ ଦାୟିତ୍ୱବାନ ନାଗରିକତା ସହିତ ଯୋଡ଼ିବାର ସୁଯୋଗ ପାଇଥିଲେ। ଉକ୍ତ ପୁରସ୍କାର ସମାରୋହରେ ଅତିଥି ଭାବେ ସଞ୍ଜୀବ ରଞ୍ଜନ ସହାୟ (ଜେନେରାଲ ମ୍ୟାନେଜର-ଜୋନାଲ ହେଡ୍ ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ), ହାରୁନ ରସିଦ୍ ଖାନ୍ (ପୂର୍ବତନ ଡେପୁଟି ଗଭର୍ଣ୍ଣର ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ), କୃଷ୍ଣା ମହାନ୍ତି (ସଭାପତି, ଗାନ୍ଧି ସ୍ମାରକ ନିଧି କମିଟି), ଗାନ୍ଧିଆନ ସ୍କୋଲାର ଓ ଗବେଷକ ପ୍ରହ୍ଲାଦ ସିଂ, ମିହିର ପ୍ରତାପ ଦାସ (ସଭାପତି, ଉତ୍କଳ ସର୍ବୋଦୟ ମଣ୍ଡଳ), ଜୟନ୍ତୀ ବେହେରା (ଅଧ୍ୟକ୍ଷା, ବିଜେବି ସ୍ୱୟଂଶାସିତ କଲେଜ), ମାନସ ରଞ୍ଜନ ମିଶ୍ର ଓ ବିଶ୍ୱପ୍ରକାଶ ପଟ୍ଟନାୟକ (ସଭାପତି, ବିଜେବି ଫ୍ରେଣ୍ଡସ୍) ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାର ବିଜେତା ଓ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ ଓ ପୁରସ୍କୃତ କରିଥିଲେ। ଏଥିରେ ଆନ୍ତଃମହାବିଦ୍ୟାଳୟ ସ୍ତରରେ ହୋଇଥିବା ପ୍ରତିଯୋଗିତା ନିମନ୍ତେ ୩୦ ଜଣଙ୍କୁ ପୁରସ୍କୃତ କରାଯାଇଥିଲା।

## ନବୀନଙ୍କୁ ଭେଟିଲେ ହିଞ୍ଜିଳି ବିଜେଡି ନେତୃବୃନ୍ଦ



ହିଞ୍ଜିଳିକାଟୁ,୧।୧୦ (ସଂଚାର ବ୍ୟୁରୋ)ଃ ହିଞ୍ଜିଳିକାଟୁ ପୌରପରିଷଦର ବିଜେଡି ନେତୃବୃନ୍ଦ ଗୁରୁବାର ଦିନ ନବୀନ ନିବାସରେ ପହଞ୍ଚି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ନବୀନ ନିବାସରେ ନିର୍ବାଚନ ମଣ୍ଡଳୀର ସାଂଗଠନିକ ସ୍ଥିତି ଓ ଦଳୀୟ କାର୍ଯ୍ୟକ୍ରମ ସହ ଅଞ୍ଚଳର ବିକାଶ ଓ ଜନସାଧାରଣଙ୍କ ସମସ୍ୟାକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ପୌର ନିର୍ବାଚନରେ ଦଳ ପାଇଁ ଆପଣ ମାନେ ପରିଶ୍ରମ କରି ବିଜେଡିକୁ ଜିତେଇବା ସହ ଜନସାଧାରଣଙ୍କ ମୌଳିକ ସମସ୍ୟା ପାଇଁ ସଂଗ୍ରାମ କରିବା ନେଇ ଉଦବୋଧନ ଦେଇଛନ୍ତି ନବୀନ। ଆସନ୍ତା ନଭେମ୍ବର କିମ୍ବା ଡିସେମ୍ବର ମାସରେ ନବୀନ ହିଞ୍ଜିଳି ଗସ୍ତ କରିବେ ନେଇ ସୂଚନା ମିଳିଛି। ନବୀନଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସମେତ ପୌରପରିଷଦର ଉପାଧ୍ୟକ୍ଷ ସୁଚିତ୍ରା ପଣ୍ଡା, ପ୍ୟାରୀ ପାଢ଼ୀ, ହୃଦୟାନନ୍ଦ ମହାପାତ୍ର, ଯୁବ ନେତା ଚନ୍ଦନ ପାତ୍ରଙ୍କ ସମେତ ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ଗଜଲକ୍ଷ୍ମୀ ପୂଜାକୁ ମାସେ ବାକିଃ ବିପର୍ଯ୍ୟସ୍ତ କେନ୍ଦ୍ରାପଡ଼ା ସହର

# ସଫେଇ ଓ ରାସ୍ତା ମରାମତିକୁ ନେଇ ବଢୁଛି ଚିନ୍ତା

କେନ୍ଦ୍ରାପଡ଼ା, ୧।୧୦(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ାର ଐତିହ୍ୟବାହୀ ତଥା ରାଜ୍ୟବ୍ୟାପୀ ପରିଚିତ ଗଣପର୍ବ ଗଜଲକ୍ଷ୍ମୀ ପୂଜାକୁ ଆଉ ପ୍ରାୟ ମାସେ ସମୟ ଥିବାବେଳେ ସହରର ବର୍ତ୍ତମାନ ସ୍ଥିତିକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଉଛି। ପୂଜା ଅବସରରେ ପ୍ରତିବର୍ଷ ଲକ୍ଷାଧିକ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ଦର୍ଶନାର୍ଥୀ କେନ୍ଦ୍ରାପଡ଼ା ସହରକୁ ଆସୁଥିବାବେଳେ ସହରର ଅନେକ ପ୍ରମୁଖ ରାସ୍ତା ଏବେ ଖାଲଖମାରେ ଭର୍ତ୍ତି ହୋଇପଡ଼ିଛି। ଅପରପକ୍ଷରେ ଡ୍ରେନେଜ୍ ବ୍ୟବସ୍ଥାର ଅବ୍ୟବସ୍ଥା, ଆବର୍ଜନା ସମସ୍ୟା ଓ ବର୍ଷା ପାଣି ଜମି ରହିବା ଭଳି ଘଟଣା ସହରର ସୌନ୍ଦର୍ଯ୍ୟ ଓ ସ୍ୱାସ୍ଥ୍ୟକର



ପରିବେଶ ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ଗଜଲକ୍ଷ୍ମୀ ପୂଜା କେନ୍ଦ୍ରାପଡ଼ାର ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ଜୀବନ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପୂଜା ସମୟରେ ସହରର ବିଭିନ୍ନ ପୂଜା ମଣ୍ଡପରେ ଆକର୍ଷଣୀୟ ମେଢ଼, ରଙ୍ଗିନ ତୋରଣ, ଆଲୋକସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଲକ୍ଷ ଲକ୍ଷ ଦର୍ଶକଙ୍କୁ ଆକର୍ଷିତ କରିଥାଏ। ଏହା କେବଳ ଧାର୍ମିକ ଉତ୍ସବ ନୁହେଁ, ବରଂ କେନ୍ଦ୍ରାପଡ଼ାର ପରିଚୟ ଓ ଗୌରବର ପ୍ରତୀକ। ମାତ୍ର ଏଭଳି ଏକ ବୃହତ୍ ଗଣପର୍ବ ପୂର୍ବରୁ ସହରର ଅବ୍ୟବସ୍ଥିତ ପରିବେଶ ସ୍ଥାନୀୟ ବାସିନ୍ଦାଙ୍କୁ ଚିନ୍ତାରେ ପକାଇଛି। ସହରର ପ୍ରମୁଖ ରାସ୍ତାଗୁଡ଼ିକରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବାରୁ ଯାତାୟାତ ବ୍ୟବସ୍ଥା ପ୍ରଭାବିତ ହେଉଛି। ବିଶେଷକରି ଦୁଇଚକିଆ ଯାନ ଚାଳକମାନେ ଦୁର୍ଘଟଣାର ଭୟ ନେଇ ଯାତାୟାତ କରୁଛନ୍ତି। ବର୍ଷା ପରେ ଏହି ଖାଲଗୁଡ଼ିକରେ ପାଣି ଭରି ରହୁଥିବାରୁ ସେଗୁଡ଼ିକର ଗଭୀରତା ଅନୁମାନ କରିବା କଷ୍ଟକର ହେଉଛି। ଫଳରେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ସହରର ବିଭିନ୍ନ ଛକ, ବଜାର ଅଞ୍ଚଳ ଏବଂ ମୁଖ୍ୟ ସଡ଼କର ଅବସ୍ଥା ଗଜଲକ୍ଷ୍ମୀ ପୂଜା ଭଳି ଏକ ବଡ଼ ଉତ୍ସବ ପୂର୍ବରୁ ସୁଧାରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଅନ୍ୟପଟେ ଡ୍ରେନେଜ୍ ବ୍ୟବସ୍ଥା ମଧ୍ୟ ଚିନ୍ତାର କାରଣ ପାଲଟିଛି। ଅନେକ ଡ୍ରେନ ଆବର୍ଜନା, ପ୍ଲାଷ୍ଟିକ ଓ ପଙ୍କରେ ଭର୍ତ୍ତି ହୋଇଥିବାରୁ ବର୍ଷା ଜଳ ସଠିକ୍ ଭାବେ ନିଷ୍କାସିତ ହୋଇପାରୁନାହିଁ। ଫଳସ୍ୱରୂପ ସାମାନ୍ୟ ବର୍ଷାରେ ମଧ୍ୟ ରାସ୍ତା ଉପରେ ପାଣି ଜମି ରହୁଛି। ସହରର ବିଭିନ୍ନ ତଳିଆ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଉଥିବାରୁ ଲୋକମାନେ ଦୈନନ୍ଦିନ ଜୀବନରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମା ପାଣି ଓ ଅପରିଷ୍କାର ପରିବେଶ ମଶା ବଂଶବୃଦ୍ଧି ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି କରୁଥିବାରୁ ଡେଙ୍ଗୁ, ମ୍ୟାଲେରିଆ ଓ ଅନ୍ୟାନ୍ୟ ସଂକ୍ରାମକ ରୋଗର ଆଶଙ୍କା ମଧ୍ୟ ବଢ଼ିଛି।

## ଏନ୍ଏସ୍ଏସ୍ ଦିବସରେ ସୋଆ କ୍ୟାମ୍ପସ୍-୫ ଷ୍ଟାଡିୟମ୍‌ରେ ଚାରାରୋପଣ



ଭୁବନେଶ୍ୱର,୧।୧୦ (ସଂଚାର ବ୍ୟୁରୋ)ଃ ଏନ୍ଏସ୍ଏସ୍ ଦିବସ ଉପଲକ୍ଷେ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନସେସ୍ (ଏସ୍‌ପିଏସ୍) ପକ୍ଷରୁ ଗୁରୁବାର କ୍ୟାମ୍ପସ୍-୫ ଷ୍ଟାଡିୟମ୍‌ରେ "ଏକ ପେଡ୍ ମା' କେ ନାମ୍" ବାର୍ତ୍ତାକୁ ଆଧାର କରି ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଏନଏସଏସର ଆଂଚଳିକ ନିର୍ଦ୍ଦେଶକ ଶ୍ରୀ ଅଜିତ କୁମାର କୁଶୱାହ, ଏସ୍‌ପିଏସ୍‌ର ଡିନ୍ ପ୍ରଫେସର ଦେବଜ୍ୟୋତି ଦାସ ଏବଂ ଏନଏସଏସ ପ୍ରୋଗ୍ରାମ୍ କୋ-ଅର୍ଡିନେଟର ଡକ୍ଟର କମଳ ଲୋଚନ ମହାନ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ଶ୍ରୀ କୁଶୱାହ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ରୋପିତ ଚାରାଗୁଡ଼ିକର ଯତ୍ନ ନେବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରିବେଶ ସୁରକ୍ଷା, ସବୁଜ ପରିବେଶ ସୃଷ୍ଟି ଏବଂ ଯୁବପିଢ଼ି ମଧ୍ୟରେ ପରିବେଶ ପ୍ରତି ଦାୟିତ୍ୱବୋଧ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ଥିଲା। "ଏକ ପେଡ୍ ମା' କେ ନାମ୍" ବାର୍ତ୍ତା ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ସବୁଜ କ୍ୟାଂପସ୍, ସୁସ୍ଥ ପରିବେଶ ଓ ସଚେତନ ସମାଜ ଗଠନର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏସ୍‌ପିଏସ୍‌ର ଡେପୁଟି ଡିନ୍ ପ୍ରଫେସର ପ୍ରତାପ କୁମାର ସାହୁ, ପ୍ରଫେସର ସୁଧୀର କୁମାର ପାଇଡିସାଟି, କ୍ଲସ୍ କୋ-ଅର୍ଡିନେଟର ଡକ୍ଟର ରୁଦ୍ର ନାରାୟଣ ସାହୁ ଏବଂ ଏନଏସଏସ୍ ପ୍ରୋଗ୍ରାମ୍ ଅଫିସର ଡକ୍ଟର ରାକେଶ ସ୍ୱାଇଁ ଉପସ୍ଥିତ ଥିଲେ। ଏନଏସଏସ୍ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ମଧ୍ୟ ବୃକ୍ଷରୋପଣରେ ସକ୍ରିୟ ଭାବେ ଯୋଗଦେଇଥିଲେ।

## ଗ୍ରାମାଞ୍ଚଳରେ ବିଦେଶୀ ମଦ ବିକ୍ରି ଅଭିଯୋଗ

### ଅବକାରୀ ବିଭାଗର ନିରବତାକୁ ନେଇ ଉଠିଲା ପ୍ରଶ୍ନ



କୋରାପୁଟ,୧।୧୦ (ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲାର ଗ୍ରାମାଞ୍ଚଳରେ ବିଦେଶୀ ମଦ ବିକ୍ରିକୁ ନେଇ ଏବେ ଅଭିଯୋଗ ତୀବ୍ର ହେବାରେ ଲାଗିଛି। ସେମିଳିଗୁଡା, ପଟାଙ୍ଗି ଓ ନନ୍ଦପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନର ନିର୍ଦ୍ଦିଷ୍ଟ ପରିସର ବାହାରେ ମଦ ବିକ୍ରି ହେଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ପଟାଙ୍ଗି ନିକଟସ୍ଥ ଦେଓମାଳି ରୋଡ୍‌ରେ ଥିବା ଏକ ବିଦେଶୀ ମଦ ଦୋକାନକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ଉଠିଛି। ଅଭିଯୋଗ ଅନୁଯାୟୀ, ଉକ୍ତ ଦୋକାନର ମଦ କୁନ୍ଦୁଲି ହାଟପଦା, ହାଟଗୁଡ଼ା, ରେଙ୍ଗା, ଗୁଣ୍ଡାଗୁଡ଼ା ଓ ହେରିଆ ଛକ ଭଳି ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି, ଅଞ୍ଚଳ ବାସୀ ବିରୋଧ କଲେ ମାରିବାକୁ ଧମକ ଦେଉଛନ୍ତି କର୍ମଚାରୀ। ଏନେଇ ଜିଲ୍ଲା ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କୁ ପଚାରିବାରୁ ଯଦି ଏଭଳି ମଦ ଚୋରା ବିକ୍ରି ହେଉଛି ତାହେଲେ ଏହା ଉପରେ କଠୋର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ତେବେ ଏହି ଅଭିଯୋଗର ସ୍ୱତନ୍ତ୍ର ସରକାରୀ ପୁଷ୍ଟି ଏପର୍ଯ୍ୟନ୍ତ ହୋଇନାହିଁ। ଓଡ଼ିଶା ଅବକାରୀ ନିୟମ ଅନୁଯାୟୀ, ଲାଇସେନ୍ସରେ ନିର୍ଦ୍ଦିଷ୍ଟ କରାଯାଇଥିବା ସ୍ଥାନ ବା ପରିସର ବାହାରେ ଲାଇସେନ୍ସଧାରୀଙ୍କ ପକ୍ଷରୁ ମଦ ବିକ୍ରି କରିବା ନିଷିଦ୍ଧ। ଏହା ସତ୍ତ୍ୱେ ଯଦି ଲାଇସେନ୍ସପ୍ରାପ୍ତ ଦୋକାନରୁ ଅନ୍ୟ ସ୍ଥାନକୁ ମଦ ନେଇ ବିକ୍ରି କରାଯାଉଥାଏ, ତେବେ ତାହା କେଉଁ ନିୟମ ଅନୁଯାୟୀ ହେଉଛି, ସେନେଇ ପ୍ରଶ୍ନ ଉଠିଛି। ଏପରିକି ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ କେତେକ ସ୍ଥାନରେ ମଦର ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦାମ ନିଆଯାଉଥିବା ଅଭିଯୋଗ ମଧ୍ୟ ରହିଛି।

## ବ୍ୟାସନଗରର ପରିତ୍ୟକ୍ତ କେଏନଡିଏ ଦୋକାନ ଗୃହ ସିଲ୍



ଯାଜପୁର ରୋଡ଼, ୧।୧୦ (ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରାଞ୍ଚଳ ସହରର କୋର୍ଟ ଛକ ନିକଟରେ ଥିବା କେଏନଡିଏ ଅଧୀନ ଅସୁରକ୍ଷିତ ତଥା ପରିତ୍ୟକ୍ତ ଦୋକାନ ଗୃହଗୁଡ଼ିକୁ ଆଜି ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ବ୍ୟାସନଗର ତହସିଲର ଅତିରିକ୍ତ ତହସିଲଦାର ଶ୍ରୀ ପ୍ରଶାନ୍ତ କୁମାର ପୁହାଣ ଏବଂ ଯାଜପୁର ରୋଡ଼ ଥାନା ଅଧିକାରୀ ଶ୍ରୀ ଆଶିଷ କୁମାର ସାହୁ'ଙ୍କ ଉପସ୍ଥିତିରେ ପୌର କର୍ମଚାରୀ ଓ କେଏନଡିଏ ଅଧିକାରୀ ମାନେ ଏହି ଦୋକାନ ଗୃହଗୁଡ଼ିକୁ ବିଧିବଦ୍ଧ ଭାବେ ସିଲ୍ କରିଥିଲେ। ପାଖାପାଖି ୩୦ଗୋଟି ଦୋକାନ ଗୃହ ସିଲ୍ ହୋଇଥିଲା।ଉକ୍ତ ସିଲ୍'କୁ ଭାଙ୍ଗିବା, ଖୋଲିବା, କ୍ଷତିଗ୍ରସ୍ତ କରିବା କିମ୍ବା ବେଆଇନ ଭାବେ ପ୍ରବେଶ କରି ଜବରଦଖଲ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ। ଏହାର ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତି ବା ସଂସ୍ଥା ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

## କୁଶଭଦ୍ରାରେ ଭାସୁଛି ଗଳିତ ମୃତଦେହ

ବାଲିଅନ୍ତା,୧।୧୦(ସଂଚାର ବ୍ୟୁରୋ)ଃ ବାଲିଅନ୍ତା ଥାନା ଅଣ୍ଡିଲୋ ନିକଟସ୍ଥ ମହାତ୍ମା ସେତୁ ପାର୍ଶ୍ୱରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳୁଛି। ମୃତଦେହ ଜଣେ ପୁରୁଷଙ୍କର ଏବଂ ଧଳା ଲାଲ ଚେକ ସାର୍ଟ ପିନ୍ଧିଛନ୍ତି। ତେବେ ଶବ ଉଦ୍ଧାର ହୋଇନଥିବାରୁ ତାଙ୍କର ପରିଚୟ ମିଳିପାରିନି। ବ୍ୟକ୍ତି ଜଣକ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା କିମ୍ବା ଶୌଚ ହେବାକୁ ଯାଇ ପାଣି ସ୍ରୋତରେ ଭାସି ଆସିଥିବା ଅଥବା ତାଙ୍କୁ ହତ୍ୟା କରି ନଦୀକୁ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି। ଶବ ପଚି ଫୁଲି ଯାଇଥିବାରୁ ୨/ ୩ ଦିନ ତଳେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତେବେ ବାଲିଅନ୍ତା ଥାନା ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ଛାନଭିନ କରିବା ପରେ କେଉଁଭଳି ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହେବ ବୋଲି ଜଣାଯାଇଛି ।

## ଶିକ୍ଷକଙ୍କ ଅକାଳ ବିୟୋଗଃ ମୂର୍ଚ୍ଛା ରୋଗ ଥିବା ସୂଚନା, ପୁଲିସର ତଦନ୍ତ



ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି,୧।୧୦ (ସଂଚାର ବ୍ୟୁରୋ)ଃ ତେନ୍ତୁଳିଖୁଣ୍ଟି ବ୍ଲକ ପାତ୍ରପୁଟ ପଞ୍ଚାୟତ ଅନ୍ତର୍ଗତ ପଡ଼େଇଗୁଡା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଜ୍ଞାନରଞ୍ଜନ ଲେଙ୍କା (୨୮)ଙ୍କ ଅକାଳ ମୃତ୍ୟୁ ଘଟିଛି। ରାତିରେ ଖାଇସାରି ଔଷଧ ଖାଇବାକୁ ଯାଉଥିବା ସମୟରେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିବା ଜଣାପଡ଼ିଛି। ପୂର୍ବରୁ ତାଙ୍କର ମୂର୍ଚ୍ଛାଜନିତ ରୋଗ ଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ ଖବର ପାଇ ତେନ୍ତୁଳିଖୁଣ୍ଟି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏନେଇ ତେନ୍ତୁଳିଖୁଣ୍ଟି ଥାନାରେ ଅପମୃତ୍ୟୁ ମାମଲା ନଂ-୯/୨୬ ରୁଜୁ କରାଯାଇଥିବା ତଦନ୍ତକାରୀ ଅଧିକାରୀ ମହେଶ କୀର୍ଣାନୀ ପ୍ରକାଶ କରିଛନ୍ତି। ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଦଳ ଆସିବା ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ଉକ୍ତ ସ୍ଥାନରେ ଶିକ୍ଷା ବିଭାଗ ର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ସେବା ସଂକଳ୍ପ ଅଭିଯାନରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ




ନୀଳଗିରି,୧।୧୦(ସଂଚାର ବ୍ୟୁରୋ)ଃ ସକାଳଘ.୭ଟିକା ସମୟରେ ସ୍ଥାନୀୟ ନୀଳଗିରି ଚିକିତ୍ସାଳୟ ନିକଟସ୍ଥିତ ହନୁମାନ ମନ୍ଦିର ସମ୍ମୁଖ ରାସ୍ତାକୁ ସ୍ୱଚ୍ଛତା ହିଁ ସେବା-୨୦୨୬ ପରିପ୍ରେକ୍ଷୀରେ 'ଏକ ଦିନଏକ ଘଣ୍ଟା ସବ୍ କେ ସାଥ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ଯୋଗ ଦେଇ ଥିବା ବେଳେ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ନୀଳଗିରି ପୌର ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା, ଏନ୍. ଏ.ସି. ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଅଂଶୁମାନ ପରିଡ଼ା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଗୋବର୍ଦ୍ଧନ ବିଶ୍ୱାଳ, ସମାଜସେବୀ ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ନନ୍ଦ, ବରିଷ୍ଠ ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଗଣ ସାମିଲ ହୋଇଥିଲେ। ସେବା ସଂକଳ୍ପ ଅଭିଯାନ ପରିପ୍ରେକ୍ଷୀରେ ସ୍ୱଚ୍ଛତା ହିଁ ସେବା -୨୦୨୬ କାର୍ଯ୍ୟକ୍ରମରେ ମନ୍ଦିର ସମ୍ମୁଖ ରାସ୍ତା ଏବଂ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ସମୂହ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ପରେ ପରେ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ପରିସରରେ ଆୟୋଜିତ ରକ୍ତ ଦାନ ଶିବିର କୁ ଉଦ୍ଘାଟନ କରି ଏକ ଶୋଭାଯାତ୍ରାର ପଟୁଆର ଚିକିତ୍ସାଳୟରୁ ବାହାରି ସହର ପରିକ୍ରମା କରିଥିଲା।

## ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କୁ ବିଶିଷ୍ଟ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା,୧।୧୦ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲାର ବରପୁତ୍ର ତଥା ପୂର୍ବତନ ସାଂସଦ ତଥା ଅରୁଣାଚଳ ପ୍ରଦେଶର ପୂର୍ବତନ ରାଜ୍ୟପାଳ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ୨୫ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅର୍ବାନ ବ୍ୟାଙ୍କ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଥିଲେ। ବିଶିଷ୍ଟ ବ୍ୟକ୍ତିମାନେ ସ୍ୱର୍ଗତ ଦ୍ୱିବେଦୀଙ୍କ କେନ୍ଦ୍ରାପଡ଼ା ତଥା ରାଜ୍ୟ ପ୍ରତି ଥିବା ଅବଦାନ ସଂପର୍କରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରାପାଳିକାର ପୂର୍ବତନ ବିରୋଧୀ ଦଳ ନେତା ଶରତ କୁମାର ବେହୁରା, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ସମାଜସେବୀ ସୁଶିଳ ସାମଲ, ଶିକ୍ଷକ ନେତା ଭ୍ରମର ରାଉତ, ଅର୍ବାନ ବ୍ୟାଙ୍କର ନିର୍ଦ୍ଦେଶକ ମହେନ୍ଦ୍ର କୁମାର ପରିଡ଼ା, କାଉନସିଲର ରମେଶ ଚନ୍ଦ୍ର ଦାସ, ହରିଶ ପଟ୍ଟନାୟକ, ହିମାଂଶୁ ଶେଖର ଲେଙ୍କା, ବିଧୁଭୂଷଣ ମହାପାତ୍ର, ସୁରେଶ କୁମାର ପରିଡ଼ା, ତ୍ରିଲୋଚନ ପରିଡ଼ା, ଉତ୍ତମ ଚରଣ ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସେକ ମନସୁର ଅଲ୍ଲୀ, ଜାନକୀ ବଲ୍ଲଭ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଦ୍ୱିବେଦୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଅବଦାନ ସଂକ୍ରାନ୍ତରେ ମତବ୍ୟକ୍ତ କରିଥିଲେ।

## ପକ୍କା ରାସ୍ତା ଦାବିରେ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ଫୁଲବାଣୀ,୧।୧୦(ସଂଚାର ବ୍ୟୁରୋ)ଃ ରାସ୍ତା ଅଛି, କିନ୍ତୁ ଚଳାଚଳ ପାଇଁ ନୁହେଁ! ବର୍ଷା ଆସିଲେ ମାଟି ରାସ୍ତା କାଦୁଅରେ ପରିଣତ ହେଉଛି, ଆଉ ଯାତାୟାତ ହୋଇପଡୁଛି ଏକପ୍ରକାର ଦୁର୍ସ୍ୱପ୍ନ। ଏଭଳି ଅବ୍ୟବସ୍ଥିତ ରାସ୍ତାକୁ ନେଇ ବର୍ଷ ବର୍ଷ ଧରି ହନ୍ତସନ୍ତ ହେଉଛନ୍ତି ଟିକାବାଲି ବ୍ଲକ ଅନ୍ତର୍ଗତ ରୂପାଣଗାଁ ମୌଜାର ଦାସାଗୁଡ଼ା




ଗ୍ରାମବାସୀ।ଗ୍ରାମରେ ୨୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଗ୍ରାମକୁ ସଂଯୋଗ କରିବା ପାଇଁ ଏକ ଭଲ ପକ୍କା ରାସ୍ତା ନିର୍ମାଣ ହୋଇପାରିନାହିଁ। ଆର୍‌ଡି ରାସ୍ତାରୁ ଦାସାଗୁଡ଼ା ପର୍ଯ୍ୟନ୍ତ ପ୍ରାୟ ୨.୫ କିଲୋମିଟର ରାସ୍ତା ଏବେ ବି ମାଟି ରାସ୍ତା ହୋଇ ରହିଛି। ବର୍ଷା ଦିନରେ ଏହି ରାସ୍ତାର ଅବସ୍ଥା ଆହୁରି ଦୟନୀୟ ହୋଇପଡୁଛି। ରାସ୍ତା ସାରା କାଦୁଅ ଓ ପାଣି ଜମି ରହୁଥିବାରୁ ଚାରି ଚକିଆ ଯାନ ତ ଦୂରର କଥା, ଦୁଇ ଚକିଆ ଯାନ ମଧ୍ୟ ଗାଁ ଭିତରକୁ ଯିବା କଷ୍ଟକର ହୋଇପଡୁଛି। ବର୍ଷା ଦିନରେ ଛାତ୍ରଛାତ୍ରୀମାନଙ୍କୁ କାଦୁଅ ରାସ୍ତା ଦେଇ ସ୍କୁଲ ଓ କଲେଜ ଯିବାକୁ ପଡୁଛି। ଦୈନନ୍ଦିନ ଆବଶ୍ୟକତା, ହାଟବଜାର, ସରକାରୀ କାର୍ଯ୍ୟାଳୟ କିମ୍ବା ଚିକିତ୍ସା ପାଇଁ ମଧ୍ୟ ଗ୍ରାମବାସୀଙ୍କୁ ଅତିରିକ୍ତ ଦୂରତା ଅତିକ୍ରମ କରିବାକୁ ପଡୁଛି।ଏପରି ସ୍ଥିତିରେ ଗ୍ରାମର ବିକାଶ ନେଇ ଅନେକ ଯୋଜନା ଓ ଘୋଷଣା ହେଉଥିବା ବେଳେ ଦାସାଗୁଡ଼ା ଭଳି ଗ୍ରାମକୁ ଏବେ ବି ଏକ ସୁଗମ ରାସ୍ତା ମିଳିନଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଦୀର୍ଘଦିନର ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆର୍‌ଡି ରାସ୍ତାରୁ ଦାସାଗୁଡ଼ା ପର୍ଯ୍ୟନ୍ତ ପ୍ରାୟ ୨.୫ କିଲୋମିଟର ନୂଆ ପକ୍କା ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରି ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଦାବି ନେଇ ଦାସାଗୁଡ଼ା ଗ୍ରାମବାସୀ ଫୁଲବାଣୀ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଦାବି ହେଉଛି କେବଳ ଅସ୍ଥାୟୀ ମରାମତି ନୁହେଁ, ସମସ୍ୟାର ସ୍ଥାୟୀ ସମାଧାନ କରାଯାଇ ଗାଁକୁ ସବୁଦିନ ପାଇଁ ଏକ ଭଲ ରାସ୍ତା ଯୋଗାଇ ଦିଆଯାଉ। ଦାବିପତ୍ର ପ୍ରଦାନ ସମୟରେ ରମାନନ୍ଦ କହଁର, ବାସୁଦେବ କହଁର, ଦିଲ୍ଲୀପ କୁମାର କହଁର, ଶଶାଙ୍କ ଶେଖର କହଁର, ଲମ୍ବୋଦର କହଁର, ସ୍ୱର୍ଣ୍ଣ କହଁରଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସରେ ବିଜୟ ସେନା ସମ୍ମାନିତ

କେନ୍ଦ୍ରାପଡା,୧।୧୦(ସଂଚାର ବ୍ୟୁରୋ)ଃ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଏବଂ ରକ୍ତ ସଂଗ୍ରହ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଓ ନିରନ୍ତର ଅବଦାନ ପାଇଁ କେନ୍ଦ୍ରୀୟ ରେଡକ୍ରସ ରକ୍ତକେନ୍ଦ୍ର, କଟକ ପକ୍ଷରୁ ସାମାଜିକ ସଂଗଠନ 'ବିଜୟ ସେନା'କୁ ସମ୍ମାନିତ କରାଯାଇଛି। ଦୀର୍ଘଦିନ ଧରି ରକ୍ତଦାନ ସଚେତନତା ସୃଷ୍ଟି, ରକ୍ତଦାତାଙ୍କୁ ପ୍ରୋତ୍ସାହିତ କରିବା ସହିତ ଆବଶ୍ୟକ ସମୟରେ ରୋଗୀମାନଙ୍କ ପାଇଁ ରକ୍ତ ଯୋଗାଣରେ ସହଯୋଗ କରୁଥିବାରୁ ବିଜୟ ସେନାକୁ ଏହି ସମ୍ମାନ ପ୍ରଦାନ




କରାଯାଇଥିବା ଜଣାପଡ଼ିଛି। ଆୟୋଜିତ ସମ୍ମାନ ପ୍ରଦାନ ଉତ୍ସବରେ ବିଜୟ ସେନା ପକ୍ଷରୁ ସାସ୍ୱତ ବିଶ୍ୱାଳ ଓ ଆନନ୍ଦ ମହାପାତ୍ର ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ସଂଗଠନର ଏହି ସଫଳତା ସ୍ୱେଚ୍ଛାସେବୀମାନଙ୍କ ନିଷ୍ଠା, ସମର୍ପଣ ଓ ସାମାଜିକ ସେବା ପ୍ରତି ଅଙ୍ଗୀକାରର ପ୍ରତିଫଳନ ବୋଲି ସଦସ୍ୟମାନେ ମତ ପ୍ରକାଶ କରିଛନ୍ତି। ବିଜୟ ସେନାର ଏହି ଗୌରବଜନକ ସଫଳତା ପାଇଁ ଅରୁଣ ମହାପାତ୍ର, ମିହିର ନାୟକ, ପ୍ରଶାନ୍ତ ସାମନ୍ତରାୟ, ରାଜେନ୍ଦ୍ର ମହାପାତ୍ର ଓ ଏସ୍.କେ. ପଣ୍ଡା ପ୍ରମୁଖ ଖୁସି ବ୍ୟକ୍ତ କରିବା ସହ ସମସ୍ତ ରକ୍ତଦାତା ଓ ସହଯୋଗୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସାମାଜିକ ସେବା ଓ ମାନବିକ କାର୍ଯ୍ୟକଳାପ ମାଧ୍ୟମରେ ଆଗାମୀ ଦିନରେ ମଧ୍ୟ ରକ୍ତଦାନ ଆନ୍ଦୋଳନକୁ ଆହୁରି ସୁଦୃଢ଼ କରିବା ପାଇଁ ବିଜୟ ସେନା କାର୍ଯ୍ୟ କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ୫୪ ଚୋରି ମୋବାଇଲ ଉଦ୍ଧାର, ପ୍ରକୃତ ମାଲିକଙ୍କୁ ଫେରାଇଲା ପୁଲିସ

କେନ୍ଦ୍ରାପଡ଼ା,୧।୧୦(ସଂଚାର ବ୍ୟୁରୋ)ଃ ଚୋରି ହୋଇଯାଇଥିବା ମୋବାଇଲ ଫୋନ୍ ଫେରି ପାଇବାର ଆଶା ପ୍ରାୟ ଛାଡ଼ି ଦେଇଥିବା ୫୪ ଜଣ ଲୋକଙ୍କ ମୁହଁରେ ଆଜି ହସ ଫୁଟାଇଛି କେନ୍ଦ୍ରାପଡ଼ା ପୁଲିସ। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ଓ ପରବର୍ତ୍ତୀ ସମୟରେ ଉଦ୍ଧାର କରାଯାଇଥିବା ୫୪ଟି ମୋବାଇଲ ଫୋନ୍‌କୁ ପୁଲିସ




ପ୍ରକୃତ ମାଲିକମାନଙ୍କୁ ହସ୍ତାନ୍ତର କରିଛି। ଜଜାଙ୍ଗସ୍ଥିତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟ୍ଟାରିଆ ଉଦ୍ଧାର ହୋଇଥିବା ମୋବାଇଲଗୁଡ଼ିକୁ ସେମାନଙ୍କ ପ୍ରକୃତ ମାଲିକଙ୍କ ହାତରେ ତୁଳାଇ ଦେଇଥିଲେ। ଦୀର୍ଘ ଦିନ ପରେ ନିଜ ମୋବାଇଲ ଫେରି ପାଇ ଉପସ୍ଥିତ ଲୋକମାନେ ପୁଲିସର ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ଏସ୍‌ପି ଶ୍ରୀ କଟ୍ଟାରିଆ କହିଥିଲେ ଯେ, ମୋବାଇଲ ଚୋରି କିମ୍ବା ହଜିଯିବା ନେଇ ବିଭିନ୍ନ ଥାନାରେ ଅଭିଯୋଗ ଦାଖଲ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା।

### ହଂସୁଆ ନଦୀରେ ଯୁବତୀଙ୍କ ମୃତ୍ୟୁ ଘଟଣାରେ ନୂଆ ମୋଡ଼

## ଜେଜେ-ଜେଜେମା'ଙ୍କ ବୟାନ ପରେ ବଢ଼ିଲା ଚର୍ଚ୍ଚା



କେନ୍ଦ୍ରାପଡ଼ା/ ରାଜନଗର, ୧।୧୦(ସଂଚାର ବ୍ୟୁରୋ)ଃ ରାଜନଗର ଥାନା ଅନ୍ତର୍ଗତ ହଂସୁଆ ନଦୀରେ ଭାସୁଥିବା ଯୁବତୀ ଶୁଭଶ୍ରୀ ଦାସଙ୍କ ମୃତ୍ୟୁ ଘଟଣାରେ ପ୍ରତିଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଥିବାବେଳେ ରହସ୍ୟ ଆହୁରି ଗଭୀର ହେଉଛି। ନିଖୋଜ ହେବାର ପାଞ୍ଚ ଦିନ ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ଦାଖଲ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହା ମଧ୍ୟରେ ଗୁରୁବାର ଦିନ ଶୁଭଶ୍ରୀଙ୍କ ଜେଜେ ଓ ଜେଜେମା ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିବା ପରେ ଘଟଣାଟି ନୂଆ ମୋଡ଼ ନେଇଛି। ପରିବାର ପକ୍ଷରୁ ଦିଆଯାଇଥିବା ଏତଲା ଅନୁଯାୟୀ, ଶୁଭଶ୍ରୀ ଗତ ସେପ୍ଟେମ୍ବର ୨୫ ତାରିଖରୁ ନିଖୋଜ ଥିଲେ। କିନ୍ତୁ ତାଙ୍କ ନିଖୋଜ ହେବା ପରେ ତୁରନ୍ତ ଥାନାରେ ଅଭିଯୋଗ ନ କରାଯିବା ଏବଂ ତିନି ଦିନ ପରେ ହଂସୁଆ ନଦୀରେ ଜଣେ ଯୁବତୀଙ୍କ ମୃତଦେହ ଭାସୁଥିବା ଦେଖାଯିବା ଘଟଣାକୁ ନେଇ ଅଞ୍ଚଳରେ ସନ୍ଦେହ ଓ ଚର୍ଚ୍ଚା ବଢ଼ିଥିଲା। ଘଟଣାକୁ ଆହୁରି ସଙ୍ଗୀନ କରିଥିଲା ଦୁଇଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ। ସେମାନଙ୍କ ଦାବି ଅନୁଯାୟୀ, ନଦୀ କୂଳରେ ଭାସୁଥିବା ମୃତଦେହକୁ କିଛି ଲୋକ କୂଳକୁ ଆଣିବା ପରେ ଗୋଡ଼ରେ ପଥର ବାନ୍ଧି ପୁଣି ନଦୀ ମଝିକୁ ଫିଙ୍ଗି ଦେଇଥିଲେ। ପରେ ମୃତଦେହଟି ଶୁଭଶ୍ରୀଙ୍କର ବୋଲି ଚିହ୍ନଟ ହେବା ପରେ ଘଟଣାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଥିଲା। ଏହି ମଧ୍ୟରେ ଆଜି ଶୁଭଶ୍ରୀଙ୍କ ଜେଜେ ଓ ଜେଜେମା ଗଣମାଧ୍ୟମକୁ କହିଛନ୍ତି ଯେ, ନାତୁଣୀଙ୍କର ମାନସିକ ସମସ୍ୟା ଥିଲା ବୋଲି ପରିବାର ଜାଣିଥିଲା। ସେ ଦଶମ ଶ୍ରେଣୀ ପାସ କରିବା ପରେ ଆଉ ପାଠ ପଢ଼ିନଥିଲେ। ଗତ ଶୁକ୍ରବାର ଦିନ ଘରେ ତାଙ୍କ ବାପା ଓ ମା' ନଥିବା ବେଳେ ଶୁଭଶ୍ରୀ ହଠାତ୍ ଘରୁ କେଉଁଠି ଚାଲିଯାଇଥିଲେ ବୋଲି ସେମାନେ ଦାବି କରିଛନ୍ତି। ପରେ ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିବା କଥା କହିଛନ୍ତି।

### କେମିତି ବାହାରିବେ ନେତା?

## ମହାବିଦ୍ୟାଳୟରେ ୯ ବର୍ଷ ଧରି ଛାତ୍ର ନିର୍ବାଚନ ବନ୍ଦ

କାକଟପୁର/ଅସ୍ତରଙ୍ଗ,୧।୧୦ (ସଂଚାର ବ୍ୟୁରୋ)ଃ ଶିକ୍ଷାନୁଷ୍ଠାନରୁ ହିଁ ନେତୃତ୍ୱ ଜନ୍ମ ନିଏ। କଲେଜ ନିର୍ବାଚନ ହିଁ ଭବିଷ୍ୟତ ନେତୃତ୍ୱର ଏକ୍ତୁଡିଶାଳ। ହେଲେ ପୁରୀ ଜିଲ୍ଲା କାକଟପୁର ମଙ୍ଗଳା ମହାବିଦ୍ୟାଳୟରେ ସେହି ଏକ୍ତୁଡିଶାଳ ଦୀର୍ଘ ୯ ବର୍ଷ ହେଲା ତାଲା ପଡ଼ିଛି। ଶେଷ ଥର ପାଇଁ ୨୦୧୭ରେ ନିର୍ବାଚନ ହୋଇଥିଲା। ତା ପରଠୁ ନା ମତଦାନ, ନା ପ୍ରଚାର, ନା ଶପଥ। ଫଳରେ ଏଠି ପଢୁଥିବା ହଜାର ଛାତ୍ରଛାତ୍ରୀ ନେତୃତ୍ୱ କଣ, ଗଣତନ୍ତ୍ର କଣ ଜାଣିବାରୁ ବଞ୍ଚିତ। କେମିତି ବାହାରିବେ ଭବିଷ୍ୟତର ନେତା? କାକଟପୁର ମଙ୍ଗଳା ମହାବିଦ୍ୟାଳୟ ପୁରୀ ଜିଲ୍ଲାର ପୁରୁଣା କଲେଜ ମଧ୍ୟରୁ ଗୋଟିଏ। ପ୍ରତିବର୍ଷ ଏଠି ଦଶହରା ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ହେଉଥିଲା। ସଭାପତି, ଉପ-ସଭାପତି, ସାଧାରଣ ସମ୍ପାଦକ, କ୍ରୀଡା ସମ୍ପାଦକ ପାଇଁ ଲଢେଇ। ଦେଓ୍ୱାଲ ଲିଖନ, ପୋଷ୍ଟର, ଶ୍ରେଣୀ ପ୍ରଚାରରେ



କମ୍ପୁଥିଲା କ୍ୟାମ୍ପସ। ଏହି ମଞ୍ଚରୁ ବହୁ ନେତା ବାହାରି ରାଜ୍ୟ ରାଜନୀତିରେ ନାଁ କରିଛନ୍ତି। ହେଲେ ୨୦୧୮ରେ ତିତଲି ବାତ୍ୟା, ବିଭିନ୍ନ ସ୍ଥାନରେ କ୍ୟାମ୍ପସ ଅଶାନ୍ତି ଆଳ ଦେଖାଇ ନିର୍ବାଚନ ବନ୍ଦ ହେଲା। ପରେ କୋଭିଡ ଆଳ। ଗୋଟିଏ ପିଢି ଛାତ୍ର ଭୋଟ ଦେଇନାହାଁନ୍ତି। ନିର୍ବାଚନ ହେଲେ ସଫଳତା କଣ? ପ୍ରଥମ - ଗଣତାନ୍ତ୍ରିକ ଅଭ୍ୟାସ। ଛାତ୍ର ଭାଷଣ ଶିଖିବେ, ନେତୃତ୍ୱ ଶିଖିବେ, ପରାଜୟ ସହିବା ଶିଖିବେ। ଦ୍ୱିତୀୟ - ସମସ୍ୟା ସମାଧାନ। କଲେଜରେ ପାନୀୟ ଜଳ, ଶୌଚାଳୟ, ଲାଇବ୍ରେରୀ, ହଷ୍ଟେଲ ସମସ୍ୟା ପାଇଁ ନିର୍ବାଚିତ ପ୍ରତିନିଧି ଅଧ୍ୟକ୍ଷଙ୍କୁ ପ୍ରଶ୍ନ କରିପାରିବେ। ତୃତୀୟ - ରାଜନୀତିର ପାଠଶାଳା। ଆଜିର ଛାତ୍ର ନେତା କାଲିର ସରପଞ୍ଚ, ବିଧାୟକ, ସାଂସଦ। ନ ହେଲେ ବିଫଳତା କଣ? ଛାତ୍ର ଅସନ୍ତୋଷ ବଢୁଛି।ସବୁ ଦଳ ଆନ୍ଦୋଳନ ଧମକ ଦେଉଛନ୍ତି। କାକଟପୁର ଛାତ୍ର କହୁଛନ୍ତି, ଆମେ ଭୋଟ ଦେଇନାହୁଁ, ପ୍ରତିନିଧି ନାହିଁ। ଶିକ୍ଷକ କହୁଛନ୍ତି, ଅଣନିର୍ବାଚିତ ମନୋନୀତ କମିଟିରେ ଛାତ୍ରଙ୍କ ସ୍ୱର ନାହିଁ। ସରକାର ନିଷ୍ପତି ଉପରେ ଲକ୍ଷ୍ୟ।ହେଲେ ପ୍ରଶ୍ନ - ଦଶହରା ପରେ ପରୀକ୍ଷା। ସମୟ ଅଛି କି? ମଙ୍ଗଳା ମହାବିଦ୍ୟାଳୟର ଛାତ୍ର ଅପେକ୍ଷାରେ - ଏ ଥର ଛାତ୍ର ନିର୍ବାଚନ ଏକ୍ତୁଡିଶାଳ ଖୋଲିବ ତ?

## AFFIDAVIT

By virtue of an affidavit sworn before the Executive Magistrate, Berhampur on 29/09/2026, I, BINOD SAHU, R/o Vill/PO: Jhadankuli, PS: Nimakhandi, Dist: Ganjam, have changed my minor son's name from SANJAY SAHU to SUJAL SAHU. Henceforth, he shall be known as SUJAL SAHU for all purposes.

## ୱାଟ୍‌କୋ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ

# ଜଳଯୋଗାଣ, ସ୍ୱେରେଜ୍ ଭିତ୍ତିଭୂମି ଓ ଜନସଚେତନତାକୁ ଗୁରୁତ୍ୱ



ଭୁବନେଶ୍ୱର,୧।୧୦(ସଂଚାର ବ୍ୟୁରୋ): ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ୱାଟକୋ ଦ୍ୱାରା କାର୍ଯ୍ୟାନ୍ୱିତ ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକଳାପର ଅଗ୍ରଗତି ସମୀକ୍ଷା କରିଛନ୍ତି। ଏହି ଉଚ୍ଚସ୍ତରୀୟ ବୈଠକରେ ଜଳଯୋଗାଣ ଓ ସ୍ୱେରେଜ ଭିତ୍ତିଭୂମି, ପ୍ରକଳ୍ପର ଭୌତିକ ଓ ଆର୍ଥିକ ଅଗ୍ରଗତି, ଡବ୍ଲ୍ୟୁଟିପି ଓ ଏସଟିପିର କାର୍ଯ୍ୟକାରିତା ସହ ନାଗରିକ ସେବା ସମ୍ପର୍କରେ ଆଲୋଚନା ହୋଇଥିଲା।

ୱାଟକୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ୱାଟକୋର କାର୍ଯ୍ୟକ୍ଷେତ୍ର, ଚାଲୁଥିବା ପ୍ରମୁଖ ଜଳଯୋଗାଣ ଓ ସ୍ୱେରେଜ୍ ପ୍ରକଳ୍ପ, ଜଳ ବିଶୋଧନାଗାର ଓ ମଳଜଳ ବିଶୋଧନାଗାରର ସ୍ଥିତି ଉପରେ ବିସ୍ତୃତ ଉପସ୍ଥାପନା ଦେଇଥିଲେ। ପ୍ରକଳ୍ପଗୁଡ଼ିକର ନିର୍ଦ୍ଧାରିତ ସମୟରେ ସମାପ୍ତି, ଅନୁଦାନର ସଠିକ୍ ଉପଯୋଗ ଏବଂ କାର୍ଯ୍ୟାନ୍ୱୟନରେ ଥିବା ସମସ୍ୟାର ତୁରନ୍ତ ସମାଧାନ ଉପରେ ମନ୍ତ୍ରୀ ଡଃ ମହାପାତ୍ର ଗୁରୁତ୍ୱାରୋପ କରିଥିଲେ। ବୈଠକରେ ୱାଟକୋର ଆର୍ଥିକ ପ୍ରଦର୍ଶନ ମଧ୍ୟ ସମୀକ୍ଷା କରାଯାଇଥିଲା। ବିଭିନ୍ନ ପ୍ରକଳ୍ପ ପାଇଁ ବଜେଟ୍ ବ୍ୟବସ୍ଥା, ବ୍ୟୟ ଓ ଆର୍ଥିକ ଅନୁଦାନର ବ୍ୟବହାରର ଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରକଳ୍ପଭିତ୍ତିକ ବ୍ୟୟର ନିୟମିତ ତଦାରଖ ଓ କାର୍ଯ୍ୟାନ୍ୱୟନ ସମ୍ପର୍କିତ ସମସ୍ୟାର ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ୱାଟକୋର କାର୍ଯ୍ୟକ୍ଷେତ୍ର ଅଧୀନରେ ନବଗଠିତ ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡ଼ିକର ଦାୟିତ୍ୱ ଗ୍ରହଣ ଓ ହସ୍ତାନ୍ତର ପ୍ରକ୍ରିୟା ନେଇ ମଧ୍ୟ ଆଲୋଚନା ହୋଇଥିଲା। ସରକାରୀ ବିଜ୍ଞପ୍ତି ଅନୁଯାୟୀ ୱାଟକୋଠାରୁ ଓଡ଼ିଶା ଜଳଯୋଗାଣ ଓ ସ୍ୱେରେଜ ବୋର୍ଡକୁ ସ୍ୱେରେଜ କାର୍ଯ୍ୟ ହସ୍ତାନ୍ତର ପ୍ରସଙ୍ଗରେ ଦାୟିତ୍ୱର ସ୍ପଷ୍ଟତା ଓ ସେବାର ନିରନ୍ତରତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ଚାଲୁଥିବା ସମସ୍ତ ପ୍ରକଳ୍ପର ନିୟମିତ ତଦାରଖ ସହ ସମୟୋଚିତ କାର୍ଯ୍ୟାନ୍ୱୟନ, ଆର୍ଥିକ ଶୃଙ୍ଖଳା, କାର୍ଯ୍ୟର ଗୁଣବତ୍ତା ଓ ନାଗରିକଙ୍କୁ ଉନ୍ନତ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଡଃ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଏମ୍-୨ ରାଜେନ୍ଦ୍ର କୁମାର ସେଠୀ ଓ ଜିଏମ୍-୧ ବିକ୍ରମ ରାଉତ ଉପସ୍ଥିତ ଥିଲେ। ଶେଷରେ ୱାଟ୍‌କୋ ପ୍ରୋଜେକ୍ଟ ଡାଇରେକ୍ଟର ଇଂ. ଶାରଦା ପ୍ରସନ୍ନ ନାୟକ ଧନ୍ୟବାଦ ଦେବା ସହ ମନ୍ତ୍ରୀ ଡଃ ମହାପାତ୍ରଙ୍କ ଦିଗ୍‌ଦର୍ଶନ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟପାଳ



● ରାଜ୍ୟ ବିକାଶ ନେଇ ଆଲୋଚନା

ଭୁବନେଶ୍ୱର,୧।୧୦(ସଂଚାର ବ୍ୟୁରୋ): ଗୁରୁବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଓଡ଼ିଶା ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଭେଟି ରାଜ୍ୟର ବିକାଶ ସମ୍ବନ୍ଧୀୟ ବିଷୟ ଉପରେ ଆଲୋଚନା କରିଛନ୍ତି। ଏହି ସାକ୍ଷାତ ସମୟରେ ରାଜ୍ୟପାଳ ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ସେଗୁଡ଼ିକର ଅଗ୍ରଗତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିସହ ଓଡ଼ିଶା ଲୋକ ଭବନକୁ ନିକଟରେ ମିଳିଥିବା 'ଆଇଜିବିସି ପ୍ଲାଟିନମ୍ ସାର୍ଟିଫିକେସନ୍' ବିଷୟରେ ମଧ୍ୟ ରାଜ୍ୟପାଳ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଆଲୋଚନାରେ ରାଜ୍ୟର ବିକାଶ ଏବଂ ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ପ୍ରସଙ୍ଗ ସ୍ଥାନ ପାଇଥିଲା। ସାକ୍ଷାତ ସମୟରେ ପ୍ରଧାନମନ୍ତ୍ରୀ ଓ ରାଜ୍ୟପାଳଙ୍କ ମଧ୍ୟରେ ସ୍ମାରକ ଆଦାନପ୍ରଦାନ ହୋଇଥିଲା।

# କବାଡ଼ିଖାନାରୁ ମିଳିଲା କଣିହାରୁ ଚୋରି ଟ୍ରକ

କଟକ, ୧।୧୦ (ସଂଚାର ବ୍ୟୁରୋ): ଗାଡ଼ି ଚୋରି ହେଲା। ଶେଷରେ ଠିକଣା ମିଳିଲା ଚୌଦ୍ୱାର ଥାନା ଅଧୀନ ମଙ୍ଗୁଳି କେନାଲ ରୋଡର ଏକ କବାଡ଼ି ଗ୍ୟାରେଜରେ। ଗାଡ଼ିଟି ସେଠାରେ ଠାବ ହେବା ସହ ଏହାର ନମ୍ବର ପ୍ଲେଟ୍ ମଧ୍ୟ ବଦଳାଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଏନ୍‌ଟିପିସି କଣିହା ଅଞ୍ଚଳରୁ ଏକ ୧୬ ଚକିଆ ଟ୍ରକ୍ ସେପ୍ଟେମ୍ବର ୬ ତାରିଖରେ ଚୋରି ହୋଇଥିଲା। ଗାଡ଼ି ମାଲିକ ଗାଡ଼ିର ଜିପିଏସ୍ ଟ୍ରାକ୍ କରିବାରୁ ଏହାର ଅବସ୍ଥିତି ମଙ୍ଗୁଳି ଅଞ୍ଚଳରେ ଦେଖାଇଥିଲା। ଖୋଜାଖୋଜି ପରେ କେନାଲ କୂଳରେ ଥିବା ଏକ କବାଡ଼ି ଗ୍ୟାରେଜରେ ଟ୍ରକ୍‌ଟିକୁ ଠାବ କରାଯାଇଥିଲା। ତେବେ ଚୋରି ହୋଇଥିବା ଗାଡ଼ିର ନମ୍ବର ପ୍ଲେଟ୍ ବଦଳାଯାଇ ଓଡ଼ି ୧୫ ଓାଇ ୪୦୦୬ କରାଯାଇଥିବା ଅଭିଯୋଗ ହୋଇଛି। ଗାଡ଼ିଟିକୁ ଜବତ କରାଯାଇ ଚୌଦ୍ୱାର ଥାନାକୁ ଅଣାଯାଇଛି।

# ପ୍ରଧାନ ଶିକ୍ଷକଙ୍କ ମାଡ଼ରେ ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ!

● ପ୍ରଧାନଶିକ୍ଷକଙ୍କ ବିରୋଧରେ ଏତଲା ଦେଲେ ବାପା

ଜୟପୁର,୧।୯(ସଂଚାର ବ୍ୟୁରୋ): ପ୍ରଧାନଶିକ୍ଷକଙ୍କ ମାଡ଼ରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଘଟଣା ଘଟିଛି କୋରପୁଟ ଜିଲ୍ଲା ଜୟପୁର ବ୍ଲକ ଗଡ଼ପଦର ସ୍କୁଲ ହଷ୍ଟେଲରେ। ମୃତ ଛାତ୍ରଙ୍କ ନାମ ଗଙ୍ଗା ଜାନି ଓ ତାଙ୍କ ବାପାଙ୍କ ନାମ ଟିନୋ ଜାନି ବୋଲି ଜଣାପଡ଼ିଛି।




ଗଙ୍ଗାଙ୍କୁ ପ୍ରଧାନଶିକ୍ଷକ ହଷ୍ଟେଲର ଏକ କୋଠରି ଭିତରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିବା ତାଙ୍କ ବାପା ଟିନୋ ଜାନି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଗଙ୍ଗାଙ୍କର ପିଠି, ଗୋଡ଼ ଓ ଛାତିରେ ମାଡ଼ମରା ଦାଗ ରହିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଗତକାଲି ରାତି ପ୍ରାୟ ୭ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗଙ୍ଗାଙ୍କ ବାପା ଜୟପୁର ସଦର ଥାନାରେ ପ୍ରଧାନଶିକ୍ଷକଙ୍କ ବିରୋଧରେ ଏତଲା ଦେଇଛନ୍ତି। ସେ ପୁଅକୁ ପିଟିମାରି ଦେଇଥିବା ଅଭିଯୋଗ କରିଛନ୍ତି। ଗଙ୍ଗା ଜାନିଙ୍କ ମୃତ୍ୟୁ ପରେ ଉତ୍ତେଜନା ପ୍ରକାଶ ପାଇଛି। ଆଜି ଲୋକେ ଜୟପୁର ସଦର ଥାନା ଘେରାଉ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଥିବାବେଳେ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି। ସେହିପରି, ନୂଆପଡ଼ାସ୍ଥିତ ଏକଲବ୍ୟ ମଡେଲ ସ୍କୁଲରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ଜଣେ ଶିକ୍ଷକ ୮୦୦ ଥର କାନ ଧରି ଉଠବସ କରାଇବା ସହ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଚୌକି ବସା କରାଇଥିବା ଅଭିଯୋଗ ହୋଇଛି। ଏଥିଯୋଗୁଁ ଛାତ୍ର ଜଣଙ୍କ ଅସୁସ୍ଥ ହୋଇ ପଡ଼ିଥିବା ବେଳେ ଘରକୁ ଫେରିଯାଇଥିଲେ। ସେ ସେହି ବିଦ୍ୟାଳୟରୁ ଟିସି ନେଇ ଏକ ଘରୋଇ ସ୍କୁଲରେ ନାମ ଲେଖାଇଥିବା ଜଣାପଡ଼ିଛି।

## ପରୀକ୍ଷା ଖାତାରେ ଉତ୍ତର ପରିବର୍ତ୍ତେ ଧମକ

# ମାର୍କ ଦେଇଦିଅ, ନହେଲେ ଝିଅକୁ ଟେକିନେବି

ବଲାଙ୍ଗିର,୧।୧୦(ସଂଚାର ବ୍ୟୁରୋ): କଲେଜ ପରୀକ୍ଷା ସରିଛି। ଏବେ ଖାତା ମୂଲ୍ୟାଙ୍କନ ଚାଲିଛି। ଅଧ୍ୟାପକମାନେ ମଧ୍ୟ ଦିନରାତି ଏକ କରି ଶୀଘ୍ର ଖାତା ମୂଲ୍ୟାଙ୍କନ ସାରିବାକୁ ଲାଗିପଡ଼ିଛନ୍ତି। ହେଲେ ଦୁଇ ଦିନ ତଳେ ଜଣେ ଅଧ୍ୟାପକଙ୍କ ଭାଗରେ ପଡ଼ିଥିବା ଏକ ପରୀକ୍ଷା ଖାତା ତାଙ୍କୁ ତାଟକା କରିଦେଇଥିଲା। ଉକ୍ତ ପରୀକ୍ଷା ଖାତାରେ ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କ ଚେତାବନୀମୂଳକ ଉତ୍ତର ପଢ଼ି ଅଧ୍ୟାପକ ଜଣଙ୍କ ଅବାକ୍ ହୋଇପଡ଼ିଥିଲେ।ଉକ୍ତ ପରୀକ୍ଷା ଖାତାରେ ପ୍ରାୟ ପ୍ରଶ୍ନର ଉତ୍ତର ଖାଲି ଥିଲା। ହେଲେ ଯେଉଁ କେତୋଟି ପ୍ରଶ୍ନର ଉତ୍ତର ଦିଆଯାଇଥିଲା, ତା' ତଳେ ବଡ଼ ବଡ଼ ଅକ୍ଷରରେ ଲେଖାଥିଲା ଧମକ। ମାର୍କ ଦେଇଦିଅ, ନହେଲେ ଝିଅକୁ ଟେକିନେବି ବୋଲି ଉକ୍ତ ପରୀକ୍ଷାର୍ଥୀ ଜଣଙ୍କ ଉତ୍ତର ଖାତାରେ ଲେଖିଥିଲେ। ତେବେ ଏହି ଉତ୍ତର ପଢ଼ି ଅଧ୍ୟାପକ ଜଣଙ୍କ ଯେତିକି ଆଶ୍ଚର୍ଯ୍ୟ ହୋଇଥିଲେ ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କ କରାମତି ଦେଖି ସେତିକି ଅବାକ୍ ହୋଇଥିଲେ।

● ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

# ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର

ନବରଙ୍ଗପୁର,୧।୧୦(ସଂଚାର ବ୍ୟୁରୋ): କାଜୁ ଜଙ୍ଗଲରେ ଝୁଲିପଡିଲେ ପ୍ରେମୀଯୁଗଳ। ଓଢ଼ଣୀ ଲଗାଇ ଗଛରେ ଝୁଲି ପଡ଼ିଛନ୍ତି ଏହି ପ୍ରେମୀଯୁଗଳ। ନବରଙ୍ଗପୁର ପାପଡ଼ାହାଣ୍ଡି ଥାନା ମକିଆ ଗାଁରେ ଘଟିଛି ଏଭଳି ଅଭାବନୀୟ ଘଟଣା। କାଜୁ ଜଙ୍ଗଲରେ ମକିଆ ଗାଁ ପବିତ୍ର ଭତରା ଓ ତାଙ୍କ ପ୍ରେମିକାଙ୍କ ମୃତଦେହ ଝୁଲୁଥିବାର କିଛି ଲୋକ ଦେଖିଥିଲେ। ଗାଁ ପାଖ କାଜୁ ଗଛରେ ଓଢ଼ଣୀକୁ ଫାଶ କରି ଉଭୟ ଝୁଲି ପଡ଼ିଛନ୍ତି। ଏନେଇ ଗ୍ରାମବାସୀ ତୁରନ୍ତ ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପାଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଓ ପୁଲିସର ପ୍ରାଥମିକ ତଦନ୍ତ ପରେ ହିଁ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ମୃତ୍ୟୁବରଣ କରିଥିବା ପ୍ରେମିକା ଜଣଙ୍କ ନାବାଳିକା ଥିବା ଜଣାପଡ଼ିଛି।

# ଦୁଇ ବନ୍ୟା ପ୍ରଭାବିତ ଜିଲ୍ଲାରେ ରାଜସ୍ୱ ମନ୍ତ୍ରୀ



- ବର୍ଷା ଏବଂ ବନ୍ୟା କ୍ଷୟକ୍ଷତି ଆକଳନ ଓ ସହାୟତା ପାଇଁ ନିର୍ଦ୍ଦେଶ
- ଫସଲ, ମାଛଧରା ଜାଲ, ଡଙ୍ଗା ଓ ଘରବାଡ଼ି କ୍ଷୟକ୍ଷତିର ରିପୋର୍ଟ ମାଗିଲେ
- ତ୍ୱରିତ କ୍ଷତିପୂରଣ ସହ ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତାର ମରାମତି ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧।୧୦(ସଂଚାର ବ୍ୟୁରୋ): ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାର ଲଗାଣ ବର୍ଷା ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳରେ କ୍ଷୟକ୍ଷତିର ତ୍ୱରିତ ଆକଳନ କରି ପ୍ରଭାବିତ ଲୋକଙ୍କୁ ସରକାରୀ ସହାୟତା ଓ କ୍ଷତିପୂରଣ ଯଥାଶୀଘ୍ର ପ୍ରଦାନ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀ ଆଜି ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି କ୍ଷୟକ୍ଷତି ଓ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ।

ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଲଖନପୁର ତହସିଲର ଶୁଖାସୋଡ଼ା ଓ ସେମିଲିଆ ଗ୍ରାମ ପରିଦର୍ଶନ କରି ରାଜସ୍ୱ ମନ୍ତ୍ରୀ ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ବିଶେଷକରି ମତ୍ସ୍ୟଜୀବୀ ସମ୍ପ୍ରଦାୟର ସମସ୍ୟା ଶୁଣିବା ସହ ବନ୍ୟା ଯୋଗୁଁ ସେମାନଙ୍କର ମାଛଧରା ଜାଲ ଓ ଡଙ୍ଗାର କ୍ଷୟକ୍ଷତି ସମ୍ପର୍କରେ ସେ ଅବଗତ ହୋଇଥିଲେ। ଏହି ଅବସରରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ମତ୍ସ୍ୟଜୀବୀଙ୍କ ଜାଲ ଓ ଡଙ୍ଗାର କ୍ଷୟକ୍ଷତିର ସଠିକ୍ ଆକଳନ କରି ରିପୋର୍ଟ ଶୀଘ୍ର ଦାଖଲ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି, ସମ୍ପୃକ୍ତ କୃଷି ଅଧିକାରୀଙ୍କୁ ବନ୍ୟା ଯୋଗୁଁ ହୋଇଥିବା ଫସଲ କ୍ଷୟକ୍ଷତିର ବିସ୍ତୃତ ରିପୋର୍ଟ ତୁରନ୍ତ ଦାଖଲ କରିବାକୁ କୁହାଯାଇଥିଲା। ତହସିଲଦାରଙ୍କୁ ଗୃହ କ୍ଷୟକ୍ଷତିର ଆକଳନ ଓ ରିପୋର୍ଟ ଶୀଘ୍ର ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା।

ଏଥିସହିତ ରାଜସ୍ୱ ମନ୍ତ୍ରୀ ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ୍ ଅଧୀନସ୍ଥ ଚିକିଲି ଗ୍ରାମ ପରିଦର୍ଶନ କରିଥିଲେ। ବନ୍ୟା ପରେ ଫସଲ କ୍ଷୟକ୍ଷତିର ରିପୋର୍ଟ ପ୍ରସ୍ତୁତି ଓ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ସମ୍ପୃକ୍ତ ତହସିଲଦାର ଓ ଅଧିକାରୀମାନଙ୍କୁ ଦୃଢ଼ ନିର୍ଦ୍ଦେଶ ଦେଇଥିଲେ।

विद्युत मंत्रालय MINISTRY OF POWER


"ଭାରତ ଶକ୍ତି ସଂରକ୍ଷଣ ପାଇଁ ଅନନ୍ୟ ଏବଂ ଅଭିନବ ପଦ୍ଧତି ଆପଣେଇଛି, ଯାହା ଦୀର୍ଘସ୍ଥାୟୀ ବିକାଶକୁ ଆଗକୁ ବଢ଼ାଉଛି ଏବଂ ନାଗରିକମାନଙ୍କୁ ମଧ୍ୟ ଉପକୃତ କରୁଛି।"
ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
୩୬ତମ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର (NECA)
ପାଇଁ ଆବେଦନ ପ୍ରକ୍ରିୟା ଏବେ ଆରମ୍ଭ ହୋଇଛି
ଭାରତର ଶକ୍ତି-ଦକ୍ଷ ଭବିଷ୍ୟତ ଗଠନ ଦିଗରେ ନେତୃତ୍ୱ ନିଅନ୍ତୁ
ଶକ୍ତି ଦକ୍ଷତା ଏବଂ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଚେଷ୍ଟାକୁ ସ୍ୱୀକୃତି ଦେବା ପାଇଁ ପୁରସ୍କାର
ନେଟ୍ ଜିରୋ ଅଭିମୁଖେ ଭାରତର ଯାତ୍ରାକୁ ତ୍ୱରାନ୍ୱିତ କରନ୍ତୁ
ଶକ୍ତି ଦକ୍ଷତା କ୍ଷେତ୍ରରେ ନେତୃତ୍ୱକୁ ଉତ୍ସବ ଭାବେ ପାଳନ କରନ୍ତୁ
ଯୋଗ୍ୟ କ୍ଷେତ୍ରସମୂହ
ଶିଳ୍ପ | ଅନୁଷ୍ଠାନ | ପରିବହନ | ଶକ୍ତି ସଂରକ୍ଷଣ ପେସାଦାର ଏବଂ ପ୍ରଭାବଶାଳୀ ବ୍ୟକ୍ତି | କୋଠା | ବର୍ଷର ସର୍ବଶ୍ରେଷ୍ଠ ଉର୍ଜାଦକ୍ଷ ଉପକରଣ | ଉଦ୍ଭାବନ
ଆବେଦନର ଶେଷ ତାରିଖ ୧୫ ଅକ୍ଟୋବର, ୨୦୨୬
www.neca.beeindia.gov.in ରେ ଅନଲାଇନ୍ ଆବେଦନ କରନ୍ତୁ।
ଆବେଦନ ନିମନ୍ତେ ପଦକ୍ଷେପ
NECA ପୋର୍ଟାଲ୍‌ରେ ପଞ୍ଜୀକରଣ କରନ୍ତୁ → ନିୟମ ଓ ସର୍ତ୍ତାବଳି ପଢ଼ନ୍ତୁ ଏବଂ ଗ୍ରହଣ କରନ୍ତୁ → ଆବଶ୍ୟକୀୟ କାଗଜାତ ଅପଲୋଡ୍ କରନ୍ତୁ → ଆପଣଙ୍କର ଆବେଦନ ଦାଖଲ କରନ୍ତୁ
ଶକ୍ତି ଦକ୍ଷତା ବ୍ୟୁରୋ (ବିଇଇ)
ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନ ଏକ ବୈଧାନିକ ନିକାଶ
/beeindiadigital
CBC 34106/13/0010/2627

विद्युत मंत्रालय MINISTRY OF POWER
सत्यमेव जयते


"ଭାରତ ଶକ୍ତି ସଂରକ୍ଷଣ ପାଇଁ ଅନେକ ଏବଂ ଅଭିନବ ପଦକ୍ଷେପ ଆପଣେଇଛି, ଯାହା ନିରନ୍ତର ବିକାଶ ସହିତ ନାଗରିକଙ୍କୁ ମଧ୍ୟ ଲାଭାନ୍ୱିତ କରୁଛି"
ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ
ଜାତୀୟ ଚିତ୍ରକଳା ପ୍ରତିଯୋଗିତା
ଶକ୍ତି ସଂରକ୍ଷଣ ଉପରେ – ୨୦୨୬
ବିଷୟବସ୍ତୁ
ବିଦ୍ୟାଳୟ ଏବଂ ଘରେ ଶକ୍ତି ସଞ୍ଚୟ କରନ୍ତୁ
ଶକ୍ତି ସଂରକ୍ଷଣ ହିଁ ଶକ୍ତି ସୁରକ୍ଷାର ଚାବି
ଗୋଷ୍ଠୀ 'କ' ଶ୍ରେଣୀ ୫, ୬ ଏବଂ ୭
ଗୋଷ୍ଠୀ 'ଖ' ଶ୍ରେଣୀ ୮, ୯ ଏବଂ ୧୦
ଚିତ୍ରକଳା ପାଇଁ ପୁରସ୍କାର

| ପୁରସ୍କାର ବିଭାଗ | ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ ସ୍ତରୀୟ ପୁରସ୍କାର | | |
|---|---|---|---|
| | ପୁରସ୍କାର ସଂଖ୍ୟା | ଶ୍ରେଣୀ କ | ଶ୍ରେଣୀ ଖ |
| ପ୍ରଥମ ପୁରସ୍କାର / ସ୍ୱର୍ଣ୍ଣ ପଦକ | ୦୧ | ୫୦,୦୦୦/- | ୫୦,୦୦୦/- |
| ଦ୍ୱିତୀୟ ପୁରସ୍କାର / ରୌପ୍ୟ ପଦକ | ୦୧ | ୩୦,୦୦୦/- | ୩୦,୦୦୦/- |
| ତୃତୀୟ ପୁରସ୍କାର / କାଂସ୍ୟ ପଦକ | ୦୧ | ୨୦,୦୦୦/- | ୨୦,୦୦୦/- |
| ପ୍ରଶଂସା ପୁରସ୍କାର | ୧୦ | ୭,୫୦୦/- | ୭,୫୦୦/- |

| ପୁରସ୍କାର ବିଭାଗ | ଜାତୀୟ ସ୍ତରର ପୁରସ୍କାର | | |
|---|---|---|---|
| | ପୁରସ୍କାର ସଂଖ୍ୟା | ଶ୍ରେଣୀ କ | ଶ୍ରେଣୀ ଖ |
| ପ୍ରଥମ ପୁରସ୍କାର / ସ୍ୱର୍ଣ୍ଣ ପଦକ | ୦୧ | ୧,୦୦,୦୦୦/- | ୧,୦୦,୦୦୦/- |
| ଦ୍ୱିତୀୟ ପୁରସ୍କାର / ରୌପ୍ୟ ପଦକ | ୦୧ | ୫୦,୦୦୦/- | ୫୦,୦୦୦/- |
| ତୃତୀୟ ପୁରସ୍କାର / କାଂସ୍ୟ ପଦକ | ୦୧ | ୩୦,୦୦୦/- | ୩୦,୦୦୦/- |
| ପ୍ରଶଂସା ପୁରସ୍କାର | ୧୦ | ୧୫,୦୦୦/- | ୧୫,୦୦୦/- |

ଜାତୀୟ ବିଜେତାମାନଙ୍କୁ ଲ୍ୟାପଟପ୍/ଟ୍ୟାବଲେଟ୍ ଦିଆଯିବ ଏବଂ ସେମାନଙ୍କୁ ଭାରତରେ ଅଧ୍ୟୟନ ଭ୍ରମଣର ସୁଯୋଗ ମଧ୍ୟ ମିଳିବ
ଚିତ୍ରକଳା ପ୍ରସ୍ତୁତ କରିବାର ଅନ୍ତିମ ତାରିଖ: ୧୫ ଅକ୍ଟୋବର ୨୦୨୬
CBC 34106/13/0011/2627

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଏମସିଏକ୍ସ ରେ ସୁନା ଦର ପୁଣି ଦେଢ଼ ଲକ୍ଷ ପାର

ନୂଆଦିଲ୍ଲୀ,୧।୧୦: ଯଦି ସ୍ୱର୍ଣ୍ଣାଲଙ୍କାର କିଣିବାକୁ ଚାହୁଁଥାନ୍ତି ତେବେ ଏହି ଖବର ଆପଣଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ ହୋଇପାରେ। ଦୁର୍ବଳ ଆମେରିକା ମୁଦ୍ରାସ୍ଫୀତି ତଥ୍ୟରୁ ଅକ୍ଟୋବରରେ ଫେଡେରାଲ ରିଜର୍ଭ ସୁଧହାର ବଢାଇବାର ଆଶା ଏବେ କ୍ଷୀଣ। ଏହି ଖବର ଏବେ ସୁନା ଦରରେ

## ସେପ୍ଟେମ୍ବରରେ ୬% ଅଧିକ ହ୍ରାସ ହୋଇଥିଲା ଦର

ନିଆଁ ଲଗାଇ ଦେଇଛି। ଫଳରେ ମଲ୍ଟି କମଡିଟି ଏକ୍ସଚେଞ୍ଜ ଅଫ ଇଣ୍ଡିଆ (ଏମସିଏକ୍ସ)ରେ ସୁନା ୧୦ ଗ୍ରାମ ପିଛା ଦର ପୁଣିଥରେ ୧.୫୦ ଲକ୍ଷଟଙ୍କା ସ୍ତରକୁ ଛୁଇଁଛି। ସେହିପରି ରୁପା ଦର ମଧ୍ୟ କେଜି ପିଛା ୨.୨୬ଲକ୍ଷକୁ ଛୁଇଁଥିବା ବେଳେ ପାଖାପାଖି ୧% ବୃଦ୍ଧିରେ କାରବାର କରୁଥିବା ଦେଖା ଯାଇଛି। ତେବେ ଗତ ସେପ୍ଟେମ୍ବର ମାସରେ ସୁନା ଦର ପାଖାପାଖି ୬% ପର୍ଯ୍ୟନ୍ତ ହ୍ରାସ ହୋଇଥିଲା।

ସେପ୍ଟେମ୍ବର ମାସରେ ଅନ୍ତର୍ଜାତୀୟ ବଜାରରେ ସୁନା ମୂଲ୍ୟ ପାଖାପାଖି ୬.୫% ପର୍ଯ୍ୟନ୍ତ ହ୍ରାସ ହୋଇଥିଲା, ଜୁନ ପରେ ସୁନାର ଏହା ସବୁଠୁ ଖରାପ ମାସିକ ଫଳାଫଳ । ସୁନାର ଏପରି ମୂଲ୍ୟ ହ୍ରାସ




ଆମେରିକୀୟ ଫେଡେରାଲ ରିଜର୍ଭ ଯୋଗୁ ହୋଇଥିଲା। ଫେଡେରାଲ ରିଜର୍ଭର କଠୋର ଆର୍ଥିକ ନୀତି ଓ ସେପ୍ଟେମ୍ବରର ବଣ୍ଡ ୟିଲ୍ଡ ଦୀର୍ଘ ବର୍ଷର ଉଚ୍ଚତମ ସ୍ତରକୁ ଛୁଇଁବା ସୁନା ଦରକୁ ପ୍ରଭାବିତ କରିଥିଲା। ଏଥିରେ ଏବେ ଭାରତରେ ପାର୍ବଣ ସାଙ୍ଗକୁ ବିବାହ ଋତୁ ମଧ୍ୟ ଆସୁଛି। ଏଣୁ ଆଶା କରାଯାଉଛି ଅକ୍ଟୋବରରେ ଦେଶରେ ସୁନା ଦର ବଢ଼ିପାରେ। ଅକ୍ଟୋବର ମାସ ପାର୍ବଣ ଋତୁ। ଦଶହରା, ଧନତେରସ ଓ ଦୀପାବଳି ସହିତ ଅକ୍ଟୋବର ଓ ନଭେମ୍ବରରେ ସୁନାର ଚାହିଦା ବଢ଼ିବାର ଆଶା ରହିଛି। ଏହା ପରେ ଶୀତ ଋତୁରେ ବିବାହ ତିଥି ମଧ୍ୟ ଚାହିଦାକୁ ସମର୍ଥନ ଦେଇ ପାରେ। ଏକ୍ସପର୍ଟଙ୍କ ଅନୁସାରେ ଏବେ ବଜାରର ନଜର ଆମେରିକାର ରୋଜଗାର ଡାଟା ଉପରେ ରହିବ। ଏଥିରୁ ଫେଡେରାଲ ରିଜର୍ଭର ଆଗାମୀ ସୁଧହାର ନୀତିର ସଂକେତ ମିଳିବ। ଅକ୍ଟୋବର-ନଭେମ୍ବର ପାର୍ବଣ ମାସ ଯୋଗୁ ଫିଜିକାଲ ସୁନାର ଚାହିଦା ବଢ଼ିପାରେ। ଏହା ସହ ବିଭିନ୍ନ କେନ୍ଦ୍ରୀୟ ବ୍ୟାଙ୍କର ସୁନା କିଣା ଦରକୁ ମଜଭୁତ ଆଧାର ଦେଇପାରେ।

## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୩୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୦,୫୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୩୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୦,୫୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ୧,୪୦,୫୪୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୩,୩୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୩୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୯,୯୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ବି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି ।

# ଗହମ ଏମ୍‌ଏସ୍‌ପି ୨୫ ଟଙ୍କା ବଢ଼ିଲା

ନୂଆଦିଲ୍ଲୀ,୧।୧୦: କେନ୍ଦ୍ର ସରକାର ୬ଟି ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କୁସୁମର ଏମ୍‌ଏସ୍‌ପି କ୍ୱିଣ୍ଟାଲ ପିଛା ସର୍ବାଧିକ ୬୭୫ ଟଙ୍କା ବଢ଼ିଛି। ଗହମର ଏମ୍‌ଏସ୍‌ପି ୨୫ ଟଙ୍କା ବୃଦ୍ଧି ପାଇ କ୍ୱିଣ୍ଟାଲ ପିଛା ୨,୬୧୦ ଟଙ୍କା ହୋଇଛି। ୨୦୨୬-୨୭ରେ ତାହା ୨,୫୮୫ ଟଙ୍କା ଥିଲା। ଯଅ ଏମ୍‌ଏସ୍‌ପି ୧୩୬ ଟଙ୍କା ବୃଦ୍ଧି ପାଇ କ୍ୱିଣ୍ଟାଲ୍‌କୁ ୨,୨୮୬ ଟଙ୍କା, ଚଣା ୮୩ ଟଙ୍କା ବଢ଼ି କ୍ୱିଣ୍ଟାଲକୁ ୫,୯୫୮ ଟଙ୍କା, ମସୁର ଡାଲି ୩୯୦ ଟଙ୍କା ବଢ଼ି ୭,୩୯୦ ଟଙ୍କା ଏବଂ ରେପ୍ ସିଡ୍ ଓ ସୋରିଷ ଏମ୍‌ଏସ୍‌ପି କ୍ୱିଣ୍ଟାଲ୍‌କୁ ୪୧୩ ଟଙ୍କା ବଢ଼ି ୬,୬୧୩ ଟଙ୍କା ହୋଇଛି। କୁସୁମ ଏମ୍‌ଏସ୍‌ପି କ୍ୱିଣ୍ଟାଲ ପିଛା ୬୭୫ ଟଙ୍କା ବଢ଼ି ୭,୨୧୫ ଟଙ୍କାରେ ପହଞ୍ଚିଛି। ସରକାରଙ୍କ ଅନୁସାରେ, ଏମ୍‌ଏସ୍‌ପି ବୃଦ୍ଧିର ଉଦ୍ଦେଶ୍ୟ ହେଉଛି ଚାଷୀଙ୍କୁ ଉତ୍ପାଦନ ପାଇଁ ଭଲ ମୂଲ୍ୟ ଦେବା ସହ ଡାଲି ଓ ତୈଳବୀଜ ଭଳି ଫସଲର ଚାଷକୁ ଉତ୍ସାହିତ କରିବା। ୨୦୨୭-୨୮ରେ ଉତ୍ପାଦନ ଖର୍ଚ୍ଚ ଉପରେ ଆନୁମାନିକ ଲାଭ ଗହମରେ ୧୦୬%, ସୋରିଷ ଓ ରେପ୍ ସିଡ୍‌ରେ ୯୬%, ମସୁରରେ ୯୨%, ଚଣାରେ ୫୯%, ଯଅରେ ୫୮% ଓ କୁସୁମରେ ୫୦% ରହିବ ବୋଲି ସରକାର ଜଣାଇଛନ୍ତି।



# ବଢ଼ିଲା ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ଦର

ନୂଆଦିଲ୍ଲୀ,୧।୧୦: ଦେଶବାସୀ ଖାଇବା ତେଲ, ପିଆଜ ଏବଂ ଚିନି ଦର ବୃଦ୍ଧି ନେଇ ଚିନ୍ତାରେ ଥିବା ବେଳେ ଆଜିଠାରୁ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ଦର ବଢ଼ିଛି। ଭୂରାଜନୈତିକ ଉତ୍ତେଜନା ଏବଂ ଯୋଗାଣ ଅଭାବ ମଧ୍ୟରେ ଅକ୍ଟୋବର ମାସ ଆରମ୍ଭ ହେବା ସହିତ ବାଣିଜ୍ୟିକ ଏଲପିଜି ସିଲିଣ୍ଡର ମୂଲ୍ୟ ପୁଣି ଥରେ ବୃଦ୍ଧି ପାଇଛି। ଆଜି ଠାରୁ ବାଣିଜ୍ୟିକ ଏଲପିଜି ସିଲିଣ୍ଡର ମୂଲ୍ୟ ବୃଦ୍ଧି ପାଇଛି। ବିଭିନ୍ନ ସହରରେ ୧୯ କିଲୋଗ୍ରାମ ସିଲିଣ୍ଡରର ମୂଲ୍ୟ ୭୧.୫୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏଲ୍‌ପିଜି ଗ୍ୟାସ୍ ଦର ବୃଦ୍ଧି ପାର୍ବଣ ଋତୁରେ ରେଷ୍ଟୁରାଣ୍ଟ, ହୋଟେଲ, କ୍ୟାଟରର ଏବଂ ବାଣିଜ୍ୟିକ ଏଲପିଜି ବ୍ୟବହାର କରୁଥିବା ଅନ୍ୟାନ୍ୟ ବ୍ୟବସାୟ ଉପରେ ଖର୍ଚ୍ଚ ବୋଝ କରିବ। ଜାତୀୟ ରାଜଧାନୀ ନୂଆଦିଲ୍ଲୀରେ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ସେପ୍ଟେମ୍ବରରେ ୨,୭୪୭.୫୦ରୁ ୬୨.୫୦ ଟଙ୍କା ବୃଦ୍ଧି ପାଇ ୨,୮୧୦ ଟଙ୍କା ହୋଇଛି। ସେପ୍ଟେମ୍ବରରେ ମଧ୍ୟ ମୂଲ୍ୟ ୯.୫୦ ଟଙ୍କା ବୃଦ୍ଧି କରାଯାଇଥିଲା। ମୁମ୍ବାଇରେ ଏକ ନୂତନ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୨,୭୬୪ ଟଙ୍କା ହୋଇଥିବା ବେଳେ ଚେନ୍ନାଇରେ ଏହା ୨,୯୮୩ ଟଙ୍କାକୁ ବୃଦ୍ଧି ପାଇଛି। ଘରୋଇ ଗ୍ରାହକଙ୍କ ପାଇଁ ଏହା ଏକ ଆଶ୍ୱସ୍ତିର କଥା ଯେ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ବର୍ତ୍ତମାନ ବୃଦ୍ଧି କରାଯାଇ ନାହିଁ। ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଘରୋଇ ସିଲିଣ୍ଡରର ମୂଲ୍ୟ ଦିଲ୍ଲୀରେ ୯୪୨ ଟଙ୍କା, ମୁମ୍ବାଇରେ ୯୪୧.୫୦ ଟଙ୍କା ଏବଂ ଚେନ୍ନାଇରେ ୯୫୭.୫୦ ଟଙ୍କା ରହିଛି।




ସୂଚନାଯୋଗ୍ୟ, ବେଞ୍ଚମାର୍କ ଆନ୍ତର୍ଜାତୀୟ ମୂଲ୍ୟ ଏବଂ ବିଦେଶୀ ମୁଦ୍ରା ବିନିମୟ ହାର ଆଧାରରେ ଏଲପିଜି ମୂଲ୍ୟ ପ୍ରତି ମାସର ପ୍ରଥମ ତାରିଖରେ ସଂଶୋଧନ କରାଯାଉଛି। ଭାଟ୍ ଭଳି ସ୍ଥାନୀୟ କର ଉପରେ ନିର୍ଭର କରି ରାଜ୍ୟଗୁଡ଼ିକରେ ମୂଲ୍ୟ ଭିନ୍ନ ହୋଇଥାଏ।

# ବିକ୍ରିର ଝଡ଼ରେ ବୁଡ଼ିଗଲା ୬ ଲକ୍ଷ କୋଟି ଟଙ୍କା

ମୁମ୍ବାଇ,୧।୧୦: ନିଫ୍ଟି ଏବଂ ସେନସେକ୍ସ ମାସର ପ୍ରଥମ କାରବାର ଦିନରେ ନିଜକୁ ସମ୍ଭାଳିବା ପାଇଁ ବହୁତ ଚେଷ୍ଟା କରିଥିଲେ, କିନ୍ତୁ ବେଶି ସମୟ ତିଷ୍ଠି ପାରିନଥିଲେ। ଏହାପରେ ସେୟାର ବଜାରର ଯେଉଁ ଅବସ୍ଥା ହେଲା, ସେଥିରେ ନିବେଶକଙ୍କ ୬ ଲକ୍ଷ କୋଟି ଟଙ୍କା ସ୍ୱାହା ହୋଇଗଲା। ସକାଳ ୯ଟା ୧୫ ମିନିଟରେ ବଜାର ଲାଲ୍ ସଂକେତ ସହ ଖୋଲିଥିଲା, କିନ୍ତୁ ବଜାର ହ୍ରାସକୁ ଏଡାଇବା ପାଇଁ ଅନେକ ଉଦ୍ୟମ କରିଥିଲା। ପ୍ରାୟ ୨ ଘଣ୍ଟା ୪୫ ମିନିଟ୍ ଧରି ଚାଲିଥିବା ଅସ୍ଥିରତା ପରେ ଅପରାହ୍ନ ୧୨ଟାରେ ବଜାର ବିକ୍ରେତାମାନଙ୍କ ଆଗରେ ଆତ୍ମସମର୍ପଣ କରିଦେଇଥିଲା। ନିଫ୍ଟି ଏବଂ ସେନସେକ୍ସର ଇଣ୍ଟ୍ରାଡେ ଟ୍ରେଡ୍ ଚାର୍ଟରେ ଅପରାହ୍ନ ପରେ ପାହାଡ଼ରୁ ତଳକୁ ଖସିବା ଭଳି ଏକ ଚିତ୍ର ତିଆରି ହୋଇଥିଲା।

ମାର୍କେଟରେ ଆଜି ହାହାକାରର ତାଣ୍ଡବ ଅପରାହ୍ନ ୧୨ଟାରେ ଆରମ୍ଭ ହୋଇଥିଲା। ଅପରାହ୍ନ ୧୨ଟା ୦୧ରେ ନିଫ୍ଟି ୨୨,୫୭୩ ସ୍ତରରେ ଥିଲା। ଯେତେବେଳେ ହ୍ରାସ ଆରମ୍ଭ ହେଲା, ୨ଟା ୦୫ ସୁଦ୍ଧା ଏହା ୨୨,୨୨୧.୩୫କୁ ଖସି ଆସିଥିଲା। ଅର୍ଥାତ୍ ୨ ଘଣ୍ଟା ୪ ମିନିଟ୍‌ରେ ସିଧାସଳଖ ୩୫୧.୬୫ ଅଙ୍କ (୧.୫୫%) ହ୍ରାସ ପାଇଥିଲା। ଏହି ସମୟ ମଧ୍ୟରେ ସେନସେକ୍ସ ମଧ୍ୟ ମୁହଁ ମାଡ଼ି ପଡ଼ିଥିଲା ଏବଂ ୧,୦୫୪.୩ ଅଙ୍କ (୧.୪୫%) ହରାଇଥିଲା। ସେନସେକ୍ସ ୧୨ଟାରେ ୭୨,୪୦୦.୭୭ ଅଙ୍କରେ ଥିଲା, ଯାହା ୨ଟା ୦୫ ସୁଦ୍ଧା ୭୧,୩୪୬.୪୭କୁ ଖସି ଆସିଥିଲା।

ତେବେ କାରବାରର ଶେଷ ସେସନରେ ପୁଞ୍ଜି ବଜାର ସମାନ୍ୟ ପ୍ରତ୍ୟାବର୍ତ୍ତନ କରିଥିଲା। ସେନସେକ୍ସ ୫୭୦.୫୯ ପଏଣ୍ଟ ବା ୦.୭୯ ପ୍ରତିଶତ ହ୍ରାସ ସହ ୭୧୯୦୯.୭୦ ଏବଂ ନିଫ୍ଟି ୫୦ ୧୯୮.୫୦ ପଏଣ୍ଟ ଅର୍ଥାତ୍ ୦.୮୮ ପ୍ରତିଶତ ହ୍ରାସ ସହ ୨୨,୪୨୧.୯୫ ସ୍ତରରେ ବନ୍ଦ ହୋଇଛି। ପୂର୍ବ କାରବାର ଦିନ ସେପ୍ଟେମ୍ବର ୩୦ରେ ବିଏସଇରେ ତାଲିକାଭୁକ୍ତ ମାର୍କେଟରେ ପୁଞ୍ଜି ୪,୭୩,୦୯,୬୩୪.୩୧ କୋଟି ଟଙ୍କା ଥିଲା, ଯାହା ଆଜି ହ୍ରାସ ପାଇ ୪,୬୭,୦୦,୫୩୧.୨୮ କୋଟି ଟଙ୍କା ହୋଇଛି। ଏହାର ଅର୍ଥ ନିବେଶକଙ୍କୁ ଆଜି ୬,୦୯,୧୦୩.୦୩ କୋଟି ଟଙ୍କା କ୍ଷତି ହୋଇଛି। ଏହା ପୂର୍ବରୁ ସୋମବାର ଦିନ ସେୟାର ବଜାରରେ ବଡ଼ ହ୍ରାସ ଘଟିଥିଲା। ନିବେଶକମାନଙ୍କୁ ୭.୮୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହରାଇବାକୁ ପଡ଼ିଥିଲା। ସୋମବାର କାରୋବାର ଶେଷ ସୁଦ୍ଧା ମୋଟ ବଜାର ପୁଞ୍ଜିରେ ୭,୮୧,୫୦୪ କୋଟି ଟଙ୍କାର ହ୍ରାସ ରେକର୍ଡ କରାଯାଇଥିଲା। ଗତ ସେପ୍ଟେମ୍ବର ୧୫ ପରେ ମାର୍କେଟ୍ କ୍ୟାପରେ ଏହା ସବୁଠାରୁ ବଡ଼ ହ୍ରାସ ଥିଲା।



# ଜିଏସ୍‌ଟି ଆଦାୟ ୧୪.୭% ବୃଦ୍ଧି ପାଇ ୨.୦୪ ଲକ୍ଷ କୋଟି

ନୂଆଦିଲ୍ଲୀ,୧।୧୦:ଦେଶରେ ଜିଏସ୍‌ଟି ଆଦାୟ ପୁଣି ଥରେ ୨ ଲକ୍ଷ କୋଟି ଟଙ୍କା ଟପିଛି। ୨୦୨୬ ସେପ୍ଟେମ୍ବରରେ ମୋଟ ୨,୦୩,୫୨୧ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ୨୦୨୫ ସେପ୍ଟେମ୍ବରରେ ତାହା ୧,୭୭,୦୨୧ କୋଟି ଟଙ୍କା ଥିଲା। ଅର୍ଥାତ୍ ଗତ ବର୍ଷ ତୁଳନାରେ ଜିଏସ୍‌ଟି ସଂଗ୍ରହ ୧୪.୭% ବଢ଼ିଛି। ସେପ୍ଟେମ୍ବରରେ ଜିଏସ୍‌ଟି ଆଦାୟ ଲଗାତାର ତୃତୀୟ ମାସ ପାଇଁ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି। ସେପ୍ଟେମ୍ବରରେ ଦେଶ ଭିତରେ ହୋଇଥିବା କାରବାର ଓ ସେବାରୁ ୧,୩୮,୦୦୦ କୋଟି ଟଙ୍କାର ମୋଟ ଜିଏସ୍‌ଟି ଆଦାୟ ହୋଇଛି। ଏହା ଗତବର୍ଷ ସେପ୍ଟେମ୍ବରର ୧,୨୫,୦୦୦ କୋଟି ଟଙ୍କା ତୁଳନାରେ ୧୦.୧% ଅଧିକ। ଅନ୍ୟପକ୍ଷରେ, ବିଦେଶରୁ ଆସୁଥିବା ସାମଗ୍ରୀ ଉପରେ ଜିଏସ୍‌ଟି ଆଦାୟ ୬୫,୫୨୫ କୋଟି ଟଙ୍କା ହୋଇଛି। ଗତବର୍ଷ ଏହା ୫୨,୦୩୧ କୋଟି ଟଙ୍କା ଥିଲା। ଅର୍ଥାତ୍ ଆମଦାନି ଉପରୁ ଜିଏସ୍‌ଟି ଆଦାୟ ୨୫.୯% ବଢ଼ିଛି। ସେପ୍ଟେମ୍ବରରେ କେନ୍ଦ୍ରୀୟ ଜିଏସ୍‌ଟି ୩୭,୭୬୨ କୋଟି ଟଙ୍କା, ରାଜ୍ୟ ଜିଏସ୍‌ଟି ୪୫,୩୬୩ କୋଟି ଟଙ୍କା ଓ ସମନ୍ୱିତ ଜିଏସ୍‌ଟି ୧,୨୦,୦୦୦ କୋଟି ଟଙ୍କା ଆଦାୟ ହୋଇଛି। ସେପ୍ଟେମ୍ବରରେ ବ୍ୟବସାୟୀ ଓ ରପ୍ତାନିକାରୀଙ୍କୁ ଦିଆଯାଇଥିବା ଜିଏସ୍‌ଟି ରିଫଣ୍ଡ ୨୭,୦୦୧ କୋଟି ଟଙ୍କା ଥିଲା। ଏହା ଗତବର୍ଷର ୨୭,୮୪୮ କୋଟି ଟଙ୍କା ତୁଳନାରେ ୩% କମ୍। ରିଫଣ୍ଡ ବାଦ ଦେବା ପରେ ସରକାରଙ୍କ ନିଟ୍ ଜିଏସ୍‌ଟି ଆଦାୟ ୧,୭୭,୦୦୦ କୋଟି ଟଙ୍କା ହୋଇଛି। ଏହା ଗତବର୍ଷ ତୁଳନାରେ ୧୮.୧% ଅଧିକ।୨ ୦୨୬-୨୭ ଆର୍ଥିକ ବର୍ଷର ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଦେଶର ମୋଟ ଜିଏସ୍‌ଟି ଆଦାୟ ୧୨.୪୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଗତ ଆର୍ଥିକ ବର୍ଷର ଏହି ୬ ମାସରେ ଏହା ୧୧.୧୭ ଲକ୍ଷ କୋଟି ଟଙ୍କା ଥିଲା। ତେଣୁ ଏଥର ମୋଟ ଆଦାୟ ୧୧.୬% ବଢ଼ିଛି।




# ୧୪୯୯ ଟଙ୍କାରେ ଜିଓର ୪ଜି ଫୋନ ସହ ୬ ମାସର ମାଗଣା ରିଚାର୍ଜ

ମୁମ୍ବାଇ,୧।୧୦:ଜିଓର ଜବରଦସ୍ତ ଅଫର। ଜିଓର ଦଶମ ଏନିଭର୍ସାରି ଅଫର୍ ଅଧୀନରେ, ଜିଓ ପକ୍ଷରୁ ୧,୪୯୯ ଟଙ୍କା ମୂଲ୍ୟର ଜିଓ ଭାରତ ୪ଜି ଫୋନ୍ ସହିତ ୬ ମାସର ମାଗଣା ରିଚାର୍ଜ ସୁବିଧା ପ୍ରଦାନ କରାଯାଉଛି। ଏହି ଅବଧି ମଧ୍ୟରେ, ଗ୍ରାହକମାନେ ପ୍ରତି ମାସରେ ୧୪ ଜିବି ହାଇସ୍ପିଡ ଡାଟା ଏବଂ ଅସୀମିତ ଏଚଡି ଭଏସ୍ କଲିଂର ସୁବିଧା ପାଇବେ। ଏହାର ଅର୍ଥ ହେଉଛି ଯେ ଫୋନ୍ କିଣିବା ପରେ, ପରବର୍ତ୍ତୀ ଛଅ ମାସ ପାଇଁ ରିଚାର୍ଜ କରିବାର ଚିନ୍ତା ଦୂର ହୋଇଯିବ ଏବଂ ଅଲଗା ରିଚାର୍ଜ ପାଇଁ ଅତିରିକ୍ତ ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକତା ରହିବ ନାହିଁ। କମ୍ପାନୀ ବିଶେଷ ଭାବରେ ସେହି ଗ୍ରାହକମାନଙ୍କୁ ଦୃଷ୍ଟିରେ ରଖି ଏହି ଅଫର୍ ଆରମ୍ଭ କରିଛି। ଯେଉଁମାନେ ଏବେ ମଧ୍ୟ ୨ଜି ଫିଚର୍ ଫୋନ୍ ବ୍ୟବହାର କରୁଛନ୍ତି। ଜିଓ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଏଭଳି ଗ୍ରାହକମାନେ ସାଧାରଣତଃ ରିଚାର୍ଜ ପାଇଁ ମାସକୁ ଅତି କମରେ ପ୍ରାୟ ୧୯୯ ଟଙ୍କା ଖର୍ଚ୍ଚ କରନ୍ତି। ଛଅ ମାସରେ, ଏହି ଖର୍ଚ୍ଚ ରାଶି ପ୍ରାୟ ୧,୨୦୦ ଟଙ୍କା ହୋଇଥାଏ। ଏହାକୁ ବିଚାରକୁ ନେଲେ ଜିଓ ଭାରତ ସହିତ ୧,୪୯୯ ଟଙ୍କାରେ ଫୋନ୍ ଏବଂ ୬ ମାସର ରିଚାର୍ଜ ଉଭୟ ପାଇବା ଦ୍ୱାରା, ୨ଜି ରୁ ୪ଜିକୁ ଉନ୍ନୀତ ହେବାର ପ୍ରକୃତ ଅତିରିକ୍ତ ଖର୍ଚ୍ଚ ମାତ୍ର ୨୯୯ ଟଙ୍କା ହେବ। କିଣିବା ସମୟରେ




ଗ୍ରାହକଙ୍କୁ ଏକକାଳୀନ ୧,୪୯୯ ଟଙ୍କା ଦେବାକୁ ପଡିବ। ୨ଜି ରୁ ୪ଜିକୁ ଉନ୍ନୀତ ହେବା ପରେ ହାଇ-ସ୍ପିଡ୍ ଇଣ୍ଟରନେଟ୍ ସୁବିଧା ବ୍ୟତୀତ, ଜିଓ ଭାରତ ଫୋନ୍ ଅନ୍ୟାନ୍ୟ ଅନେକ ସୁବିଧା ମଧ୍ୟ ପ୍ରଦାନ କରୁଛି ଯେପରିକି ଜିଓଟିଭି ମାଧ୍ୟମରେ ୫୦୦ରୁ ଅଧିକ ଟିଭି ଚ୍ୟାନେଲ, ଜିଓହଟଷ୍ଟାରରେ କ୍ରିକେଟ୍, ଚଳଚ୍ଚିତ୍ର ଏବଂ ମନୋରଞ୍ଜନ କଣ୍ଟେଣ୍ଟ; ସୁମଧୁର ସଙ୍ଗୀତ ସମ୍ଭାର ଏବଂ ଜିଓ-ପେ ମାଧ୍ୟମରେ ୟୁପିଆଇ ପେମେଣ୍ଟ ସୁବିଧା। ଏହି ଫୋନରେ ୨.୪ ଇଞ୍ଚର ଡିସପ୍ଲେ ଏବଂ ୨୦୦୦ ଏମଏଏଚ ବ୍ୟାଟେରୀ ରହିଛି। ଏହି ଏନିଭର୍ସାରି ସ୍ୱତନ୍ତ୍ର ଅଫର୍ ନିର୍ଦ୍ଦିଷ୍ଟ ଜିଓଭାରତ ମଡେଲ୍‌ଗୁଡ଼ିକ ପାଇଁ ଉପଲବ୍ଧ ହେବ ଯାହା ମଧ୍ୟରେ ରହିଛି ଜିଓ ଭାରତ ଏ-ୱାନ, ବି-ୱାନ, ବି-ଟୁ ଏବଂ ବି-ଥ୍ରୀ ମଡେଲ୍।

# ୨ ଦିନ ଖାଦ୍ୟ ନ ଦେବାରୁ ଅଙ୍ଗନବାଡିରେ ତାଲା ପକାଇଲେ ଗ୍ରାମବାସୀ



ନୀଳଗିରି, ୧।୧୦ (ସଂଚାର ବ୍ୟୁରୋ): ଅଙ୍ଗନବାଡ଼ି କେନ୍ଦ୍ରରେ ଶିକ୍ଷୟତ୍ରୀ ୨ ଦିନ ଧରି ଖାଦ୍ୟ ନଦେବାକୁ ନେଇ ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ। ସୂଚନା ଯୋଗ୍ୟ ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ କୁଆନାଳୀ ଗ୍ରାମରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ଶିକ୍ଷୟିତ୍ରୀ ଭାବେ ସାବିତ୍ରୀ ସିଂ ଏବଂ ହେଲ୍ପର ଭାବେ ଝରଣା ବିଶ୍ୱାଳ କାର୍ଯ୍ୟରତ ଅଛନ୍ତି। ଏହି କେନ୍ଦ୍ରକୁ ଗର୍ଭବତୀ ମାଆ ଓ ଶିଶୁ ଙ୍କ ପାଇଁ ଆସୁଥିବା ପୌଷ୍ଟିକ ଆହାର, ଅଣ୍ଡା, ଛତୁଆ ଗୁଣ୍ଡ କୁ ଶିକ୍ଷୟତ୍ରୀ ସାବିତ୍ରୀ ନଦେଇ ହେରଫେର କରିଆସୁଥିଲେ ଓ ମନ ଇଛା ବିଳମ୍ବରେ ଅଙ୍ଗନୱାଡି କେନ୍ଦ୍ର ଖୋଲିବା କୁ ନେଇ ଅଭିଯୋଗ ହୋଇଛି। ତେବେ ଗତ ୨ ଦିନ ହେବ ବିଭିନ୍ନ ବାହାନା କରି ଉକ୍ତ ଖାଦ୍ୟକୁ ନଦେଇ ନିଜ ଘରକୁ ନେଇଯାଉଥିଲେ ଏପରିକି ଅଙ୍ଗନବାଡ଼ି କେନ୍ଦ୍ରକୁ ବିଳମ୍ବରେ ଆସି ତାଲା ପକାଇ ସହଳ ପଳେଇ ଯାଇଥିଲେ ବୋଲି ଅଭିଯୋଗ ହୋଇଛି। ତେବେ ଗର୍ଭବତୀ ମାଆ ଓ ଶିଶୁ ଙ୍କ ମାଆ ମାନେ ଖାଦ୍ୟ ନେବାକୁ ଆସି ଫେରି ଯାଇଥିଲେ। ପରେ ଅପରାହ୍ନ ରେ ଗ୍ରାମର ମହିଳା ମାନେ ଶିକ୍ଷୟତ୍ରୀଙ୍କ ଘରକୁ ଯାଇ କଣ ପାଇଁ ଖାଦ୍ୟ ନଦେଇ ସହଳ ପଳେଇ ଆସୁଛ ବୋଲି ପ୍ରଶ୍ନ କରିବାରୁ ତମେ ଉଚିତ ସମୟରେ ଆସିନଥିବାରୁ ମୁଁ ଘରକୁ ପଳେଇ ଆସିଲି ବୋଲି କହି କଥା କୁ ଟାଳି ଦେଇଥିଲେ, ଏବଂ ପରେ ଆସି ନେଇଯିବ ନହେଲେ ଅନ୍ୟ ଅଙ୍ଗନ ବାଡ଼ି କେନ୍ଦ୍ରରୁ ନେଇଯିବ ବୋଲି କହିବାରୁ ମହିଳା ମାନେ ଉତ୍ୟକ୍ତ ହୋଇଥିଲେ। ପରେ ଗ୍ରାମର ମହିଳା ଏକଜୁଟ ହୋଇ ଦୁଇଦିନ ହେଲା ଶିକ୍ଷୟତ୍ରୀ ସାବିତ୍ରୀ ଙ୍କୁ ଅଙ୍ଗନ ବାଡ଼ି କେନ୍ଦ୍ରରୁ ବାହାର କରିଦେଇ ତାଲା ପକାଇ ଦେଇଥିଲେ। ଖବର ପାଇ ଅଙ୍ଗନ ବାଡ଼ି ସୁପରଭାଇଜର ଅଗଣି ଜେନା ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚି, ସମସ୍ତଙ୍କ ସାମ୍ନାରେ ଶିକ୍ଷୟତ୍ରୀ ସାବିତ୍ରୀ ସିଂ ଙ୍କୁ ଡାକି ବୁଝାସୁଝା କରିଥିଲେ। ଏଥିରେ ଶିକ୍ଷୟତ୍ରୀ ଜଣକ ତାଙ୍କ କାର୍ଯ୍ୟରେ ଭୁଲ ହୋଇଛି ବୋଲି ସ୍ୱୀକାର କରିବା ସହିତ ସକାଳ ୯ ଘଟିକା ଠାରୁ ମଧ୍ୟାହ୍ନ ୧ ଘଟିକା ସମୟ ପର୍ଯ୍ୟନ୍ତ ଅଙ୍ଗନ ବାଡ଼ି କେନ୍ଦ୍ର ଖୋଲିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଉତ୍ୟକ୍ତ ମହିଳା ଓ ଗ୍ରାମବାସୀ ତାଲା ଫିଟାଇ ଥିଲେ।

# କର୍କଟ ପୀଡ଼ିତାଙ୍କୁ ସହାୟତାର ହାତ ବଢ଼ାଇଲେ ଯୁବ ବ୍ୟବସାୟୀ

● ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନଙ୍କୁ ନିବେଦନ



ଆନନ୍ଦପୁର, ୧।୧୦(ସଂଚାର ବ୍ୟୁରୋ): ମାନବିକତା ଆଜି ବି ବଞ୍ଚିଛି। ଅସହାୟ ପରିବାରର ଦୁଃଖ ବୁଝି ସହାୟତାର ହାତ ବଢ଼ାଇ ମାନବିକତାର ଉଦାହରଣ ସୃଷ୍ଟି କରିଛନ୍ତି ଜଣେ ଯୁବ ବ୍ୟବସାୟୀ। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ସାଲ୍ଟୁଳ ଗ୍ରାମର ଶ୍ରଦ୍ଧାଞ୍ଜଳି ଜେନା ଦୀର୍ଘଦିନ ଧରି ମୁଖ କର୍କଟ ରୋଗରେ ପୀଡ଼ିତ ହୋଇ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ପ୍ରାୟ ୩ ବର୍ଷ ତଳେ ହୃଦଘାତରେ ତାଙ୍କ ସ୍ୱାମୀ ନୀମେଇ ଜେନାଙ୍କ ମୃତ୍ୟୁ ପରେ ୪ ଜଣ ଛୁଆଙ୍କୁ ନେଇ ପରିବାର ଚଳାଉଥିଲେ ଶ୍ରଦ୍ଧାଞ୍ଜଳି। ଏବେ ସେ ନିଜେ ଗୁରୁତର ରୋଗରେ ପୀଡ଼ିତ ହେବାରୁ ପରିବାର ଉପରେ ଦୁଃଖର କଳାବାଦଲ ଛାଇଯାଇଛି। ଚିକିତ୍ସା ଖର୍ଚ୍ଚ ସହ ପରିବାରର ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଏଭଳି ଦୁର୍ଦ୍ଦିନରେ ପରିବାରର ଅସହାୟତା ସମ୍ପର୍କରେ ଜାଣି ଆଗେଇ ଆସିଛନ୍ତି ଯୁବ ବ୍ୟବସାୟୀ ତଥା ସମାଜସେବୀ ଅଭିମନ୍ୟୁ ବିଶ୍ୱାଳ। ସେ ଶ୍ରଦ୍ଧାଞ୍ଜଳିଙ୍କ ପରିବାରକୁ ଆବଶ୍ୟକ ସହାୟତା ପ୍ରଦାନ କରିବା ସହ ଏହି ଦୁର୍ଦ୍ଦିନରେ ପରିବାର ସହ ଠିଆ ହୋଇଛନ୍ତି। ଅଭିମନ୍ୟୁଙ୍କ ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଅସହାୟଙ୍କ ଦୁଃଖ ସମୟରେ ସହଯୋଗର ହାତ ବଢ଼ାଇବା ହିଁ ପ୍ରକୃତ ମାନବିକତା ବୋଲି ସେ କହିଛନ୍ତି। ତେବେ ଶ୍ରଦ୍ଧାଞ୍ଜଳିଙ୍କ ଚିକିତ୍ସା ପାଇଁ ଆହୁରି ସହଯୋଗର ଆବଶ୍ୟକତା ରହିଛି। ପରିବାରକୁ ଆବଶ୍ୟକ ଚିକିତ୍ସା ସୁବିଧା ଓ ସରକାରୀ ସହାୟତା ଯୋଗାଇଦେବା ସହ ୪ ଜଣ ଛୁଆଙ୍କ ଭବିଷ୍ୟତ ପାଇଁ ସହଯୋଗ କରିବାକୁ ସରକାର ଓ ପ୍ରଶାସନଙ୍କ ନିକଟରେ ଦାବି ହୋଇଛି।

# ସେବା ପକ୍ଷରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ନବରଙ୍ଗପୁର, ୧।୧୦(ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବୁଧବାର ଦିନ ସକାଳ ୭: ୦୦ ଘଟିକା ସମୟରେ ନୂଆ ବସଷ୍ଟାଣ୍ଡ ଠାରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ କରା ଯାଇଛି। ସେବାପକ୍ଷ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅଟେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ଠାରୁ ଆରମ୍ଭ ହୋଇ ମହାତ୍ମାଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଅକ୍ଟୋବର ୨ ପର୍ଯ୍ୟନ୍ତ ଏହି ସେବାପକ୍ଷ ପାଳନକରାଯାଏ ଏହି ସମୟ ମଧ୍ୟରେ ବିଭିନ୍ନ ସେବା କାର୍ଯ୍ୟକ୍ରମ ମଧ୍ୟରେ ସ୍ୱଚ୍ଛତାକୁ ସବୁଠାରୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ, ସ୍ୱଚ୍ଛତାକୁ କେବଳ ସରକାରୀ କାର୍ଯ୍ୟକ୍ରମ ନକରି ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ଏହାର ଉଦ୍ଦେଶ୍ୟ। ମହାତ୍ମାଗାନ୍ଧୀଙ୍କ ସ୍ୱଚ୍ଛ ଓ ସୁସ୍ଥ ଭାରତର ସ୍ୱପ୍ନକୁ ଆଗକୁ ବଢାଇବା। ସମସ୍ତ ସାର୍ବଜନୀନ ସ୍ଥାନରେ ସ୍ୱେଚ୍ଛାକୃତ ଭାବେ ସଫେଇ କରିବା ଏହି ଅଭିଯାନ ଦ୍ୱାରା ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ଦାୟିତ୍ୱବୋଧ ବଢିଥାଏ। ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ରାଜ୍ୟ ଉପ ସଭାପତି ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଜିଲ୍ଲା ସାଧାରଣ ସମ୍ପାଦକ ସୁରେଶ କୁମାର ଆଚାର୍ଯ୍ୟ, ମଣ୍ଡଳ ସଭାପତି ସନ୍ତୋଷ ଶର୍ମା, ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ, ରାମ ନାୟକ, ମିଲୁ ପଣ୍ଡା, ମୁନା ପାଣିଗ୍ରାହୀ, ପ୍ରଦିପ ମିଶ୍ର, ଦୁଖାଲୁ ମେହର, ଦିଲିପ ବିଶ୍ୱାସ, ରାମ ଗଣ୍ଡ, ଅଭିରାମ, ଅମିତ ହାଲଦାର, ଅଶୋକ ସାହୁ, କୁରମା ରାଓ, ସିମାଞ୍ଚଳ ବିଶୟି, ଜିଲ୍ଲା ମହିଳା ମୋର୍ଚ୍ଚା ସଭା ନେତ୍ରୀ ମନ୍ଦିରା ନାୟକ, ମିନତି ପଇଟାଲ, ଅର୍ଚନା ମଣ୍ଡଳ ପ୍ରମୁଖ ଭାଜପାର ବହୁ କାର୍ଯ୍ୟକର୍ତ୍ତା ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



# ଭିବି-ଜି ରାମ-ଜି ଯୋଜନା ନେଇ ଜିଲ୍ଲାପାଳଙ୍କ ସମୀକ୍ଷା ଗସ୍ତ

ମାଲକାନଗିରି, ୧।୧୦(ସଂଚାର ବ୍ୟୁରୋ): ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନେତୃତ୍ୱରେ ଜିଲ୍ଲାର ପର୍ଯ୍ୟଟନ, କୃଷି ଏବଂ ଆଦିବାସୀ ସଶକ୍ତିକରଣ କ୍ଷେତ୍ରର ସର୍ବାଙ୍ଗୀନ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ଗସ୍ତ ଅନୁଷ୍ଠିତ ହୋଇଯାଇଛି। ଖଇରପୁଟ ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ସୀତାକୁଣ୍ଡର ଐତିହାସିକ, ସାଂସ୍କୃତିକ ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବଜାୟ ରଖି ଏହାର ସର୍ବାଙ୍ଗୀନ ପୁନର୍ବିକାଶ ପାଇଁ ଜିଲ୍ଲାପାଳଙ୍କ ସହ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ର କର୍ମକର୍ତ୍ତା, ଉତ୍କଳ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ବୃନ୍ଦ ଏବଂ ଭୁବନେଶ୍ୱରରୁ ଆସିଥିବା ସ୍ଥାପତ୍ୟ ବିଶେଷଜ୍ଞ ଟିମ୍ ସାଇଟ୍ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ଜିଲ୍ଲାପାଳ ଭୌତିକ ଭିତ୍ତିଭୂମି, ସୌନ୍ଦର୍ଯ୍ୟୀକରଣ, ପର୍ଯ୍ୟଟକଙ୍କ ସୁବିଧା ଏବଂ ପରିବେଶ-ଅନୁକୂଳ ପୁନର୍ବିକାଶ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହା ପରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ପ୍ରଶାସନିକ ଟିମ୍ ଚିତ୍ରକୋଣ୍ଡା ବ୍ଲକର ପୋପଲୁର ଗ୍ରାମ ପରିଦର୍ଶନ କରି ପୋପଲୁର, କୁର୍ମାନୁର ଏବଂ କପାତୁଟି ପଞ୍ଚାୟତର ଆଦିବାସୀ ହିତାଧିକାରୀମାନଙ୍କ ସହ ଏକ ବିଶେଷ ବୈଠକରେ ଯୋଗଦେଇଥିଲେ। ଭିବି-ଜି ରାମ-ଜି ଯୋଜନା ମାଧ୍ୟମରେ ଆଦିବାସୀ ହିତାଧିକାରୀଙ୍କୁ ମଜୁରି ପ୍ରଦାନ, ମଣ୍ଡି ଓ ଶୁଖାଇବା ଅଙ୍ଗନ ନିର୍ମାଣ, ଜୋବ୍ କାର୍ଡ ପ୍ରଦାନ ଏବଂ କ୍ୟାମ୍ପ ମୋଡ୍‌ରେ ଆଧାର ଅପଡେଟ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା।



ସ୍ଥାନୀୟ ଜାଫ୍ରା ଚାଷୀମାନେ ଯେପରି କେବଳ ମଣ୍ଡି କିମ୍ବା ବାହାର ରାଜ୍ୟର ବ୍ୟବସାୟୀଙ୍କ ଉପରେ ନିର୍ଭର ନକରି ସିଧାସଳଖ ଅଧିକ ଲାଭବାନ ହୋଇପାରିବେ, ସେଥିପାଇଁ ଏକ କୃଷି ସଂସ୍ଥାର ପ୍ରତିନିଧିଙ୍କ ସହ ସହଭାଗିତା ସ୍ଥାପନ କରାଯାଇଛି, ଯାହା ଜାଫ୍ରାରୁ ଗୁଣ୍ଡ ଓ କ୍ରିଷ୍ଟାଲ୍ ପରି ମୂଲ୍ୟବର୍ଦ୍ଧିତ ସାମଗ୍ରୀ ପ୍ରସ୍ତୁତ କରି ସିଧାସଳଖ ବଜାର ସଂଯୋଗୀକରଣ ସୁନିଶ୍ଚିତ କରିବ।

# ରାଜ୍ୟ ଜୁଡୋ ଚାମ୍ପିୟନଶିପ୍ ପାଇଁ ୨୭ ଜଣିଆ ଦଳର ସମ୍ବଲପୁର ଗସ୍ତ

ମାଲକାନଗିରି, ୧।୧୦(ସଂଚାର ବ୍ୟୁରୋ): ରାଜ୍ୟସ୍ତରୀୟ ଓପନ୍ ଷ୍ଟେଟ୍ ଜୁଡୋ ଚାମ୍ପିୟନଶିପ୍-୨୦୨୬ରେ ଅଂଶଗ୍ରହଣ କରିବା ପାଇଁ ମାଲକାନଗିରି ଜିଲ୍ଲାର ୨୭ ଜଣିଆ ଜୁଡୋ ଦଳ ସମ୍ବଲପୁର ଗସ୍ତ କରିଛି। ଆସନ୍ତା ଅକ୍ଟୋବର ୨ରୁ ୪ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ମିୟୁଜମ୍ ନିକଟ ଗଙ୍ଗାଧର ମଣ୍ଡପଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ରାଜ୍ୟ ଜୁଡୋ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ସବ୍‌ଜୁନିୟର, କ୍ୟାଡେଟ୍, ଜୁନିୟର ଓ ବରିଷ୍ଠ ବର୍ଗର ଖେଳାଳିମାନେ ବିଭିନ୍ନ ବିଭାଗରେ ଭାଗନେବେ। ଆଓମା ଗୁରୁକୁଳ ଓ ଜୁଡୋ ଆସୋସିଏସନ୍ ପକ୍ଷରୁ ମାଲକାନଗିରିର ବିଭିନ୍ନ ଅଞ୍ଚଳରୁ ପ୍ରତିଭାବାନ ଖେଳାଳିଙ୍କୁ ଚୟନ କରାଯାଇ ନିୟମିତ ପ୍ରଶିକ୍ଷଣ ଦିଆଯାଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରାଯାଇଛି। ଦଳରେ ସବ୍‌ଜୁନିୟର ବର୍ଗରେ ୮ ଜଣ, କ୍ୟାଡେଟ୍ ବର୍ଗରେ ୪ ଜଣ, ଜୁନିୟର ବର୍ଗରେ ୩ ଜଣ ଏବଂ ବରିଷ୍ଠ ପୁରୁଷ ଓ ମହିଳା ବର୍ଗରେ ୮ ଜଣ ଖେଳାଳି ରହିଛନ୍ତି। ଦଳ ସହ ଟିମ୍ ମ୍ୟାନେଜର ରାମ ମାଡକାମୀ, ସହକାରୀ ମ୍ୟାନେଜର ଅର୍ଜୁନ ଖରା, ପୁରୁଷ କୋଚ୍ ଚନ୍ଦ୍ରଶେଖର ପୂଜାରୀ ଏବଂ ମହିଳା କୋଚ୍ ଲକ୍ଷ୍ମୀ ସୋଡ଼ି ଗସ୍ତ କରିଛନ୍ତି।




# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଦାବିପତ୍ର




ହିଞ୍ଜିଳିକାଟୁ, ୧।୧୦(ସଂଚାର ବ୍ୟୁରୋ): ଜାତୀୟ ଦାବି ଦିବସ ପାଳନ ଅବସରରେ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ହିଞ୍ଜିଳିକାଟୁ ଶାଖା ପକ୍ଷରୁ ୧୨ ଦଫା ଦାବି ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ସାଗରୀକା ଷଡ଼ଙ୍ଗୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଭାପତି ବିମ୍ବାଧର ସାହୁଙ୍କ ନେତୃତ୍ୱରେ ବହୁ ସଦସ୍ୟ ଦାବି ସମ୍ବନ୍ଧୀୟ ପ୍ଲାକାର୍ଡ ଧରି ସ୍ଥାନୀୟ ପୌରାଞ୍ଚଳ ମିନି ଷ୍ଟାଡିୟମ ପରିସରସ୍ଥ ବରିଷ୍ଠ ନାଗରିକ ଚିତ୍ତ ବିନୋଦନ କେନ୍ଦ୍ର ପରିସରରୁ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କର୍ମଚାରୀଙ୍କ ଅର୍ଥ ଆଇନ ୨୦୨୫ ଅବିଳମ୍ବେ ପ୍ରତ୍ୟାହାର, ଏନପିଏସ, ୟୁପିଏସ ବଦଳରେ ଓପିଏସ ସ୍କିମରେ ପେନସନ ପ୍ରଦାନ କରିବା, ସମସ୍ତ ପେନସନଧାରୀଙ୍କୁ ଅଷ୍ଟମ ବେତନ କମିଶନରଙ୍କ ସୁପାରିଶ ଅଧାରରେ ସମସ୍ତ ସୁବିଧା ପ୍ରଦାନ କରାଯିବା ସହ ଭଳି ୧୨ ଟି ପ୍ରମୁଖ ଦାବି ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ପ୍ରଦାନ କରାଯାଇଥିଲା। ପୁରୁଷୋତ୍ତମ ସାହୁ, ସୂର୍ଯ୍ୟନାରାୟଣ ନାୟକ, ଅଶୋକ କୁମାର ପାଠୀ, ରମେଶ ଚନ୍ଦ୍ର ଚୌଧୁରୀ, ଅରବିନ୍ଦ ପଣ୍ଡା, ମଧୁସୂଦନ ପଣ୍ଡା, କିଶୋର ଚନ୍ଦ୍ର ବିଶୋୟୀ, ହରିହର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ରକ୍ତଦାନ ଦିବସ ପାଳିତ




ନୀଳଗିରି, ୧।୧୦(ସଂଚାର ବ୍ୟୁରୋ): ଉପଖଣ୍ଡ ରକ୍ତଦାତା ସଂଘ, ନୀଳଗିରି ଓ ବରିଷ୍ଠ ସାମାଜିକ କର୍ମୀ ତପସ୍ୱିନୀ ପଣ୍ଡାଂକ ମିଳିତ ସହଯୋଗରେ ଆଜି ନୀଳଗିରି ଏନ୍‌ଏସିର କାହାଳିଆ ଭାଗବତ ମଣ୍ଡପ ପ୍ରାଂଗଣରେ ଜାତୀୟ ରକ୍ତଦାନ ଦିବସ ପାଳିତ ହୋଇଛି। ସ୍ଥାନୀୟ କାଉନସିଲର ରତ୍ନାକର ବିଂଧାଣୀ ଓ ସଂଘର ସଭାପତି ଗୋପାଳ ଚନ୍ଦ୍ର ମହାପାତ୍ର ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ରକ୍ତଦାନକୁ ଏକ ଆହ୍ୱାନ ଓ ମହାନ କର୍ତ୍ତବ୍ୟ ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସଂଘର ସାଧାରଣ ସଂପାଦକ ବିଜୟ କୁମାର ପାତ୍ର ତାଂକ ବକ୍ତବ୍ୟରେ ଦିନକୁ ଦିନ ରକ୍ତର ଆବଶ୍ୟକତା ବୃଦ୍ଧି ପାଉଥିବା ବେଳେ ପ୍ରତ୍ୟେକ ପରିବାରରୁ ଅନ୍ୟୁନ ଜଣେ ରକ୍ତଦାନ ପାଇଁ ଆଗେଇ ଆସିଲେ ରକ୍ତ ସଂକଟ ସମସ୍ୟାର ସମାଧାନ ହୋଇ ପାରିବ ବୋଲି କହିଥିଲେ। ମୁଖ୍ୟ ଉପଦେଷ୍ଟାରବିରାଉତସଚେତନତାର ଅଭାବ, ଅବହେଳା ଓ ଅପରିଣାମଦର୍ଶିତା ପାଇଁ ରକ୍ତର ଅଭାବ ସାରା ରାଜ୍ୟରେ ଏକ ଜଟିଳ ସମସ୍ୟା ସୃଷ୍ଟି କଲାଣି ବୋଲି ମତବ୍ୟକ୍ତ କରିଥିଲେ।

# ନବ ଉତ୍କଳ ମହିଳା ସମିତି ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳିତ



ଯାଜପୁର ରୋଡ୍, ୧।୧୦ (ସଂଚାର ବ୍ୟୁରୋ): ବରିଷ୍ଠ ନାଗରିକ ଦିବସ ଅବସରରେ ନବ ଉତ୍କଳ ମହିଳା ସମିତି ପକ୍ଷରୁ ଏକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶଙ୍ଖଚିଲା ସ୍ଥିତ ସ୍ମାଇଲ ଫାଉଣ୍ଡେସନରେ ରହୁଥିବା ୧୦ ଜଣ ବୃଦ୍ଧାଙ୍କୁ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମିତିର ସଭାନେତ୍ରୀ ଅମୃଲୀ ପହି, ସମ୍ପାଦିକା ଜୟନ୍ତୀ ଜେନା, ଉପ-ସଭାନେତ୍ରୀ ମମତା ବର୍ଦ୍ଧନ, ସଭ୍ୟା ସବିତା ମହାନ୍ତି ଉପସ୍ଥିତ ଥିଲେ। ସ୍ମାଇଲ ଫାଉଣ୍ଡେସନର ସମ୍ପାଦକ ଆଲୋକ କୁମାର ଦାଶ, ଉପଦେଷ୍ଟା ତରୁଣ କୁମାର ସାହୁ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ସ୍ୱାଇଁ, ରୀନାରାଣୀ ମିଶ୍ର, ସୌମ୍ୟରଞ୍ଜନ ସାହୁ, ଲକି ସାହୁ, ଶୁଭମ ସାହୁ, ସୌରଭ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୬ ମୂର୍ତ୍ତି ଭାଙ୍ଗିବା ସହ ମନ୍ଦିରରୁ ପୂଜା ସାମଗ୍ରୀ ଚୋରି ଅଭିଯୋଗ

କେସିଙ୍ଗା, ୧।୧୦ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପାଷ୍ଟିକୁଡ଼ି ଗ୍ରାମ ପଞ୍ଚାୟତ ଅଧୀନ ବେଲାମାଲ ଗ୍ରାମରେ ଥିବା ଶନିଶ୍ଚର ଦେବଙ୍କ ମନ୍ଦିରରେ ଚୋରି ଓ ଭଙ୍ଗାରୁଜା ହୋଇଥିବା ନେଇ ଅଭିଯୋଗ ହୋଇଛି। ମନ୍ଦିର କମିଟି ପକ୍ଷରୁ ଦିଆଯାଇଥିବା ଅଭିଯୋଗ ଅନୁସାରେ, ରାତି ସମୟରେ କେତେକ ଦୁର୍ବୃତ୍ତ ମନ୍ଦିର ପରିସରରେ ପ୍ରବେଶ କରି ବିଭିନ୍ନ ପୂଜା ସାମଗ୍ରୀ ଚୋରି କରିନେବା ସହ ମନ୍ଦିରରେ ଥିବା ମୂର୍ତ୍ତିଗୁଡ଼ିକୁ ଭାଙ୍ଗି ଦେଇଛନ୍ତି। ସୂଚନା ଅନୁସାରେ, ଘଟଣାଟି ରାତି ସମୟରେ ଘଟିଥିବା ଅଭିଯୋଗ ରହିଛି। ସକାଳୁ ମନ୍ଦିର ପରିସରରେ ଭଙ୍ଗାରୁଜା ଓ ସାମଗ୍ରୀ ନଥିବା ଦେଖିବା ପରେ ଘଟଣା ସମ୍ପର୍କରେ ମନ୍ଦିର କମିଟି ଓ ସ୍ଥାନୀୟ ଲୋକେ ଜାଣିବାକୁ ପାଇଥିବା କୁହାଯାଇଛି। ଏହାପରେ ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଆରମ୍ଭ ହୋଇଛି। ମନ୍ଦିର କମିଟିର ଅଭିଯୋଗ ଅନୁସାରେ, ମନ୍ଦିରରେ ଥିବା ପ୍ରାୟ ୬ଟି ମୂର୍ତ୍ତିକୁ ଭାଙ୍ଗି ଦିଆଯାଇଛି। ମୂର୍ତ୍ତିଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବାରୁ ଧାର୍ମିକ ଭାବନା ସହ ଜଡ଼ିତ ଏହି ଘଟଣାକୁ ନେଇ ଭକ୍ତ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ଜଣାପଡ଼ିଛି। ଏଥିସହ ମନ୍ଦିରରୁ ୫ଟି ଘଣ୍ଟି, ଯୋଗଖୁଣ୍ଟ, ତ୍ରିଶୂଳ, କୁମ୍ଭ, ଚାଉଳ, ବିଭିନ୍ନ ପୂଜା ବାସନକୁସନ, ଆଳତି ସାମଗ୍ରୀ ଓ ବିଦ୍ୟୁତ୍ ସାମଗ୍ରୀ ସମେତ ଅନ୍ୟାନ୍ୟ ଜିନିଷ ଚୋରି ହୋଇଥିବା ମନ୍ଦିର କମିଟି ପକ୍ଷରୁ କୁହାଯାଇଛି।

# ସେବା ଓ ସମର୍ପଣ କାର୍ଯ୍ୟ ଅବସରରେ ବିଏସଏଫ୍ ଯବାନଙ୍କ ଦ୍ୱାରା ମେଡିକାଲ ପରିସରରେ ସଫେଇ




ମାଲକାନଗିରି, ୧।୧୦ (ସଂଚାର ବ୍ୟୁରୋ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଛି ଦେଶଭକ୍ତି ଓ ସେବାର ଅପୂର୍ବ ସମନ୍ୱୟ। ସ୍ୱଚ୍ଛ ଭାରତ ଅଭିଜାନକୁ ଆଗକୁ ବଢ଼ାଇ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସୀମା ସୁରକ୍ଷା ବାହିନୀ ବିଏସ୍‌ଏଫ୍ ପକ୍ଷରୁ ଏକ ବଡ଼ ଧରଣର ସଫାଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ ବିଏସ୍‌ଏଫ୍‌ର ୧୧୦ ବାଟାଲିୟନ ପକ୍ଷରୁ ଏଠାରେ ଏକ ବଡ଼ ଧରଣର ସ୍ୱଚ୍ଛତା ଅଭିଜାନ ଚଳାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଏସ୍‌ଏଫ୍‌ର ଉଚ୍ଚ ପଦାଧିକାରୀଙ୍କ ସମେତ ପ୍ରାୟ ୭୫ ଜଣ ଯବାନ ସାମିଲ ହୋଇ ହସ୍ପିଟାଲ ପରିସରକୁ ସଫା କରିଥିଲେ। ଶତ୍ରୁ ମୁହଁରୁ ଦେଶକୁ ରକ୍ଷା କରୁଥିବା ଏହି ବୀର ଯବାନମାନେ ହାତରେ ଝାଡୁ ଓ କୋଦାଳ ଧରି ମେଡିକାଲ୍‌ର କୋଣ ଅନୁକୋଣ ସଫା କରୁଥିବା ଦେଖିବାକୁ ମିଳିଥିଲା। ଯବାନମାନଙ୍କ ସହିତ ହସ୍ପିଟାଲର ଡାକ୍ତର, ନର୍ସ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ମଧ୍ୟ ଏହି କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ୮୦ ବର୍ଷୀୟା ବୃଦ୍ଧାଙ୍କୁ ଦୁଷ୍କର୍ମ ମାମଲା

# ପୀଡ଼ିତାଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଲା କଂଗ୍ରେସ ଟିମ୍



ରାଇଘର, ୧।୧୦ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଖୁଟୁଗାଁ ଜଙ୍ଗଲ ଅଞ୍ଚଳରେ ଜଣେ ୮୦ ବର୍ଷୀୟା ବୃଦ୍ଧାଙ୍କୁ ଜଣେ ୩୫ ବର୍ଷୀୟ ଯୁବକ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣା ପ୍ରଚାର ପାଇବା ପରେ ଅଞ୍ଚଳରେ ଚର୍ଚ୍ଚା ସହ ଉଦ୍‌ବେଗ ପ୍ରକାଶ ପାଇଛି। ଘଟଣାକୁ ନେଇ ବିଭିନ୍ନ ମହଲରୁ ଚିନ୍ତା ପ୍ରକାଶ ପାଇଥିବା ବେଳେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥା ଓ ତାଙ୍କୁ ମିଳୁଥିବା ଚିକିତ୍ସା ସମ୍ପର୍କରେ ମଧ୍ୟ ଆଲୋଚନା ହେଉଛି। ଏହି ପରିପ୍ରେକ୍ଷୀରେ ଆଜି ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପୀଡ଼ିତାଙ୍କୁ ଭେଟିଛି କଂଗ୍ରେସର ଏକ ପ୍ରତିନିଧି ଦଳ। ଟିମ୍‌ର ସଦସ୍ୟମାନେ ପୀଡ଼ିତାଙ୍କ ସହ ଆଲୋଚନା କରି ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଘଟଣା ସମ୍ପର୍କରେ ମଧ୍ୟ ତଥ୍ୟ ନେବା ସହ ପୀଡ଼ିତାଙ୍କୁ ଆବଶ୍ୟକ ସହାୟତା ମିଳୁଛି କି ନାହିଁ, ସେନେଇ ଜାଣିବାକୁ ଚେଷ୍ଟା କରିଥିଲେ। କଂଗ୍ରେସ ଟିମ୍ ପକ୍ଷରୁ କୁହାଯାଇଛି ଯେ, ଘଟଣାର ନିରପେକ୍ଷ ଭାବେ ତଦନ୍ତ କରାଯିବା ଆବଶ୍ୟକ। ତଦନ୍ତ ପ୍ରକ୍ରିୟା ଶୀଘ୍ର ଶେଷ କରି ଘଟଣାରେ ଯଦି କେହି ଦୋଷୀ ପ୍ରମାଣିତ ହୁଅନ୍ତି, ତେବେ ଆଇନ ଅନୁଯାୟୀ ତାଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯାଉ ବୋଲି ଦାବି କରାଯାଇଛି। ଏଥିସହ ପୀଡ଼ିତାଙ୍କୁ ଆବଶ୍ୟକ ଚିକିତ୍ସା, ସୁରକ୍ଷା ଓ ମାନସିକ ସହାୟତା ଯୋଗାଇଦେବା ପାଇଁ ମଧ୍ୟ ଦାବି ରଖାଯାଇଛି। ଅନ୍ୟପକ୍ଷରେ, ଏଭଳି ସମ୍ବେଦନଶୀଳ ଘଟଣାରେ ପୀଡ଼ିତାଙ୍କ ସମ୍ମାନ ଓ ଗୋପନୀୟତା ରକ୍ଷା କରିବା ସହ ତଦନ୍ତ ପ୍ରକ୍ରିୟାକୁ ନିରପେକ୍ଷ ଭାବେ ଆଗେଇ ନେବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଘଟଣା ସମ୍ପର୍କରେ ଅଭିଯୋଗ ହୋଇଥିବାରୁ ଏହାର ପ୍ରକୃତ ସତ୍ୟ ତଦନ୍ତ ଓ ଆଇନଗତ ପ୍ରକ୍ରିୟା ପରେ ହିଁ ସ୍ପଷ୍ଟ ହେବ।

# ବନାଞ୍ଚଳରେ ବନ୍ୟପ୍ରାଣୀ ସପ୍ତାହ ପାଳନ



ମୁନିଗୁଡା, ୧।୧୦ (ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା ବନଖଣ୍ଡ ଅଧୀନସ୍ଥ ମୁନିଗୁଡା ବନାଞ୍ଚଳ ପରିସରରେ ବନାଞ୍ଚଳ ଅଧିକାରୀ ପ୍ରବୀଣ କୁମାର ଦାସଙ୍କ ସଂଯୋଜନାରେ ଆଜି ମଣ୍ଡଳ ସ୍ତରୀୟ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଇଛି. ଏହି ଅବସରରେ ରାୟଗଡ଼ା ବନଖଣ୍ଡର ସହକାରୀ ବନ ସଂରକ୍ଷକ ଅଶିତ୍ କୁମାର ଧାରୁଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବନ୍ୟପ୍ରାଣୀ ଗବେଷକ ଆକାଶ କୁମାର ପ୍ରଧାନ ମୁଖ୍ୟବକ୍ତା, ଓ ସମ୍ମାନିତ ଅତିଥି ଭାବେ ବନ୍ୟପ୍ରାଣୀ ଗବେଷକ ଆୟୁସ ବନ୍ଦପାଧ୍ୟେୟ ଏବଂ ଅବୈତନିକ ବନ୍ୟପ୍ରାଣି ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ମଞ୍ଚପରିଚାଳକ ରେଞ୍ଜର ଶ୍ରୀ ଦାସ କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ। ମୁଖ୍ୟ ଅତିଥି ଓ ମଞ୍ଚାସୀନ ଅତିଥି ମାନେ ବନ୍ୟପ୍ରାଣି ସପ୍ତାହ ପାଳନର ଉଦ୍ଦେଶ୍ୟ ତଥା ଜୀବ ଜନ୍ତୁ ଙ୍କ ଆକ୍ରମଣ ରୁ ରକ୍ଷା ପାଇବା ତଥା ସେମାନଙ୍କ ସୁରକ୍ଷା ଓ ନିଜର ସୁରକ୍ଷା ବିଷୟରେ ବିଷଦ ଭାବେ ଦିଗ୍ ଦର୍ଶନ ଦେଇଥିଲେ। ଶେଷରେ ଏହାକୁ ନେଇ ସ୍କୁଲ ଓ କଲେଜ ପିଲାଙ୍କ ଦ୍ୱାରା କରାଯାଇଥିବା କୁଇଜ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥି ପ୍ରମାଣ ପତ୍ର ଓ ସିଲ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବନାଞ୍ଚଳର ସମସ୍ତ ଫରେଷ୍ଟର ଓ ବନରକ୍ଷୀ ସମେତ ଜନସାଧାରଣ ଯୋଗ ଦେଇଥିଲେ।

# ଅନ୍ତର୍ଜାତୀକ ଜରା ଦିବସରେ ରକ୍ତଦାନ ଶିବିର ଓ ସେବା ସପ୍ତାହ ପାଳନ




ସୁନ୍ଦରଗଡ଼, ୧।୧୦(ସଂଚାର ବ୍ୟୁରୋ): ସଦର ବ୍ଲକ ଅନ୍ତର୍ଗତ ରାବନଡିହି ସ୍ଥିତ ଜରାଶ୍ରମ ପରିସର ଠାରେ ଆନ୍ତର୍ଜାତୀକ ଜରା ଦିବସ ସହିତ ରେଡକ୍ରସ ଦିବସ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ କରାଯାଇଥିଲା। ଜିଲ୍ଲା ରେଡକ୍ରସ ଓ ସିମରନ ଫାଉଣ୍ଡେସନର ମିଳିତ ଉଦ୍ୟମରେ ଏକ ରକ୍ତଦାନ ଶିବିର ଆୟୋଜିତ କରାଯାଇ ୫୦ ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ କରାଯାଇଅଛି। ଏହି ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ଼ ମ୍ୟୁନିସିପାଲଟି ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର ଯୋଗ ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ ସୁନ୍ଦରଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶୁଭାଷିସ ମହାରଣା, ଡେପୁଟି କଲେକ୍ଟର ତଥା ଜିଲ୍ଲା ରେଡକ୍ରସ ସଂପାଦକ କମଳାକ୍ଷୀ ମାରାଣ୍ଡି, ରେଡକ୍ରସ ସହ ସଂପାଦକ ଅଜିତ ପ୍ରସାଦ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ସୁଶିଲା ରିତା ପ୍ରଭା କୁଜୁର, ସ୍ଥାନୀୟ କର୍ଲାପାଟ ସରପଞ୍ଚ ବୈଦେହି ମାଝୀ, ସମିତି ସଭ୍ୟା ସୁମତି କିଷାନ ଓ ରେଡକ୍ରସ ସ୍ଥାୟୀ ସଦସ୍ୟ ପ୍ରତାପ ଚନ୍ଦ୍ର ତ୍ରୀପାଠୀ ଯୋଗ ଦେଇ ନିଜ ନିଜର ମତାମତ ପ୍ରକାଶ କରିଥିଲେ। ସିମରନ ଫାଉଣ୍ଡେସନ ସଭାପତି ନଳିନ ପଟେଲ ସମେତ ଫାଉଣ୍ଡେସନର ସମସ୍ତ ସଦସ୍ୟ ଉପସ୍ଥିତ ରହି ରକ୍ତଦାନ ଶିବିରକୁ ସୁପରିଚାଳନା କରିଥିଲେ। ରକ୍ତଦାନ କରିଥିବା ସଭ୍ୟ ସଭ୍ୟା ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଜରାଶ୍ରମରେ ୫୦ ଜଣ

# କେତକୀଙ୍କ ମୁହଁରେ ଫୁଟାଇଛି ହସ ଅନ୍ତ୍ୟୋଦୟ ଗୃହ ଯୋଜନା




ସତ୍ୟବାଦୀ, ୧।୧୦ (ସଂଚାର ବ୍ୟୁରୋ): ଦିନେ ଥିଲା ଚାଳଘର। ବାତ୍ୟା ଆସିଲେ ଘର ଭାଙ୍ଗିଯିବା ସହ ବର୍ଷା ଓ ପବନରୁ ରକ୍ଷା ପାଇଁ ପର ଘରେ ଆଶ୍ରୟ ନେବାକୁ ପଡୁଥିଲା। କେବେ କେବେ ୪/୫ ଦିନ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଘରେ ରହିବାକୁ ପଡୁଥିଲା। ଏବେ ଅନ୍ତୋଦୟ ଗୃହ ମିଳିବା ପରେ ତାଙ୍କ ଜୀବନରେ ଆସିଛି ନିରାପତ୍ତା ଓ ଖୁସି। ଏହି ଅନୁଭୂତି ବ୍ୟକ୍ତ କରିଛନ୍ତି ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ମହୁରା ଗ୍ରାମର କେତକୀ ପ୍ରଧାନ।କେତକୀ ନିଜ ପରିବାର ସହ ଅଭାବ ଅନଟନ ମଧ୍ୟରେ ଚଳୁଥିଲେ। ତାଙ୍କ ଚାଳଘର ବାତ୍ୟାରେ ସମ୍ପୂର୍ଣ୍ଣ ଭାଙ୍ଗିଯିବା ପରେ ବର୍ଷା, ପବନ କିମ୍ବା ବାତ୍ୟା ସମୟରେ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେବାକୁ ପଡୁଥିଲା। ଏଥିରେ ଅନ୍ୟ ପରିବାର ମଧ୍ୟ ଅସୁବିଧାରେ ପଡୁଥିବାରୁ ତାଙ୍କୁ ଘର ଛାଡ଼ିବାକୁ କହୁଥିଲେ। ଫଳରେ ବାଧ୍ୟ ହୋଇ ପୁଣି ଭଙ୍ଗା ପୁରୁଣା ଘରକୁ ଫେରିବାକୁ ପଡୁଥିଲା। ଅନ୍ତୋଦୟ ଗୃହ ଯୋଜନା ସମ୍ପର୍କରେ ଜାଣିବା ପରେ କେତକୀ ସତ୍ୟବାଦୀ ବିଡିଓଙ୍କ ସହ ଯୋଗାଯୋଗ କରି ଆବେଦନ କରିଥିଲେ। ପରେ କ୍ଷେତ୍ର ଅନୁଧ୍ୟାନ କରାଯାଇଥିଲା। ଅନ୍ତୋଦୟ ଗୃହ ଯୋଜନାର ମାର୍ଗଦର୍ଶିକା ଅନୁଯାୟୀ ସେ ଯୋଗ୍ୟ ବିବେଚିତ ହେବାରୁ ତାଙ୍କ ନାମରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଜାରି ହୋଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷର ଅନ୍ତୋଦୟ ଯୋଜନାରେ କେତକୀଙ୍କ ଘର ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ସେ ମଞ୍ଜୁର ଅର୍ଥର ସଠିକ ଉପଯୋଗ କରି ନିର୍ଦ୍ଧାରିତ ସମୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଥିଲେ। ଏଥିପାଇଁ ତାଙ୍କୁ ବୋନସ ଭାବେ ଅତିରିକ୍ତ ୨୦ ହଜାର ଟଙ୍କା ମଧ୍ୟ ପ୍ରଦାନ କରାଯାଇଥିଲା। ନୂଆ ଛାତଘର ପାଇବା ପରେ କେତକୀ କହିଛନ୍ତି, "ଏବେ ମୁଁ ଗର୍ବର ସହ କହିପାରୁଛି, ଏହା ମୋର ଛାତଘର। ଆଉ ବର୍ଷା କିମ୍ବା ବାତ୍ୟାର ଭୟ ନାହିଁ।" ଏଥିପାଇଁ ସେ ସରକାରଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।







# ଋତୁଚକ୍ର ପାଇଁ 'ଚକ୍କି ଚଳନାସନ' ହିତକର

ଏହି ଆସନଦ୍ୱାରା ପେଟ ଓ ଅଙ୍ଗଗୁଡ଼ିକ ଏହି ଆସନ ଦ୍ୱାରା କାର୍ଯ୍ୟକ୍ଷମ ହୁଏ। ଋତୁଚକ୍ର ଭଲଭାବରେ ନିୟନ୍ତ୍ରଣ ହୁଏ। ଗର୍ଭାବସ୍ଥାରେ ୧ମାସ ଓ ୩ମାସ ଭିତରେ ଏହା ଅଭ୍ୟାସ କରାଯାଇପାରେ। ସନ୍ତାନ ଜନ୍ମ ପର ଅବସ୍ଥାରେ ଏହି ଆସନଦ୍ୱାରା ସ୍ୱାସ୍ଥ୍ୟ ଶୀଘ୍ର ଫେରିଆସେ ବୋଲି କହନ୍ତି ଯୋଗଗୁରୁ ଗଣେଶ୍ୱର ଗୋଚ୍ଛିକାର। ଏହି ଆସନ କରିବା ପାଇଁ ଗୋଡ଼ ଲମ୍ବାଇ ଭୂଇଁରେ ବସନ୍ତୁ, ପାଦ ଏକ ଫୁଟ୍ ଛଡ଼ାରେ ରହିବ। ଦୁଇ ହାତ ଛନ୍ଦି ସାମନାରେ ବଢ଼ାଇ ସିଧାରଖନ୍ତୁ। ଆସନ ଶେଷ ପର୍ଯ୍ୟନ୍ତ ହାତ ସିଧା ରହିବ। କହୁଣୀ ଭାଙ୍ଗିବ ନାହିଁ। ଯେତେପାର ଦେହକୁ ଆଗକୁ ଆଣନ୍ତୁ। ହାତରେ ପଥର ଚକି ଘୂରାଇଲାପରି ଅନୁମାନ କରିବେ। ଛନ୍ଦିଥିବା ହାତକୁ ଡାହାଣ ଗୋଡ଼ ଆଙ୍ଗୁଳି ଦେଇ ଘୂରାଇବେ, ଯେତେଦୂର ପାର ପାଦର ଡାହାଣକୁ ମୋଡ଼ିବେ। ପଛକୁ ହାତ ଘୂରାଇ ଆଣିଲାବେଳେ ଯେତେଦୂର ପାର ପଛକୁ ଝୁଲିବ। ଦେହକୁ ଅଣ୍ଟାରୁ ବୁଲାଇବେ। ଆଗକୁ ଘୂରାଇଲାବେଳେ ହାତକୁ ବାମପଟକୁ ଆଣି ବାମପାଦର ଆଙ୍ଗୁଳି ଦେଇ ପ୍ରଥମ ଅବସ୍ଥାକୁ ଆଣିବେ। ଗୋଟିଏ ଥର ଘୂରାଇବା ହେଉଛି ଗୋଟିଏ ଚକ୍ର। ୫ରୁ ୧୦ ଚକ୍ର ଘଣ୍ଟା କଣ୍ଟା ଦିଗରେ ଏବଂ ବିପରୀତ ଦିଗରେ ପୁନରାବୃତ୍ତି କରନ୍ତୁ।

**ଦ୍ୱିତୀୟ ସ୍ଥିତି**

ସେହି ବସିବା ଅବସ୍ଥାରେ ଦୁଇଗୋଡ଼କୁ ଯେତେଦୂର ପାର ଛଡ଼ାରେ ରଖନ୍ତୁ। ଗୋଡ଼ ସିଧା ରହିବ। ଦୁଇ ପାଦ ଉପରେ ଯେତେବଡ଼ ଚକ୍ର ଘୂରାଇପାର। ହାତ ଆଗକୁ ଘୂରାଇଲାବେଳେ ପାଦର ତେବେ ଆଗକୁ ନେଇପାରିବେ, ସେମିତି ଠିକ୍ ପଛକୁ ଯେତେ ଦୂର ଆଣିପାରିବେ। ୧୦ ଥର କରି ଦୁଇ ଦିଗରେ ଘୂରାନ୍ତୁ।



# ସବୁବେଳେ ଆପଣଙ୍କ ଓଠ ଫାଟୁଛି କି ?

ଅଧିକାଂଶ ସମୟରେ ଆପଣଙ୍କ ଓଠ ଫାଟୁଛି କି ? ଏଥିରୁ ମୁକ୍ତି ପାଇବା ପାଇଁ କ'ଣ କରିବା ଆବଶ୍ୟକ ? ଆମ ଆଖପାଖରେ ଅନେକ କିଛି ଜିନିଷ ରହିଛି ଯାହା ନାନା ସମସ୍ୟାରୁ ରକ୍ଷା କରେ। ସେହି ସବୁ ମଧ୍ୟରୁ ଗୋଲାପ ଫୁଲ ଅନ୍ୟତମ। ଗୋଲାପ ପାଖୁଡାକୁ ସଫା ପାଣିରେ ଧୋଇ ତାକୁ କିଛି ସମୟ କ୍ଷୀରରେ ଭିଜାଇ ରଖିଦିଅନ୍ତୁ। ଏହାପରେ ଏହାର ଏକ ପେଷ୍ଟ ପ୍ରସ୍ତୁତ କରି ଓଠରେ ଲଗାନ୍ତୁ। ପାଖାପାଖି ୧୫ ମିନିଟ ପରେ ଓଠକୁ ଧୋଇ ଦିଅନ୍ତୁ। ଏଭଳି କରିବା ଦ୍ୱାରା ଓଠର ରୁକ୍ଷତା ଦୂର ହେବା ସହ ଗୋଲାପୀ ଦେଖାଯିବ। ଆଲୋଭେରା ଜେଲକୁ ନେଇ ଓଠରେ ମସାଜ କରନ୍ତୁ। ଏମିତି କରିବା ଦ୍ୱାରା ମଧ୍ୟ ଓଠର ଶୁଷ୍କତାକୁ ଦୂର କରିଥାଏ।

ମହୁରୁ ଅନେକ ପ୍ରକାରର ପୋଷକ ତତ୍ତ୍ୱ ମିଳିଥାଏ। ଯାହା ଓଠକୁ ନରମ ରଖିଥାଏ। ମହୁକୁ ଓଠରେ ମସାଜ କରନ୍ତୁ। ଯାହା ଆପଣଙ୍କର ଓଠକୁ ମୁଲାୟମ କରିବ। ରାତିରେ ଶୋଇବା ସମୟରେ ସୋରିଷ ତେଲକୁ ଉଷୁମ କରି ନାଭିରେ ଲଗାନ୍ତୁ। ପ୍ରତିଦିନ ଏପରି କରିବା ଦ୍ୱାରା ଆପଣଙ୍କ ଓଠ ଫାଟିବାରୁ ମୁକ୍ତି ମିଳିବ। ଏଥିସହ ଓଠରେ ଅମୃତଭଣ୍ଡାର ରସ ଲଗାଇବା ଓଠ କୋମଳ ଏବଂ ନରମ ରହିଥାଏ। ଶୀତଦିନ ପାଇଁ କୌଣସି ଲିପ୍ ବାମ୍ ଏବଂ ବଡି ଲୋସନ ଅପେକ୍ଷା ନଡିଆ ତେଲ ଖୁବ୍ ଲାଭକାରୀ। ଯାହା ବ୍ୟବହାର କରିବା ଦ୍ୱାରା ଓଠ ଏବଂ ଚର୍ମକୁ ନରମ କରିଦେଇଥାଏ। ରଙ୍ଗହୀନତାକୁ ଦୂର କରିବା ପାଇଁ ଚାହୁଁଥିଲେ ଶୋଇବା ପୂର୍ବରୁ ନଡିଆ ତେଲ ଲଗାନ୍ତୁ। ଘିଅ ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ ବୋଲି ପ୍ରମାଣିତ ହୋଇଆସୁଅଛି। କିନ୍ତୁ ଘିଅ ବ୍ୟବହାର କରିବା ଦ୍ୱାରା ମଇଶ୍ଚରାଇଜ ରଖେ। ଏହା ଲିପ୍ ବାମ ଭଳି କାମ କରେ। ଘିଅ ବ୍ୟବହାର କରିବା ଦ୍ୱାରା ମଧ୍ୟ ଓଠକୁ ଗୋଲାପୀ ରଖିବାରେ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ଘରୋଇ ଉପାୟରେ ଆପଣମାନେ ମଧ୍ୟ ଲିପ୍ ବାମ୍ ତିଆରି କରିପାରିବେ। ଏହି ସବୁ ଜିନିଷ ପ୍ରାକୃତିକ ହୋଇଥିବାରୁ ଆମ ପାଇଁ ଭଲ ହୋଇଥାଏ। ତେବେ ଆସନ୍ତୁ ସେହି ଘରୋଇ ଲିପ୍ ବାମ୍ ସମ୍ପର୍କରେ ଜାଣିବା।

ଅଧ ଚାମଚ କ୍ରିମ୍, ଟିକେ ଡାଲଚିନି ଗୁଣ୍ଡ ଏବଂ ଚିମଟା, ହଳଦୀକୁ ଏକାଠି କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏହି ଲିପ୍ ବାମକୁ ଓଠରେ ଲଗାନ୍ତୁ। ଯାହା ଲଗାଇବା ଫଳରେ ଓଠକୁ ମଇଶ୍ଚରାଇଜ୍ ରଖିବାରେ ବଡ଼ ଭୂମିକା ନିର୍ବାହ କରିଥାଏ।

# କନ୍ଦମୂଳ ସ୍ୱାସ୍ଥ୍ୟ ପାଇଁ ଉପକାରୀ

ଆପଣମାନେ ତ ଜାଣିଥିବେ ଶୀତଋତୁରେ ଅନେକ ପ୍ରକାରର ଫଳମୂଳ, ପନିପରିବା ଇତ୍ୟାଦି ଭରପୂର ପରିମାଣରେ ମିଳିଥାଏ। ଏହା ସହ ଶୀତଋତୁରେ ମଧ୍ୟ ଏହି ସବୁ ଜିନିଷର ଦର କମ ରହିଥାଏ। ଯାହାକୁ ଆପଣ ବହୁତ ସହଜରେ କିଣିପାରିବେ। କିନ୍ତୁ ମାର୍କେଟରୁ ପନିପରିବା କିଣିବା ଅପେକ୍ଷା ନିଜ ବାଡିରେ ଲଗାଯାଇଥିବା ପନିପରିବା ଅଧିକ ଭଲ ହୋଇଥାଏ। ତେବେ ଯାହାକୁ ଖାଇ ନିଜକୁ ସୁସ୍ଥମନେ କରିପାରିବେ। କାହିଁକି ନା ମାର୍କେଟରେ ମିଳୁଥିବା ପରିବାରେ ସାର, ବିଶ ଇତ୍ୟାଦି ପଡିଥାଏ, ଯାହାକୁ ଖାଇଲେ ସ୍ୱାସ୍ଥ୍ୟ ସମସ୍ୟା



ବଢ଼ିବାକୁ ଲାଗିଥାଏ। ଏଥିପାଇଁ ଯଦି ଆପଣ ବାଡିରେ ଲଗାଯାଇଥିବା ପନିପରିବାକୁ ଖାଆନ୍ତି, ତାହେଲେ ଆପଣଙ୍କର କୌଣସି ପ୍ରକାରର ଅସୁବିଧା ହେବ ନାହିଁ। ଅନେକ ପ୍ରକାରର ରୋଗରୁ ମଧ୍ୟ ଆରୋଗ୍ୟ ପାଇପାରିବେ। କିନ୍ତୁ ଆପଣ ଜାଣିଛନ୍ତି କି, ଏମିତି ଏକ ଫଳ ଅଛି ଯାହା ସ୍ୱାଦରେ ପରିପୂର୍ଣ୍ଣ ରହିବା ସହ ଅନେକ ଭିଟାମିନରେ ଭରପୂର ରହିଛି। ତାହେଲେ ଆସନ୍ତୁ ସେହି ଫଳ ବିଷୟରେ ଜାଣିବା। ତେବେ ସେହି ଫଳର ନାମ ହେଉଛି 'କନ୍ଦମୂଳ'। ଯାହା ସ୍ୱାଦରେ ପରିପୂର୍ଣ୍ଣ ହୋଇଥାଏ ଏବଂ ଅନେକ ପ୍ରକାରର ଭିଟାମିନ୍ ମଧ୍ୟ ଯୋଗାଇଥାଏ। ଯେଉଁଥିରେ ଫାଇବର, ଭିଟାମିନ୍ 'ଏ', ଭିଟାମିନ୍ 'ସି' ଏବଂ ବି 6 ଗୁଣ ରହିଛି। ଏହା ବ୍ୟତୀତ ପୋଟାସିୟମ ଏବଂ ମାଙ୍ଗାନିଜ୍ ଭଳି ମିନେରାଲ ମଧ୍ୟ ରହିଛି। କନ୍ଦମୂଳ ସ୍ୱାସ୍ଥ୍ୟ ପାଇଁ ବେସ୍ ଲାଭଦାୟକ ହୋଇଥାଏ। କନ୍ଦମୂଳରେ ଅନେକ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଏ। ଶୀତଋତୁରେ ଆପଣ ପ୍ରତ୍ୟେକ ଦିନ ଗୋଟିଏ କନ୍ଦମୂଳ ଖାଇବା ନିହାତି ଆବଶ୍ୟକ। ଏହାକୁ ଖାଇବା ଦ୍ୱାରା ଶରୀରକୁ ଅନେକ ପ୍ରକାରର ଭିଟାମିନ୍ ଏବଂ ପୋଷକ ତତ୍ତ୍ୱ ମିଳିଥାଏ।

**ତ୍ୱଚା ପାଇଁ ଲାଭଦାୟକ:** କନ୍ଦମୂଳରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ହୋଇଥାଏ ଯାହା ସ୍କିନକୁ ଟାଇଟ୍ ରଖିବାରେ ସାହାଯ୍ୟ କରିଥାଏ। ଏହା ସ୍କିନକୁ ଫ୍ରି' ରେଡିକାଲ ଦ୍ୱାରା ହେଉଥିବା କ୍ଷତିରୁ ରକ୍ଷା କରିଥାଏ। କିଛି ପୁରୁଣା ରୋଗକୁ ଠିକ୍ କରିବାରେ ଏହି ଫଳ ସାହାଯ୍ୟ କରିଥାଏ। ଆପଣ ଏହାକୁ ଅନେକ ଉପାୟରେ ଖାଇପାରିବେ, ଯେମିତିକି ସିଜାଇ ଖାଇପାରିବେ, ରୋଷେଇରେ ସାମିଲ୍ କରିପାରିବେ ଏବଂ ଏହାକୁ କେହି କେହି ପୋଡିକି ମଧ୍ୟ ଖାଇଥାନ୍ତି। ଏହା ସହ ଏହାକୁ ଖାଇଲେ ଅନେକ ରୋଗରୁ ମଧ୍ୟ ଆରୋଗ୍ୟ ହୋଇପାରିବେ।

**ଆଖି ପାଇଁ ଲାଭଦାୟକ:** କନ୍ଦମୂଳରେ ଭିଟାମିନ୍ ଏ' ବହୁତ ପରିମାଣରେ ମିଳିଥାଏ। ଯାହା ଆଖି ପାଇଁ ବେସ୍ ଲାଭ ଦାୟକ ହୋଇଥାଏ। ଏହା ସହ ବିଟା-କ୍ୟାରୋଟିନ୍ ମିଳିଥାଏ ଯାହା ଷ୍ଟ୍ରେସକୁ କମ କରିଥାଏ। ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା ସହ ବ୍ଲଡ୍ ପ୍ରେସରକୁ ମଧ୍ୟ କଣ୍ଟ୍ରୋଲ କରିବାରେ ସାହାଯ୍ୟ କରିଥାଏ।

**ଡାଇବେଟିସ୍‌ରେ କନ୍ଦମୂଳ :** ଆପଣମାନେ ତ ଜାଣିଥିବେ ସବୁ ଫଳ ଅପେକ୍ଷା କନ୍ଦମୂଳରେ ମିଠାର ପରିମାଣ କମ୍ ଥାଏ। ଯାହାକୁ ଡାଇବେଟିସ୍ ରୋଗୀମାନେ ମଧ୍ୟ ଖାଇପାରିବେ, ଏଥିରେ କୌଣସି ଅସୁବିଧା ହୁଏ ନାହିଁ। ଏହାସହ ଏହାର ଟେଷ୍ଟ ମଧ୍ୟ ବହୁତ ଭଲ ହୋଇଥାଏ। ଯାହାକୁ ଛୋଟ ଛୁଆ ଠାରୁ ଆରମ୍ଭ କରି ବଡ ଲୋକମାନେ ମଧ୍ୟ ଖାଇଥାନ୍ତି। ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଏନର୍ଜି ଲେବୁଲ ବଢ଼ିଥାଏ।

**ଓଜନକୁ କମ୍ କରେ 'କନ୍ଦମୂଳ':** ଓଜନ କମ କରିବାରେ ସାହାଯ୍ୟ କରିଥାଏ କନ୍ଦମୂଳ। ଆପଣ ଏହାକୁ ଡାଏଟରେ ମଧ୍ୟ ସାମିଲ୍ କରିପାରିବେ। କନ୍ଦମୂଳ ଖାଇବା ଦ୍ୱାରା ଇମ୍ୟୁନିଟି ମଜବୁତ୍ ରହିଥାଏ। ଏଥିରୁ ମିଳୁଥିବା ଭିଟାମିନ୍ ସି' ଏବଂ ଇ' ଆପଣଙ୍କ ତ୍ୱଚାକୁ ସୁନ୍ଦର ରଖିବାରେ ସାହାଯ୍ୟ କରିଥାଏ। ଏହା ସହ ଏଥିରେ ମିଠାର ପରିମାଣ କମ୍ ଥିବାରୁ ଓଜନ କମ୍ ହୋଇଯାଇଥାଏ।

# ଶ୍ରବଣ ଶକ୍ତିଜନିତ ସମସ୍ୟା ଭୋଗୁଛନ୍ତି କି?





ବିଭିନ୍ନ ଶବ୍ଦକୁ ଶୁଣିବା ପାଇଁ ଆମର ଶ୍ରବଣ ଶକ୍ତି ଥାଏ। ଯଦି ଦୈବାତ୍ ଆମର ଶ୍ରବଣ ଶକ୍ତି ନଷ୍ଟ ହୋଇଯାଏ ତେବେ ଆମକୁ ପୃଥିବୀ ସ୍ତବ୍ଧ ହୋଇଗଲା ପରି ଲାଗେ। ଆମେ ଆଉ ଶୁଣିପାରୁନା ଶୃତି ମଧୁର ସଙ୍ଗୀତ, ନିଜ ଲୋକ ମାନଙ୍କର ଆଳାପ ଆଲୋଚନା ତଥା ଏହିପରି କେତେ କ'ଣ। ଶ୍ରବଣ ଶକ୍ତି ହରାଇଥିବା ବ୍ୟକ୍ତି ହୋଇ ମାନବ ସମାଜ ଠାରୁ ଭିନ୍ନ, ସେ ଆଉ ଜଣେ ସାଧାରଣ ମଣିଷ ହୋଇ ରହେନାହିଁ, ହୋଇଯାଏ ଶରୀରିକ ବିକଳାଙ୍ଗ।

ଶ୍ରବଣେନ୍ଦ୍ରିୟ ଆମ ଶରୀରର ଏକ ଅତି ସୂକ୍ଷ୍ମ ଏବଂ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯାହାଦ୍ୱାରା ଆମେ ଶୁଣିବା ସହ ମୁଣ୍ଡର ସ୍ଥିରତା ବଜାୟ ରଖିଥାଏ। ଶୁଣିବା ଏବଂ କଥା କହିବା ଅଙ୍ଗାଙ୍ଗିଭାବେ ମଧ୍ୟ ଜଡ଼ିତ। ପିଲାବେଳରୁ ସାଧାରଣତଃ ୫୦%ରୁ ଉର୍ଦ୍ଧ୍ୱ ସ୍ନାୟୁଗତ ଶ୍ରବଣ ହାନି ଥିଲେ ପିଲା କଥା କହିବା ଶିଖିପାରେ ନାହିଁ। ତା'ଠାରୁ କମ ଶ୍ରବଣ ହାନି ଥିଲେ ମଧ୍ୟ ପିଲା ଡେ଼ରିରେ କହିବା ସହ ପାଟି ଲଗାଇ କହେ। ଏହାଛଡ଼ା ଯେ କୌଣସି ପ୍ରକାରର ଏବଂ ଯେ କୌଣସି ମାତ୍ରାର ଶ୍ରବଣ ହାନି ହେଲେ ମଧ୍ୟ ପିଲା ବେଳେ ଏହା ଶିଶୁର ମସ୍ତିଷ୍କ ପ୍ରଗତିରେ ବ୍ୟାଘାତ ଘଟାଇଥାଏ। ସ୍କୁଲ ପଢ଼ା ପଢ଼ିରେ ମଧ୍ୟ ବ୍ୟାଘାତ ଘଟେ। ବୟସ୍କ ମାନଙ୍କର ଶ୍ରବଣ ହାନି ହେଲେ ମଧ୍ୟ ଉଚ୍ଚାରଣଗତ ସମସ୍ୟା ହେବା ସଙ୍ଗେ ସଙ୍ଗେ ଡିମେନସିଆ ଭଳି ସ୍ନାୟୁଗତ ସମସ୍ୟା ଦେଖାଦେଇଥାଏ। କାନ ସମସ୍ୟା ହେଲେ ଶୁଣିବା ଅସୁବିଧା ହେବା ସଙ୍ଗେ ସଙ୍ଗେ ସ୍ଥଳ ବିଶେଷରେ କାନରେ ଅସ୍ୱାଭାବିକ ଶବ୍ଦ ହେବା, ମୁଣ୍ଡ ବୁଲାଇବା, କାନ କୁଣ୍ଡାଇ ହେବା, କାନ ବିନ୍ଧିବା, ବାନ୍ତି ଲାଗିବା ଅଥବା ବାନ୍ତି ହେବା, କାନ ଗରମ ଲାଗିବା ଭଳି ଲକ୍ଷଣମାନ ଦେଖାଦିଏ। ବିଭିନ୍ନ କାରଣରୁ ବିଭିନ୍ନ ପ୍ରକାରର ଶ୍ରବଣ ହାନି ପ୍ରକଟିତ ହୋଇଥାଏ।

**ଶ୍ରବଣ ଶକ୍ତି ହ୍ରାସର ଲକ୍ଷଣ:** ଶ୍ରବଣ ଶକ୍ତି ନଷ୍ଟ ହେବାର ଲକ୍ଷଣ ମାନଙ୍କ ମଧ୍ୟରେ ଉଭୟ କାନ କିମ୍ବା ଗୋଟିଏ କାନରେ ଯନ୍ତ୍ରଣା ଅନୁଭୂତ ହେବା। କାନ ବଧିରା ଲାଗିବା, କାନରେ ରିଂ ରିଂ ଶବ୍ଦ ହେବା। ଉଭୟ କାନ କିମ୍ବା ଗୋଟିଏ କାନରେ ଚାପ ଅନୁଭୂତ ହେବା କିମ୍ବା କାନ ଭର୍ତ୍ତି ହୋଇଯିବା ଭଳି ଲାଗିବା। ଉପରୋକ୍ତ ଲକ୍ଷଣ ମାନ ଦେଖାଦେଲେ ଜଣାଯାଏ ଯେ କାନର ଶ୍ରବଣ ଶକ୍ତି ନଷ୍ଟ ହୋଇଛି। ଶ୍ରବଣ ଶକ୍ତି ନଷ୍ଟ ହେବାଦ୍ୱାରା ଆପଣ ନିଜ ପରିବାର ଏବଂ ସମାଜ ଠାରୁ ଏକ ପ୍ରକାର ଦୂରେଇ ଯାଆନ୍ତି। କାରଣ ଆପଣଙ୍କୁ କିଛି ନଶୁଭିବା ଯୋଗୁଁ ଆପଣଙ୍କ ସହିତ କେହି ବେଶୀ କଥାବାର୍ତ୍ତା କରିବାକୁ ପସନ୍ଦ କରନ୍ତି ନାହିଁ। କେବଳ ଠାର ମାଧ୍ୟମରେ ଯାହା କିଛି ଭାବର ଆଦାନ ପ୍ରଦାନ କରାଯାଇଥାଏ। ଶ୍ରବଣ ଶକ୍ତି ହ୍ରାସ ଦ୍ୱାରା ମଧ୍ୟ ମଣିଷର ମନୋବଳ ଦୁର୍ବଳ ହୋଇଯାଇଥାଏ ଏବଂ ସେ ନିଜକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରିଥାଏ, କାରଣ କୌଣସି ବିଷୟରେ ଶୁଣିବା ଏବଂ କିଛି ମତାମତ ଦେବାରେ ଭୁଲ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ।

**ଚିକିତ୍ସା:** ଶ୍ରବଣ ଶକ୍ତି ନଷ୍ଟ ହେବାର ସମ୍ଭାବନା ଦେଖାଦେଲେ ଇଏନଟି ବିଶେଷଜ୍ଞ ଡାକ୍ତର ଏକ ଅଡ଼ିଓଗ୍ରାମ ଟେଷ୍ଟ କରିବା ପାଇଁ ପରାମର୍ଶ ଦେଇଥାନ୍ତି। ଏହାଦ୍ୱାରା ଡାକ୍ତର ଶ୍ରବଣଶକ୍ତିର ଡେସିବଲ (ଶ୍ରବଣ ଶକ୍ତି ମାପର ଏକକ) ଡିଗ୍ରୀ ଅନୁସାରେ ଚିକିତ୍ସା କରିଥାନ୍ତି। ଶ୍ରବଣଶକ୍ତି ହ୍ରାସ ହୋଇଥିବା ବ୍ୟକ୍ତିମାନେ କେବଳ ଉଚ୍ଚତର ଶବ୍ଦ ତରଙ୍ଗକୁ ଶୁଣି ପାରିଥାନ୍ତି କିନ୍ତୁ ସାଧାରଣ ଶବ୍ଦକୁ ଶୁଣି ପାରିନଥାନ୍ତି। ସାଧାରଣ ମଣିଷ ୦-୨୦ ଡେସିବଲ ଡିଗ୍ରୀର ଶବ୍ଦ ତରଙ୍ଗ ଶୁଣିପାରିଥାନ୍ତି। ମଣିଷର ନିଶ୍ୱାସ ପ୍ରଶ୍ୱାସର ଶବ୍ଦ ୧୦ ଡେସିବଲ ହୋଇଥାଏ। ଏହାଠାରୁ ଆହୁରି କ୍ଷୀଣ ଶବ୍ଦ ମଧ୍ୟ ଶୁଣିପାରେ। କିନ୍ତୁ ଶ୍ରବଣଶକ୍ତି ହରାଉଥିବା ବ୍ୟକ୍ତିମାନେ ଅତିକମ୍‌ରେ ୪୧-୫୫ ଡେସିବଲ ଡିଗ୍ରୀର ଶବ୍ଦ ତରଙ୍ଗକୁ ଶୁଣିବାରେ ସକ୍ଷମ ହୁଅନ୍ତି ଏହା ଠାରୁ କମ୍ ଡେସିବଲ ଶବ୍ଦ ସେମାନେ ଶୁଣି ପାରନ୍ତି ନାହିଁ। ସେହିପରି ଅତ୍ୟଧିକ ଶ୍ରବଣଶକ୍ତି ହ୍ରାସ ହୋଇଥିବା ବ୍ୟକ୍ତିମାନେ ୭୧-୯୦ ଡେସିବଲ ଶବ୍ଦ ଶୁଣିପାରନ୍ତି ଯାହାକି ଏକ ସାଧାରଣ ମଣିଷ ପାଇଁ ଶୃତିକଟୁ ହୋଇଥାଏ।

**ଶ୍ରବଣ ହୀନତାର ଶ୍ରେଣୀ ବିଭାଗ:**

ଶ୍ରବଣ ହୀନତାକୁ ବିଶେଷ କରି ତିନି ଭାଗରେ ବିଭକ୍ତ

**କଣ୍ଡକ୍ଟିଭ ହିୟରିଂ ଲସ୍ :** କର୍ଣ୍ଣ ନଳୀରେ କୌଣସି ଅସୁବିଧା ଦେଖାଦେଲେ ଏହି ପ୍ରକାରର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ। ଏହା ବ୍ୟତୀତ କର୍ଣ୍ଣ, ପଟହ, କିମ୍ବା ମଧ୍ୟ କର୍ଣ୍ଣରେ କୌଣସି ଅସୁବିଧା ଥିଲେ ଏହି ଧରଣର ଅସୁବିଧା ଦେଖାଯାଏ। ଯଦି କାନରେ ସଂକ୍ରମଣ ହୋଇଥାଏ, ଟ୍ୟୁମର ହୋଇଥାଏ କିମ୍ବା କାନରେ କୌଣସି ପ୍ରକାର ତରଳ ପଦାର୍ଥ ଯେପରିକି ତେଲ କିମ୍ବା କାନରେ ମଇଳା ଅଧିକ ହୋଇଯାଇଥିଲେ ଏହି ପ୍ରକାରର ଶ୍ରବଣ ହୀନତା ଦେଖାଦେଇଥାଏ। ତେବେ ଏହି ପ୍ରକାରର ଶ୍ରବଣ ହୀନତା ସେତେ ବେଶୀ ଗୁରୁତର ନୁହେଁ। ସାମାନ୍ୟ ଚିକିତ୍ସା ମାଧ୍ୟମରେ ଆପଣ ପୁଣି ପୂର୍ବ ଭଳି ଆପଣଙ୍କ ଶ୍ରବଣ ଶକ୍ତି ଫେରିପାଇବେ।

**ସେନ୍ସରୀନ୍ୟୁରାଲ ହିୟରିଂ ଲସ୍:** ଅନ୍ତକର୍ଣ୍ଣରେ ଥିବା କୋଷ ଗୁଡ଼ିକ ନଷ୍ଟ ହେବା ଫଳରେ ଏହି ପ୍ରକାରର ଶ୍ରବଣ ହୀନତା ଦେଖାଦେଇଥାଏ। ଏହା ବ୍ୟତୀତ ଅଷ୍ଟମ ସ୍ନାୟୁ ଯଦି କ୍ଷତିଗ୍ରସ୍ତ ହୁଏ ତେବେ ଏହି ପ୍ରକାରର ଶ୍ରବଣ ହାନୀ ଘଟିଥାଏ। ସାଧାରଣତଃ ବୟସ ବଢ଼ିବା ସମୟରେ ନର୍ଭ ସିଷ୍ଟମର ପରିବର୍ତ୍ତନ ଯୋଗୁଁ ଏପରି ଅସୁବିଧା ଦେଖାଦେଇଥାଏ।

**ମିକ୍ସଡ଼ ହିୟରିଂ ଲସ୍ :** ପୂର୍ବୋକ୍ତ ଦୁଇଟି କାରଣକୁ ନେଇ ଏହି ଧରଣର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ। ଏହା ଅର୍ଥ କର୍ଣ୍ଣର ବର୍ହିପାର୍ଶ୍ୱ, ମଧ୍ୟ କର୍ଣ୍ଣ, ଅନ୍ତକର୍ଣ୍ଣରେ କିମ୍ବା ଅଡ଼ିଟରୀ ନର୍ଭରେ କୌଣସି ଅସୁବିଧା ଦେଖାଦେଲେ ଏହି ଧରଣର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ। ଗୋଟିଏ କାନ କିମ୍ବା ଦୁଇଟି ଯାକ କାନରେ ଶ୍ରବଣ ହୀନତା ଦେଖାଯାଇପାରେ। ଏହା ହଠାତ୍ ଆରମ୍ଭ ହୋଇଥାଏ ଏବଂ ଧୀରେ ଧୀରେ ବଢ଼ିବାରେ ଲାଗେ। ଯଦି ଏପରି ହୁଏ ତେବେ ଆପଣ ତୁରନ୍ତ ଜଣେ ଇଏନ୍‌ଟି ଡାକ୍ତରଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ହିସାବ ଅନୁଯାୟୀ ବିଶ୍ୱରେ ପ୍ରାୟ ୩୬କୋଟି ଲୋକ ଶ୍ରବଣହାନୀରେ ପୀଡିତ। ଯାହା ଏକ ପ୍ରକାର ବିକଳାଙ୍ଗତା ସୃଷ୍ଟି କରିଥାଏ। ପ୍ରାୟ ୧୦୦ କୋଟିରୁ ଅଧିକ ୧୨ରୁ ୩୫ ବର୍ଷୀୟ ଯୁବକ ଯୁବତୀ ମଧ୍ୟ ବିଭିନ୍ନ ଜାତିର ତୀବ୍ର ଶବ୍ଦ ଏବଂ ମୋବାଇଲ ଭଳି ରେଡ଼ିଏସନର ପ୍ରଭାବରେ ଅଳ୍ପ ବହୁତ ପ୍ରଭାବିତ ହୋଇଥାନ୍ତି। ତେଣୁ ଏଥିରୁ ବୁଝିବାକୁ ହେବ ଯେ ସମଗ୍ର ଜନସଂଖ୍ୟାର ପ୍ରାୟ ଶତକଡ଼ା ୬ ଭାଗ ଲୋକ ବଧୀରତାର ଶିକାର ହୋଇଥାନ୍ତି। ଏହି ଅବସରରେ ସାଧାରଣ ନାଗରିକଟିଏ ଯାବତ ଜୀବନ ଶୁଣିବା ପାଇଁ କାନର କିଛି ଅସୁବିଧା ଥାଉ ବା ନଥାଉ ଶ୍ରବଣ ପରୀକ୍ଷା ବା ଅଡ଼ିଓ ମେଟ୍ରିକ କରାଇନେବା ଉଚିତ। ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ତରଫରୁ ଏହି ଦିନ ମାଗଣା ଶ୍ରବଣ ପରୀକ୍ଷାମାନ କରାଯାଉଛି। ଏଠାରେ କହିରଖିବା ଉଚିତ ଯେ କାନର କେତେକ ବିଶେଷ ଲକ୍ଷଣ ଥିଲେ ଜଣେ ନିଶ୍ଚିନ୍ତ ଭାବରେ ଶ୍ରବଣ ପରୀକ୍ଷା କରାଇନେବା ବାଞ୍ଛନୀୟ।

# ଅଙ୍ଗନବାଡ଼ି କର୍ମୀଙ୍କ ବୟସ ସୀମା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବୀ ପତ୍ର

ଧର୍ମଗଡ଼,୩୦।୯ (ସଂଚାର ବ୍ୟୁରୋ): ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଭାରତୀୟ ମଜଦୁର ସଂଘ ସହବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏସନ୍ ପକ୍ଷରୁ ଧର୍ମଗଡ଼ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ଅଙ୍ଗନୱାଡି ସହାୟିକାଙ୍କ ପଦୋନ୍ନତି ପାଇଁ ଥିବା ବୟସ ସୀମାକୁ ୪୫ ବର୍ଷକୁ ବୃଦ୍ଧି କରିବା, ପ୍ରତିବର୍ଷ ନିୟମିତ ଭାବେ ସୁପରଭାଇଜର ପଦୋନ୍ନତି ପ୍ରଦାନ କରିବା ଏବଂ ଗତ ୩ ବର୍ଷ ଧରି ବକେୟା ରହିଥିବା ୟୁନିଫର୍ମ ରାଶି ତୁରନ୍ତ ପ୍ରଦାନ କରିବା ପ୍ରମୁଖ ରହିଛି।ସେହିପରି ବର୍ଷ ବର୍ଷ ଧରି ବକେୟା ଥିବା ମୋବାଇଲ୍ ନେଟ୍ ପ୍ୟାକ୍ ରାଶି ପ୍ରଦାନ, ୫ ମାସ ଧରି ବକେୟା ଥିବା ପୋଷଣ ଇନସେଣ୍ଟିଭ୍ ତୁରନ୍ତ ପ୍ରଦାନ ଏବଂ ଜଏଣ୍ଟ ଆକାଉଣ୍ଟକୁ ଆସୁଥିବା ଅର୍ଥର ସମ୍ପୂର୍ଣ୍ଣ ବିବରଣୀ ଅଙ୍ଗନୱାଡି କର୍ମୀମାନଙ୍କୁ ପ୍ରଦାନ କରିବାକୁ ଦାବି କରାଯାଇଛି। ବିଭିନ୍ନ ଜିଲ୍ଲାରେ ଏସ୍ଏନ୍ପି ଓ ଏମ୍ଏସ୍ପିଆ ବାବଦର ଅର୍ଥ ଏବଂ ଚାଉଳ ଠିକ୍ ସମୟରେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ଯୋଗାଇଦେବା ସହ ଏହାର ସୁଚାରୁ ବଣ୍ଟନ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ରହିଛି। ଏଥିସହ ବକେୟା ରହିଥିବା ମାତୃତ୍ୱ ଛୁଟି ସୁବିଧା, ଅବସରକାଳୀନ ସହାୟତା ଓ ମୃତ୍ୟୁକାଳୀନ ସହାୟତା ତୁରନ୍ତ ପ୍ରଦାନ କରିବାକୁ ସଂଘ ଦାବି କରିଛି। ଅଙ୍ଗନୱାଡି କର୍ମୀମାନଙ୍କ ଅବସର ବୟସ ସମ୍ପର୍କରେ ମଧ୍ୟ ସଂଘ ପକ୍ଷରୁ ଦାବି ଉଠାଯାଇଛି। ପୂର୍ବରୁ ଅବସର ବୟସ ୫୫ ବର୍ଷ ରହିଥିବା ବେଳେ ବର୍ତ୍ତମାନ ଅଙ୍ଗନୱାଡି କର୍ମୀମାନଙ୍କୁ ୬୨ ବର୍ଷ ବୟସ ପର୍ଯ୍ୟନ୍ତ ସେବାରେ ରଖିବା ଓ ଏହା ପରେ ଅବସର ପ୍ରଦାନ ସମ୍ପର୍କରେ ସ୍ପଷ୍ଟ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଶିଶୁଙ୍କ ପୋଷଣ, ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଓ ମହିଳା-ଶିଶୁ କଲ୍ୟାଣ ସମ୍ପର୍କିତ ବିଭିନ୍ନ କାର୍ଯ୍ୟରେ ଦୀର୍ଘଦିନ ଧରି ଦାୟିତ୍ୱ ତୁଲାଇ ଆସୁଥିବାରୁ ସେମାନଙ୍କ ସମସ୍ୟାଗୁଡ଼ିକର ସରକାର ତୁରନ୍ତ ସମାଧାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ତେବେ ଦାବିଗୁଡ଼ିକ ପ୍ରତି ସରକାର ଓ ସମ୍ପୃକ୍ତ ବିଭାଗ ଗୁରୁତ୍ୱ ନଦେଇ ତୁରନ୍ତ ସମାଧାନ ନକଲେ ଆଗାମୀ ଦିନରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ତାମିଲନାଡୁ ଯାଉଥିବା ଦାଦନଙ୍କୁ ଉଦ୍ଧାର କଲା ପୁଲିସ

କଳାହାଣ୍ଡି,୧।୧୦(ସଂଚାର ବ୍ୟୁରୋ): କୌଣସି ସୂତ୍ରରୁ ଖବର ପାଇ ସୋମବାର ସନ୍ଧ୍ୟା ରେ କେସିଙ୍ଗା ଜଲକୋ ଛକ ନିକଟରେ ପୁଷ୍ପାଞ୍ଜଳି ନାମକ ଏକ ଘରୋଇ ଯାତ୍ରୀବାହୀ ବସକୁ ଅଟକାଇ ଯାଞ୍ଚ କରିଥିଲା କେସିଙ୍ଗା ପୋଲିସ। ଯାଞ୍ଚ ସମୟରେ ବସରେ ବହୁ ସଂଖ୍ୟାରେ ଦାଦନ ଶ୍ରମିକ ଥିବା ଜଣାପଡ଼ିଥିଲା। ଏହା ପରେ ପୋଲିସ ବସ ସହିତ ସମସ୍ତ ଶ୍ରମିକଙ୍କୁ ଥାନାକୁ ଆଣି ସେମାନଙ୍କର ପରିଚୟପତ୍ର ତଥା ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରିଥିଲା। ସମୁଦାୟ ୩୬ ଜଣ ଶ୍ରମିକ ବସରେ ରହିଥିଲେ। ଏହି ସମସ୍ତ ଶ୍ରମିକ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ରାଜ ମୋଟେର ଅଞ୍ଚଳର। ସମସ୍ତେ ଧର୍ମଗଡ଼ ରୁ ବସ ଯୋଗେ ଆସି କେସିଙ୍ଗା ରେଳ ଷ୍ଟେସନରୁ ଟ୍ରେନ ଯୋଗେ ତାମିଲନାଡୁ ର କୋଇମ୍ବାଟୁର ଯିବା ପାଇଁ ବାହାରିଥିଲେ। ପୋଲିସ ପ୍ରାଥମିକ ତଦନ୍ତ ପରେ ଘଟଣା ସମ୍ପର୍କରେ ଜିଲ୍ଲା ଶ୍ରମ ବିଭାଗକୁ ସୂଚନା ଦେଇଛି। ଶ୍ରମ ବିଭାଗର ଅଧିକାରୀମାନେ ପହଞ୍ଚି ସମସ୍ତ ନଥିପତ୍ର ଓ ଆଇନଗତ ପ୍ରକ୍ରିୟା ଯାଞ୍ଚ କରିବା ପରେ ସରକାରୀ ନିୟମ ଅନୁଯାୟୀ ଏମାନଙ୍କୁ ଛଡ଼ାଯିବ ବୋଲି ସୂଚନା ମିଳିଛି। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ସରିବା ମାତ୍ରେ ପ୍ରତିବର୍ଷ ଶ୍ରମିକମାନେ ଦଲାଲଙ୍କ ପ୍ରଲୋଭନରେ ପଡ଼ି ବାହାର ରାଜ୍ୟକୁ ଚାଲିଯାଉଛନ୍ତି।ଦାଦନ ଶ୍ରମିକ ମାନଙ୍କ କହିବା ଅନୁସାରେ ସ୍ଥାନୀୟ ଅଞ୍ଚଳରେ ନିୟମିତ କାମଧନ୍ଦା ନ ମିଳିବା, କୃଷି କ୍ଷେତ୍ରରେ ଅନିଶ୍ଚିତତା ଏବଂ ସରକାରୀ ଯୋଜନାର ସଠିକ୍ କାର୍ଯ୍ୟକାରିତା ଅଭାବ ଓ ଉପଯୁକ୍ତ ପାରିଶ୍ରମିକ ନ ମିଳିବା ଯୋଗୁଁ ଲୋକେ ଭିଟାମାଟି ଛାଡୁଥିବା ପ୍ରକାଶ କରିଛନ୍ତି।

# ହିଞ୍ଜିଳିରେ ଖୋଲିବ ବ୍ଲଡ୍ ବ୍ୟାଙ୍କ ୟୁନିଟ

ହିଞ୍ଜିଳିକାଟୁ,୧।୧୦(ସଂଚାର ବ୍ୟୁରୋ): ବିସ୍ତୀର୍ଣ୍ଣ ମରୁଭୂମିରେ ମୁଣ୍ଡ ଟେକି ଠିଆ ହୋଇ ରହିଥିବା ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଖୁବ ଶୀଘ୍ର ଖୋଲିବ ବ୍ଲଡ୍ ବ୍ୟାଙ୍କ ୟୁନିଟ। ଏନେଇ ବ୍ରହ୍ମପୁର ରକ୍ତ ସଞ୍ଚାଳନ ବିଭାଗ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟ ଅଧ୍ୟକ୍ଷଙ୍କୁ ପତ୍ର ସଂଖ୍ୟା - ୯୧୮/ ତା - ୨୯.୦୯.୨୬ରିଖରେ ଅନୁମତି ମିଳିଥିବା ନେଇ ଜଣାପଡ଼ିଛି। କିଛି ଦିନ ତଳେ ପ୍ରଥମ ଗର୍ଭବତୀଙ୍କ ସଫଳ ଅସ୍ତ୍ରୋପଚାର ହୋଇଥିବା ବେଳେ ବ୍ଲଡ୍ ବ୍ୟାଙ୍କ ୟୁନିଟ ଖୋଲିଲେ ଗର୍ଭବତୀଙ୍କୁ ଆଉ ହଇରାଣ ହୋଇ ବ୍ରହ୍ମପୁର ଯିବାକୁ ପଡ଼ିବ ନାହିଁ। ସେମାନେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ସିଜରିଆନ ଡେଲିଭରି ହୋଇପାରିବେ ନେଇ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଶ୍ରୀକାନ୍ତ ସାହୁ କହିଛନ୍ତି।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ହିଞ୍ଜିଳିକାଟୁ,୩୦।୯ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ତାଲୁକା ଆଇନ କମିଟି ଓ ପଞ୍ଚାୟତ ସମିତି ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ବ୍ଲକ ପରିସରରେ ପାଳିତ ହୋଇଯାଇଛି। ଅତିଥି ଭାବେ ତାଲୁକା ଆଇନ କମିଟି ଅଧ୍ୟକ୍ଷ ତଥା ସବଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକ, ପୌରପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲାଇ, ବିଡିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ, ମେଡିକାଲ ଅଧିକ୍ଷକ ଡା. ଶ୍ରୀକାନ୍ତ ସାହୁ, ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେହେରା, ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠି, ବରିଷ୍ଠ ଆଇନଜୀବୀ ଦ୍ୱିତୀକୃଷ୍ଣ ସାବତ ମଞ୍ଚାସିନ ରହିଥିଲେ। ଏହି ଦିବସର ତାତ୍ପର୍ଯ୍ୟ ସହିତ ବରିଷ୍ଠ ନାଗରିକମାନଙ୍କ ପ୍ରତି ନିଜ ନିଜର ଦାୟିତ୍ୱ କର୍ତ୍ତବ୍ୟ କ'ଣ ରହିବା ଉଚିତ ସେ ବିଷୟରେ ଅତିଥି ମାନେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକମାନେ ସମାଜ ପାଇଁ ସେମାନଙ୍କ ଅଭିଜ୍ଞତାର ଦିଗଦର୍ଶନର ଆବଶ୍ୟକତା ରହିଛି। ସେମାନଙ୍କୁ ଅବହେଳା କଲେ ସମାଜ ଉପରେ ନକରାତ୍ମକ ପ୍ରଭାବ ପଡ଼ିବ ବୋଲି ଅତିଥିମାନେ ମତ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ଦିଗାମ୍ବରଙ୍କୁ ଉପଖଣ୍ଡସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର

ସୁନ୍ଦରଗଡ଼,୩୦।୯ (ସଂଚାର ବ୍ୟୁରୋ): ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ସମାଜସେବା, ପ୍ରକୃତି, ଜଙ୍ଗଲ, ଜୈବବିବିଧତା ଓ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ନିରନ୍ତର କାର୍ଯ୍ୟ କରିଆସୁଥିବା ବିଶିଷ୍ଟ ପରିବେଶବିତ୍ ତଥା ସୁନ୍ଦରଗଡ଼ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବକ'ର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ଦିଗାମ୍ବର ଉପାଧ୍ୟାୟଙ୍କୁ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉପଖଣ୍ଡସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ରାଉରକେଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ସର୍କଲସ୍ତରୀୟ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏବଂ ରାଉରକେଲା ଉପମହାନିରୀକ୍ଷକ ବ୍ରିଜେଶ ରାୟ ତାଙ୍କୁ ମାନପତ୍ର ସହ ୨୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରାଉରକେଲା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପି. ରାମାସ୍ୱାମୀ, ରାଉରକେଲା, ସୁନ୍ଦରଗଡ଼, ବଣାଇ, କେନ୍ଦୁଝର ଓ ଦେବଗଡ଼ ବନଖଣ୍ଡର ବନଖଣ୍ଡ ଅଧିକାରୀମାନଙ୍କ ସମେତ ବନ ବିଭାଗର ବହୁ ଅଧିକାରୀ, କର୍ମଚାରୀ ଓ ପରିବେଶପ୍ରେମୀ ଉପସ୍ଥିତ ଥିଲେ। ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଝୁରିମାଲ ଗାଁ ର ଶ୍ରୀ ଉପାଧ୍ୟାୟ ପିଲାଟି ଦିନରୁ ପ୍ରକୃତି ଓ ଜଙ୍ଗଲ ପ୍ରତି ଗଭୀର ଅନୁରାଗ ରଖିଆସିଛନ୍ତି।

## ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ରମେଶ ନାଗଙ୍କୁ ପୁରସ୍କୃତ

ସଇଁତଲା,୩୦।୯ (ସଂଚାର ବ୍ୟୁରୋ): ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଶିଶକେଲା ଗ୍ରାମର ରମେଶ ନାଗଙ୍କୁ ଉପଖଣ୍ଡସ୍ତରୀୟ 'ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର-୨୦୨୬' ପ୍ରଦାନ କରାଯାଇଛି। ଭବାନୀପାଟଣାସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସଭାରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସନ୍ତୋଷ ଯୋଶୀ ଶ୍ରୀ ନାଗଙ୍କୁ ମାନପତ୍ର ସହ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ବନ୍ୟପ୍ରାଣୀ ସୁରକ୍ଷା, ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ରମେଶ ନାଗଙ୍କ ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ବଲାଙ୍ଗୀର ଡିଏଫ୍ଓ, କଳାହାଣ୍ଡି ଉତ୍ତର ଓ ଦକ୍ଷିଣ ଡିଏଫ୍ଓ, ଖରିଆର ଡିଏଫ୍ଓ, ସୁନାବେଡ଼ା ଡିଏଫ୍ଓଙ୍କ ସମେତ ଭବାନୀପାଟଣା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟ ଅଧୀନ ବିଭିନ୍ନ ବନଖଣ୍ଡର ବନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ରମେଶ ନାଗଙ୍କୁ ଏହି ସମ୍ମାନ ମିଳିବା ପରେ ଶିଶକେଲା ତଥା ସଇଁତଲା ଅଞ୍ଚଳରେ ଖୁସି ପ୍ରକାଶ ପାଇଛି। ବନ୍ୟପ୍ରାଣୀ ଓ ପ୍ରାକୃତିକ ପରିବେଶର ସୁରକ୍ଷା ପାଇଁ ତାଙ୍କର ପ୍ରୟାସ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ ପାଇଛି।

## ଘୁଷୁରୀ ପାଇଁ ବାଇକ୍‌ରୁ ପଡ଼ିଲେ ପୁଲିସ କର୍ମଚାରୀ

ବାଲିଅନ୍ତା,୩୦।୯ (ସଂଚାର ବ୍ୟୁରୋ): ଭୁବନପୁର-ଧବଳହାର ରାସ୍ତାରେ ଏକ ଘୁଷୁରୀ ହଠାତ୍ ବାଇକ୍ ସାମ୍ନାକୁ ଆସିଯିବାରୁ ଜଣେ ପୋଲିସ କର୍ମଚାରୀ ଦୁର୍ଘଟଣାର ଶିକାର ହୋଇ ଆହତ ହୋଇଛନ୍ତି। ସୂଚନାନୁଯାୟୀ, ବାଲିଅନ୍ତା ଥାନାରେ ଡ୍ୟୁଟି ସାରି ସେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଭୁବନପୁର-ଧବଳହାର ରାସ୍ତାରେ ହଠାତ୍ ଏକ ଘୁଷୁରୀ ବାଇକ୍ ସାମ୍ନାକୁ ଆସିବାରୁ ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡ ଓ କାନ୍ଧରେ ଗଭୀର ଆଘାତ ଲାଗିଛି। ଘଟଣା ଦେଖି ପଥଚାରୀମାନେ ତୁରନ୍ତ ୧୧୨କୁ ଫୋନ୍ କରିଥିଲେ। ଖବର ପାଇ ବାଲିଅନ୍ତା ପୋଲିସ ପହଞ୍ଚି ଆହତ କର୍ମଚାରୀଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ତାଙ୍କ ଘର ବାଲିପାଟଣା ଅଞ୍ଚଳରେ ବୋଲି ଜଣାପଡ଼ିଛି।

# ଭଙ୍ଗା କୁଡିଆରେ ଚାଲିଛି ପିଲାଙ୍କ ଭବିଷ୍ୟତ ଗଢ଼ା

**ସରକାରୀ ଯୋଜନା ହେଉଛି ବାଟବଣା**

ବାଲିଆପାଳ,୩୦।୯ (ସଂଚାର ବ୍ୟୁରୋ): ସରକାରୀ ଗ୍ରାମାଞ୍ଚଳର କମଳ ମୋତି ଶିଶୁଙ୍କ ବିକାଶ ପାଇଁ ପ୍ରତ୍ୟେକ ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିଛନ୍ତି। ଶିଶୁ ମାନଙ୍କୁ ବିଭିନ୍ନ ଯୋଜନା ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟର ଯତ୍ନ ନିଆଯାଉଛି। ହେଲେ ତାହା ହେବୁ ଜାଗାରେ ବାଟବଣା ହେବାର ଦେଖାଯାଉଛି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତର କାହ୍ନୁପାଣ୍ଡ ସ୍ଥିତ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ। ଦୀର୍ଘ ବର୍ଷ ଧରି ପୂଜା ମଣ୍ଡପ ପାର୍ଶ୍ୱରେ ଥିବା କଚ୍ଚା କୁଡିଆ ଘରେ ହେଉଆସୁଛି ଅଙ୍ଗନବାଡ଼ି କେନ୍ଦ୍ର। ଉକ୍ତ ଘରଟି ଆଜବେଷ୍ଟ ଛାଉଣୀ ଏବଂ କାନ୍ଥ ଫାଟି ଆଁ କଲାଣି। ଚଟାଣ ମାଟି କାଦୁଅରେ ସରସର ହେଉଛି। ଅସ୍ୱାସ୍ଥ୍ୟକର ପରିବେଶରେ କମଳ ମୋତି ଶିଶୁ ଙ୍କ ଭବିଷ୍ୟତ ଗଢ଼ା ଚାଲିଛି। ବର୍ଷା ହେଲେ ଶିଶୁ ମାନଙ୍କୁ ଅଭିଭାବକ ଛାଡିବା ପାଇଁ ମଧ୍ୟ ଅରାଜି ହେଉଛନ୍ତି। ଫଟା କାନ୍ଥ ଭିତରୁ ବିଷାକ୍ତ ସାପ, ବିଛା ମାନେ ବାସ କରୁଛନ୍ତି। ଏନେଇ ଗ୍ରାମର ସମାଜସେବୀ ସୃଷ୍ଟିଧର ଦେ ବାଲିଆପାଳ ତହସିଲଦାର, ବିଡିଓ, ସିଡିପିଓଙ୍କୁ ଗ୍ରାମବାସୀ ଙ୍କ ସ୍ୱାକ୍ଷରିତ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ପାରୁନାହିଁ। ଅଧିକାରୀ ବଦଳୁଛି ହେଲେ ବଦଳୁ ନାହିଁ ପିଲାଙ୍କ ଭବିଷ୍ୟତ। ଏହାକୁ କେନ୍ଦ୍ର କରି ବୁଧବାର ଅଭିଭାବକ ଏବଂ ଗ୍ରାମବାସୀଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଯାହାରିଗ୍ରୁ ସ୍ଥାୟୀ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ସରକାରଙ୍କ ଏବଂ ପ୍ରଶାସନଙ୍କ ସୁଧିର ମହାନ୍ତି, ସନ୍ଧ୍ୟାରାଣୀ ପଟ୍ଟନାୟକଙ୍କ, ଅଭୟ ଦାଶ ମହାପାତ୍ର, ଦେବସ୍ମିତା ପଟ୍ଟନାୟକ, ଅଶୋକ ମଣ୍ଡଳ ପ୍ରମୁଖ ଦାବି କରିଛନ୍ତି। ସୁଚନା ଥାଉ କି ସ୍ଥାୟୀ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଉଦ୍ଦିଷ୍ଟ ଥିବା ସରକାରୀ ଜାଗାକୁ କୌଶଳ ପୂର୍ବକ ସ୍ଥାନୀୟ ମୁଷ୍ଟିମେୟ ଲୋକ ତାଙ୍କ ନାମରେ ପଟ୍ଟା କରି ଦଖଲ କରିନେଇଛନ୍ତି। ଏନେଇ ବାଲିଆପାଳ ସିଡ଼ିପିଓ ସୁନିତା ନାୟକ କହିଛନ୍ତି ଜାଗା ବିବାଦ ଥିବାରୁ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ହୋଇପାରିନାହିଁ। ସ୍ଥାୟୀ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ନହେବା ପର୍ଯ୍ୟନ୍ତ ଗ୍ରାମବାସୀ ଙ୍କ ସହଯୋଗ କ୍ରମେ ଅନ୍ୟତ୍ର କେନ୍ଦ୍ର ପରିଚାଳନା କରାଯିବାର ବ୍ୟବସ୍ଥା ଶିଘ୍ର କରାଯିବ ବୋଲି କହିଛନ୍ତି।

## ବ୍ଲକରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବାଲିଆପାଳ, ୧।୧୦(ସଂଚାର ବ୍ୟୁରୋ): ସେପ୍ଟେମ୍ବର ୧୭ ତାରିଖ ଠାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୋଜିତ ସ୍ୱଚ୍ଛତା ହିଁ ସେବା ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୁଧବାର ବାଲିଆପାଳ ବ୍ଲକ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକବିଡିଓ ରାଧାରାଣୀ ଦାଶ, ଖାଦ୍ୟ ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା, ଏପିଓ ସୌମ୍ୟକାନ୍ତ ଦାସ, ସହକାରୀ ଯନ୍ତ୍ରୀ ଅମିତ ମୁର୍ମୁ, ଜିପିଡିଓ ପ୍ରୀୟବ୍ରତ ଗିରି, ବିପିଏମ ଉତ୍ତମ ସାହୁ, ଉପସ୍ଥିତ ଥିଲେ।

# ସାନ ଖଡକା ଗାଁରେ ମହିଳାଙ୍କ ମଦ ବିରୋଧୀ ଅଭିଯାନ

ନବରଙ୍ଗପୁର, ଉମରକୋଟ,୧।୧୦ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ମୁର୍ତ୍ତୁମା ପଞ୍ଚାୟତର ସାନ ଖଡକା (ପିନ୍: ୭୬୪୦୭୩) ଗ୍ରାମରେ ମଦ ବିକ୍ରି ଓ ସେବନକୁ ରୋକିବା ପାଇଁ ମହିଳାମାନେଠ:- ଏକଜୁଟ ହୋଇ ଏକ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ମଦ୍ୟପାନ ଯୋଗୁଁ ଗାଁରେ ପରିବାରଗୁଡ଼ିକରେ କଳହ ଓ ଅଶାନ୍ତି ସୃଷ୍ଟି ହେବା ସହ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଏବଂ ଗମ୍ଭୀର ଆର୍ଥିକ ଅଭାବ ଅସୁବିଧା ଦେଖାଦେଉଛି। ଏହାକୁ ଦୃଷ୍ଟିରେ ରଖି ଗାଁର ମହିଳାମାନେ ଘରେ ଘରେ ବୁଲି ମଦ ବନ୍ଦ କରିବା ପାଇଁ ସଚେତନ କରିଛନ୍ତି। ଏହି ଅଭିଯାନରେ ମୁର୍ତ୍ତୁମା ପଞ୍ଚାୟତର ସରପଞ୍ଚ ରତନୀ ଭତ୍ରା ସ୍ୱୟଂ ଉପସ୍ଥିତ ରହି ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହିତ କଳାବତୀ ଭତ୍ରା, ଜୟନ୍ତୀ ଭତ୍ରା, ପଦମନ୍ ଭତ୍ରା, ରତନ ଭତ୍ରା, ଖେମା ବଞ୍ଜାରା, ରମେଶ ଭତ୍ରା, କମଲୁ ବଞ୍ଜାରା, ରତୁଲା ଭତ୍ରାଙ୍କ ସମେତ ଗାଁର ଅନେକ ମହିଳା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗାଁରେ ସମ୍ପୂର୍ଣ୍ଣ ମଦ ବ୍ୟବସାୟ ବନ୍ଦ ନ ହେବା ପର୍ଯ୍ୟନ୍ତ ଏହି ପ୍ରୟାସ ଜାରି ରହିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

# ଗୁଣିଗାରେଡ଼ି ଅଭିଯୋଗରେ ୨ ଅଟକ

ବାଲିପାଟଣା, ୧।୧୦(ସଂଚାର ବ୍ୟୁରୋ): ବାଲିପାଟଣା ଥାନା ଅଞ୍ଚଳର ଏକ ଗାଁରେ ୪ ନାବାଳିକା ଅସୁସ୍ଥ ହେବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ନାବାଳିକାମାନଙ୍କ ଅସୁସ୍ଥତା ପଛରେ ଗୁଣିଗାରେଡ଼ି ଥିବା ପରିବାର ଓ କିଛି ଗ୍ରାମବାସୀ ଅଭିଯୋଗ କରିଥିବା ବେଳେ ଏହାର ସତ୍ୟତା ଏଯାଏ ସ୍ପଷ୍ଟ ହୋଇନାହିଁ। ପରିବାର ପକ୍ଷରୁ ମିଳିଥିବା ସୂଚନାନୁସାରେ, ୪ ନାବାଳିକାଙ୍କ ମଧ୍ୟରୁ ଦୁଇଜଣଙ୍କ ହାତ ଓ ଗୋଡ଼ରେ କ୍ଷତ ହୋଇ ରକ୍ତସ୍ରାବ ହୋଇଥିଲା। ଅନ୍ୟ ଦୁଇଜଣଙ୍କ ଆଚରଣରେ ମଧ୍ୟ ପରିବର୍ତ୍ତନ ଦେଖାଦେଇଥିବା ଅଭିଯୋଗ କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ମଧ୍ୟ ସମସ୍ୟା ଦୂର ନହେବାରୁ ପରିବାର ପକ୍ଷରୁ ଗୁଣିଆଙ୍କୁ ଡକାଇ ପୂଜାପାଠ କରାଯାଇଥିଲା। ଏହାପରେ ଘଟଣାକୁ ଗୁଣିଗାରେଡ଼ି ସହ ଯୋଡ଼ି ଅଭିଯୋଗ ଉଠିଥିଲା। ଘଟଣା ସମ୍ପର୍କରେ ଦୁଇଜଣଙ୍କୁ ଗାଁକୁ ଡକାଇ ପଚରାଉଚରା କରାଯାଇଥିବା ଜଣାପଡ଼ିଛି। ସେମାନେ ଅଭିଯୋଗ ସମ୍ପର୍କରେ ସବୁ ସତ ସ୍ୱୀକାର କରିଥିବା ଗ୍ରାମବାସୀଙ୍କ ଓ ପରିବାର କହିଛନ୍ତି। ଖବର ପାଇ ବାଲିପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ପରେ ଆପୋଷ ସମାଧାନ ପରେ ସେମାନଙ୍କୁ ପରିବାର ପକ୍ଷରୁ ଜିମାରେ ନିଆଯାଇଥିବା ସୂଚନା ମିଳିଛି।

## ଭତ୍ତା ପାଇଁ ବୃଦ୍ଧାଙ୍କ ଆଖିରେ ଲୁହ

# ବାଡ଼ି ଧରି ବ୍ୟାଙ୍କ ଦୌଡ଼ୁଛନ୍ତି ୮୯ ବର୍ଷର ମା'

ଆନନ୍ଦପୁର,୧।୧୦(ସଂଚାର ବ୍ୟୁରୋ) ବୃଦ୍ଧାବସ୍ଥାରେ ସରକାରୀ ଭତ୍ତା ହିଁ ଅନେକ ଅସହାୟଙ୍କ ଜୀବନର ଏକମାତ୍ର ଆଶା। ହେଲେ ନିଜ ହକ୍‌ର ଭତ୍ତା ଟଙ୍କା ପାଇଁ ଯଦି ବୃଦ୍ଧାଙ୍କୁ ବାଡ଼ି ଧରି ବାରମ୍ବାର ବ୍ୟାଙ୍କ ଦୌଡ଼ିବାକୁ ପଡ଼େ, ତେବେ ଏହା ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ଏଭଳି ଏକ ମାର୍ମିକ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ସାସଙ୍ଗ ପଞ୍ଚାୟତ ଅନ୍ତର୍ଗତ ଛେନାପଦି ଜେନା ସାହିରେ। ସୂଚନା ଅନୁଯାୟୀ, ଗ୍ରାମର ଦୁଃଖୀ ଜେନାଙ୍କ ବୟସ ୮୯ ବର୍ଷ। ସେହିପରି ଝିଟିକା ଜେନାଙ୍କ ବୟସ ୬୭ ବର୍ଷ ହୋଇଥିବା ବେଳେ ବକିଟି ଜେନା ଓ ଘୁଟୁରି ଜେନାଙ୍କ ବୟସ ୮୦ ବର୍ଷ ବୋଲି ଜଣାପଡ଼ିଛି। ବୃଦ୍ଧାବସ୍ଥାରେ ଏହି ମହିଳାମାନଙ୍କ ପାଇଁ ସରକାରୀ ଭତ୍ତା ହିଁ ଜୀବନଧାରଣର ଏକ ପ୍ରମୁଖ ଆଶା। ତେବେ ଦୀର୍ଘ ସମୟ ଧରି ଭତ୍ତା ଟଙ୍କା ନମିଳିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ବ୍ୟାଙ୍କ ଖାତାକୁ ଭତ୍ତା ଟଙ୍କା ଆସିଛି କି ନାହିଁ ଜାଣିବା ପାଇଁ ସେମାନଙ୍କୁ ବାରମ୍ବାର ବ୍ୟାଙ୍କ ଯିବାକୁ ପଡୁଥିବା ଅଭିଯୋଗ ହୋଇଛି। ୮୯ ବର୍ଷ ବୟସରେ ଦୁଃଖୀ ଜେନା ବାଡ଼ି ଧରି ବ୍ୟାଙ୍କ ଯାଉଥିବା ଦୃଶ୍ୟ ଅତ୍ୟନ୍ତ ମାର୍ମିକ ହୋଇଛି। ଅନ୍ୟ ବୃଦ୍ଧାମାନେ ମଧ୍ୟ ଶାରୀରିକ ଅସୁବିଧା ସତ୍ତ୍ୱେ ନିଜ ହକ୍‌ର ଟଙ୍କା ପାଇଁ ଦୌଡ଼ିବାକୁ ବାଧ୍ୟ ହେଉଥିବା କହିଛନ୍ତି। ଯେଉଁ ବୟସରେ ଘରେ ବସି ବିଶ୍ରାମ ନେବା କଥା, ସେହି ବୟସରେ ନିଜ ଭତ୍ତା ଟଙ୍କା ପାଇଁ ବ୍ୟାଙ୍କ ଦୌଡ଼ିବାକୁ ପଡୁଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ଗୁଞ୍ଜିବାଡିଠାରୁ ଜିଡୁବାଡି ରାସ୍ତା ସାଜିଛି ମରଣଯନ୍ତା

ଫୁଲବାଣୀ,୩୦।୯ (ସଂଚାର ବ୍ୟୁରୋ): ଡଡବାଡି ନିକଟ ରାସ୍ତା ମଝିରେ ୪ ଫୁଟ ଖାଲ। ତୁରନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦୃଷ୍ଟି ଦେବାକୁ ଦାବି। ଫୁଲବାଣୀ - ସରକାରଙ୍କ ପକ୍ଷରୁ ଜନ ସାଧାରଣଙ୍କ ସୁବିଧା ପାଇଁ ରାସ୍ତା ଘାଟ ମରାମତି ଉଦ୍ଦେଶ୍ୟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି।ହେଲେ ଠିକାଦାରଙ୍କ ମୁନାଫା ଖୋର ନୀତି ଓ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ସରକାରୀ ଅର୍ଥ ସଠିକ୍ ବିନିଯୋଗ ହୋଇପାରୁ ନଥିବା ଯୋଗୁଁ ରାସ୍ତା ନିର୍ମାଣ କାର୍ଯ୍ୟ ଦୀର୍ଘ ସ୍ଥାୟୀ ବଦଳରେ କମ ଦିନରେ କେଉଁଠି ପିଚୁ ଉଠି ଯାଉଛିତ କେଉଁଠି ନିମ୍ନ ମାନର କାର୍ଯ୍ୟ ଯୋଗୁଁ ଖାଲଖମା ହୋଇ ଯାଉଛି।ଏହିପରି ରାସ୍ତା ଶୋଚନୀୟ ହୋଇ ପଡ଼ି ଥିବାରୁ ଧନ ଜୀବନ ହାନି ହେଉଥିଲେ ମଧ୍ୟ ପ୍ରଶାସନ ମରାମତି ପାଇଁ ଗୁରୁତ୍ୱ ଦେଉ ନଥିବା ଯୋଗୁଁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।ଏପରି ରାସ୍ତା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ଗୁଞ୍ଜିବାଡି ପଞ୍ଚାୟତ ଅନ୍ତର୍ଗତ ଜିଡୁବାଡି ଗ୍ରାମ୍ୟ ଉନ୍ନୟନ ରାସ୍ତା ସାଜିଛି ମରଣଯନ୍ତା। ଏହି ରାସ୍ତା ଉପରେ ଜିଡୁବାଡି, ଡଡବାଡି, ରାବତ ବାଡି ଓ କଣ୍ଡାବାଡି ସମେତ ଆଖପାଖ ବିଭିନ୍ନ ଗ୍ରାମ ଓ ପଡାର ଶତାଧିକ ଜନସାଧାରଣ ପ୍ରତିଦିନ ଯାତାୟତ ପାଇଁ ନିର୍ଭର କରିଥାନ୍ତି। ପୁଣି ଗତ ଲଗାଣ ବର୍ଷାରେ ଘାଟି ଉଠିଲା ପରେ ମଝି ରାସ୍ତା ଦବିଯାଇ ୪ ଫୁଟ ଖାଲ ସୃଷ୍ଟି ହୋଇଛି।ଏହା ସହ ସ୍ଥାନେ ସ୍ଥାନେ ପିଚୁ ଉଠି ଖାଲ ଖମାରେ ଭର୍ତ୍ତି ହୋଇ ରାସ୍ତାର ଅଧିକାଂଶ ସ୍ଥାନରେ ଗୋଡ଼ି ବାହାରି ପଡ଼ି ଥିବାରୁ ପଥଚାରୀ ଜନସାଧାରଣ ଓ ବାଇକ୍ ଚାଳକ ଯିବା ଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ପ୍ରତିଦିନ ଛାତ୍ର ଛାତ୍ରୀ ମଧ୍ୟ ଯିବା ଆସିବା କରୁ ଥିଲା ବେଳେ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ହେଉ ଥିବା ନଜିର ରହିଛି।

## ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ଲକ୍ଷ୍ୟରେ ୪୪ ଦିନିଆ ଅଭିଯାନ

ବାରିପଦା,୩୦।୯(ସଂଚାର ବ୍ୟୁରୋ): ଶିଶୁ ଶ୍ରମ ପ୍ରଥାର ନିରାକରଣ ତଥା ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା, ସୁରକ୍ଷା ଓ ଏକ ସୁନିଶ୍ଚିତ ଭବିଷ୍ୟତ ସହିତ ଯୋଡ଼ିବା ଲକ୍ଷ୍ୟରେ ଜିଲ୍ଲାରେ ୪୪ ଦିନିଆ ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ ଅଭିଯାନ ଆୟୋଜନ ହେବ। ଆସନ୍ତା ୨ ଅକ୍ଟୋବରରୁ ୧୪ ନଭେମ୍ବର, ଶିଶୁ ଦିବସ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ମୟୂରଭଞ୍ଜ ଜିଲ୍ଲାର ୪୦୪ଟି ଗ୍ରାମ ପଞ୍ଚାୟତକୁ ସାମିଲ କରି ଏହି ଅଭିଯାନକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯିବ। ଅଭିଯାନ ଅବଧିରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ୨୦୨୯ ସୁଦ୍ଧା ନିଜ ଅଞ୍ଚଳକୁ ଶିଶୁ ଶ୍ରମମୁକ୍ତ କରିବା ପାଇଁ ସାମୂହିକ ସଂକଳ୍ପ ଗ୍ରହଣ କରିବେ। ଏହି ଅବସରରେ ଗ୍ରାମ ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ, ପଦଯାତ୍ରା, ସଚେତନତା ସଭା, ସଂକଳ୍ପ ଗ୍ରହଣ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଶିଶୁ ଶ୍ରମିକଙ୍କ ଚିହ୍ନଟ ଓ ଉଦ୍ଧାର ସହିତ ଉଦ୍ଧାର ହୋଇଥିବା ଶିଶୁମାନଙ୍କର ପୁନର୍ବାସ, ଶିକ୍ଷା ଓ ଆବଶ୍ୟକୀୟ ସାମାଜିକ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ମଧ୍ୟ ଅଭିଯାନରେ ଗୁରୁତ୍ୱ ଦିଆଯିବ। ଶିଶୁ ଶ୍ରମମୁକ୍ତ ସମାଜ ଗଠନ ପାଇଁ ପ୍ରଶାସନିକ ପଦକ୍ଷେପ ସହିତ ଜନସଚେତନତା ଓ ସାମୂହିକ ଅଂଶଗ୍ରହଣ ଅତ୍ୟନ୍ତ ଆବଶ୍ୟକ। ଏଥିପାଇଁ ଗ୍ରାମ ପଞ୍ଚାୟତ ପ୍ରତିନିଧି, ଜନପ୍ରତିନିଧି, ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷକ, ଅଭିଭାବକ, ସ୍ୱେଚ୍ଛାସେବୀ ସଂଗଠନ ଓ ଜନସାଧାରଣଙ୍କୁ ଅଭିଯାନରେ ସକ୍ରିୟ ଭାବେ ସାମିଲ କରାଯିବ।

● ଦାବି ପୂରଣ ନହେଲେ ୧୨ରୁ କାର୍ଯ୍ୟବନ୍ଦ

# ୫୫ ବର୍ଷରେ ପରୀକ୍ଷା ନିୟମ ପ୍ରତ୍ୟାହାର ସହ ଭତ୍ତା ବୃଦ୍ଧି ଓ ଅବସରକାଳୀନ ସହାୟତା ଦାବି

କୋରାପୁଟ,୩୦।୯(ସଂଚାର ବ୍ୟୁରୋ): ଅଙ୍ଗନୱାଡି କର୍ମୀଙ୍କ ବିଭିନ୍ନ ସମସ୍ୟା ଓ ଦାବିକୁ ନେଇ କୋରାପୁଟରେ ସ୍ୱର ଉଠାଇଛି ଜିଲ୍ଲା ଅଙ୍ଗନୱାଡି ଲେଡିଜ୍ କର୍ମଚାରୀ ସଂଘ। ଗୁରୁବାର କୋରାପୁଟଠାରେ ସଂଘ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦାବିଗୁଡ଼ିକ ଶୀଘ୍ର ପୂରଣ ନହେଲେ ଆସନ୍ତା ୧୨ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଘୋଷଣା କରାଯାଇଛି। ସଂଘର ସଭାନେତ୍ରୀ ସଂଯୁକ୍ତା ସାହୁ କହିଛନ୍ତି ଯେ, ୫୫ ବର୍ଷ ବୟସରେ ପରୀକ୍ଷା କରାଯିବା ସମ୍ପର୍କିତ ନିୟମକୁ ତୁରନ୍ତ ପ୍ରତ୍ୟାହାର କରାଯିବା ଆବଶ୍ୟକ। ଏହା ବଦଳରେ ୬୦ ବର୍ଷ ବୟସରେ ପରୀକ୍ଷା କରାଯାଇ ଅଙ୍ଗନୱାଡି କର୍ମୀଙ୍କୁ ୬୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟରେ ରଖିବାକୁ ସଂଘ ଦାବି କରିଛି। ଅନ୍ୟପକ୍ଷରେ ମାସିକ ଭତ୍ତା ବୃଦ୍ଧି ଦାବି ମଧ୍ୟ ଜୋରଦାର କରାଯାଇଛି। ସଂଘର କହିବାନୁସାରେ, ଅଙ୍ଗନୱାଡି କର୍ମୀମାନେ ନିୟମିତ ଦରମା ପରିବର୍ତ୍ତେ ମାସିକ ଭତ୍ତା ପାଉଥିବା ବେଳେ ବର୍ତ୍ତମାନର ୧୦ ହଜାର ଟଙ୍କା ଭତ୍ତାରେ ପରିବାର ଚଳାଇବା କଷ୍ଟକର ହେଉଛି। ତେଣୁ ଭତ୍ତା ବୃଦ୍ଧି ସହ ଅବସର ସମୟରେ ୫ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ପାଇଁ ଦାବି କରାଯାଇଛି।ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଦାବିଗୁଡ଼ିକ ପ୍ରତି ସରକାରଙ୍କ ପକ୍ଷରୁ ସକାରାତ୍ମକ ପଦକ୍ଷେପ ନିଆନଗଲେ ୧୨ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ। ଏହା ସତ୍ତ୍ୱେ ଦାବି ପୂରଣ ନହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ଅନଶନ ଭଳି କଠୋର ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ସଂଘ ଚେତାବନୀ ଦେଇଛି। ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାନେତ୍ରୀ ସଂଯୁକ୍ତା ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ।

● ଲଗାଣ ବର୍ଷାରେ ୫୦ ପରିବାରଙ୍କୁ ସହାୟତାର ହାତ

# ପ୍ରଧାନଶିକ୍ଷକ ଦେଖାଇଲେ ମାନବିକତା

ବୋରିଗୁମ୍ମା,୩୦।୯(ସଂଚାର ବ୍ୟୁରୋ): ବୋରିଗୁମ୍ମା ବ୍ଲକ ନୁଆଁ ଗାଁ ପଞ୍ଚାୟତରେ ବାତ୍ୟା 'ଅର୍ଣ୍ଣବର' ପ୍ରଭାବରେ ଚାରି ଦିନ ଧରି ପାଣିଘେରରେ ଥିବା ଏବଂ ଜଳମଗ୍ନ ହୋଇ ଘର ଭାଙ୍ଗିଯାଇଥିବା ପଚାଶରୁ ଉର୍ଦ୍ଧ୍ୱ ପରିବାରଙ୍କୁ ଆର୍ଥିକ ସହାୟତା ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଛନ୍ତି ସ୍ଥାନୀୟ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ। ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ବଳିୟାର ସିଂ ଲୋକଙ୍କ ଦୁଃଖ ବୁଝି ମାନବିକତା ଦେଖାଇ ୫୦ରୁ ଉର୍ଦ୍ଧ୍ୱ ଘର ବନ୍ୟା ବିପନ୍ନଙ୍କୁ ଆର୍ଥିକ ସହାୟତା ରେ ୫୦୦ ଟଙ୍କା, ୫ କିଲ ଚାଉଳ, ୧ ଲିଟର ରନ୍ଧା ତେଲ, ୧ କିଲ ଡାଲି, ଲୁଣ ସହିତ ବିସ୍କୁଟ ଚୁଡା ଶୁଖିଲା ଖାଦ୍ୟ ସାମଗ୍ରୀ ଓ ପାନୀୟଜଳର ବ୍ୟବସ୍ଥା କରି ଗାଁରେ ପହଞ୍ଚିଥିଲେ ବୋରିଗୁମ୍ମା ବ୍ଲକ ଅଧୀନରେ ଥିବା ନୁଆଁ ଗାଁରେ, ପ୍ରଧାନଶିକ୍ଷକ ଶ୍ରୀ ବଳିୟାର ସିଂ ଓ ତାଙ୍କୁ ସାହାଯ୍ୟ ଓ ସହଯୋଗରେ ଗ୍ରାମର କିଛି ଯୁବପିଢ଼ି ଏକତ୍ରିତ ହୋଇ ବନ୍ୟା ପ୍ରଭାବିତ ପରିବାରଙ୍କ ନିକଟରେ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି। ବିପଦ ସମୟରେ ଏଭଳି ସହଯୋଗ ପାଇଥିବାରୁ ବନ୍ୟା ବିପନ୍ନ ପରିବାର ଦୁର୍ଯ୍ୟୋଧନ ବଳିଆର ସିଂ ଏବଂ ଯୁବପିଢ଼ିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦୁର୍ଯ୍ୟୋଧନ ବଳିଆର ସିଂ ଙ୍କ ଏହି ମାନବିକ ପଦକ୍ଷେପ ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ତେଣୁ ଆଗାମୀ ଦିନରେ ଯଦି ଏଭଳି ବନ୍ୟା ବାତ୍ୟା ଓ ବିପଦ ସମୟରେ ଶ୍ରୀ ବଳିୟାର ସିଂ ନିଜର ସାମର୍ଥ୍ୟ ଅନୁଯାୟୀ ସାହାଯ୍ୟ କରିବେ ବୋଲି କହିଛନ୍ତି।ଏହି ସହାୟତା ବନ୍ୟା ବିପନ୍ନ ପରିବାର ଗୁଡ଼ିକୁ କିଛିଟା ଆଶ୍ୱସ୍ତି ଦେଇଛି।